# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ସେପ୍ଟେମ୍ବର ୨୦/୨୦୨୧ (୧୨ ପୃଷ୍ଠା) | Rayagada, Monday, September 20/2021 ★

୧୧ଶ ଭାଗ ୨୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




**ବୁମ୍‌ରାଙ୍କ ଶତକ ମ୍ୟାଚ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷରେ ୧୦୦ତମ ମ୍ୟାଚ ଖେଳିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର ଯଶପ୍ରୀତ୍ ବୁମ୍‌ରା।

୧୧

୧୦

**୨୧ ଦିନ ପାଣି ପିଇ ରହିବେ ନର୍ଗିସ୍**

ବଲିଉଡ୍ ଅଭିନେତ୍ରୀ ନର୍ଗିସ୍ ଫକ୍‌ରି ୱାଟର ପାଷ୍ଟିଂ କରି ୨୧ ଦିନ କିଛି ନ ଖାଇ ରହିବେ ବୋଲି କହିଛନ୍ତି।





ଭୁବନେଶ୍ୱର ଶିରିପୁର ନିକଟସ୍ଥ ଶତାବ୍ଦୀନଗର ମୁଖ୍ୟ ନାଳରେ ନିଖୋଜ ଛାତ୍ର ଜ୍ୟୋତି ପ୍ରକାଶ ବେହେରାଙ୍କୁ ଅଗ୍ନିଶମ କର୍ମଚାରୀମାନେ ଖୋଜାଖୋଜି କରୁଛନ୍ତି।

# ବିରୋଧୀ ଶୂନ ସରକାର

## ନାଗାଲାଣ୍ଡରେ ସମସ୍ତ ବିଧାୟକ ଶାସକ, ଦେଶରେ ପ୍ରଥମ

*ରାଜ୍ୟର ବିକାଶ ସାଧନରେ ଉଭୟ ଶାସକ ଓ ବିରୋଧୀ ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ଦୋଷ ଦୁର୍ବଳତା ଲୋକଲୋଚନକୁ ଆଣି ଗଣତନ୍ତ୍ରକୁ ସୁଦୃଢ଼ କରିବା ହେଉଛି ବିରୋଧୀଙ୍କ କର୍ତ୍ତବ୍ୟ। କିନ୍ତୁ ଏହାର ବ୍ୟତିକ୍ରମ ଦେଖାଦେଇଛି ନାଗାଲାଣ୍ଡରେ। ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ଶାସକ ଓ ବିରୋଧୀ ଦଳଗୁଡ଼ିକ ମିଶି ଏକ ସର୍ବଦଳୀୟ ସରକାର ଗଠନ କରିଛନ୍ତି। ଫଳରେ ବିଧାନସଭାରେ ଆଉ ବିରୋଧୀ ଦଳ ରହିବେ ନାହିଁ। ଗୃହର ସମସ୍ତ ସଦସ୍ୟ ଶାସକ ମେଣ୍ଟର। ଏହା ସଂଯୁକ୍ତ ଗଣତାନ୍ତ୍ରିକ ମେଣ୍ଟ(ୟୁଡିଏ) ସରକାର ନାମରେ ପରିଚିତ ହେବ ବୋଲି ରବିବାର ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଫିଉ ରିଓ ଘୋଷଣା କରିଛନ୍ତି। ତେବେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସର୍ବଦଳୀୟ ବୈଠକ କରିବା ଭଳି ସର୍ବଦଳୀୟ ସରକାର ଚଳାଇବାର ଔଚିତ୍ୟ କେତେ ତାକୁ ନେଇ ପ୍ରଶ୍ନ ଉଠିଛି।*



ନେଫିଉ ରିଓ

**କୋହିମା,୧୯।୯**

ନାଗାଲାଣ୍ଡରେ ଏକ ବିଚିତ୍ର ରାଜନୈତିକ ଘଟଣାକ୍ରମ ଦେଖିବାକୁ ମିଳିଛି। ବିଧାନସଭାର ଶାସକ ଓ ବିରୋଧୀ ଦଳଗୁଡ଼ିକ ମିଶି ଏକ ବିରୋଧୀ ବିହୀନ ସରକାର ଗଠନ ପାଇଁ ଆଗେଇ ଆସିଛନ୍ତି। କୋହିମାସ୍ଥିତ ଷ୍ଟେଟ୍ ବେନ୍‌କ୍ୱେଟ୍ ହଲରେ ଆୟୋଜିତ ଏକ ବୈଠକରେ ନ୍ୟାଶନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ ପାର୍ଟି (ଏନ୍‌ଡିପିପି), ଭାରତୀୟ ଜନତା ପାର୍ଟି (ଭାଜପା), ନାଗା ପିପୁଲ୍ସ ଫ୍ରଣ୍ଟ (ଏନ୍‌ପିଏଫ୍) ଏବଂ ସ୍ୱାଧୀନ ବିଧାୟକମାନେ ଯୋଗଦେଇଥିଲେ। ଉକ୍ତ ବୈଠକରେ ରାଜ୍ୟରେ ୟୁଡିଏ ନାମରେ ଏକ ବିପକ୍ଷ ବିହୀନ ସରକାର ଗଢ଼ିବା ପାଇଁ ଶାସକ ଓ ବିରୋଧୀ ସର୍ବସମ୍ମତିକ୍ରମେ ସଂକଳ୍ପନାମା ଗୃହୀତ କରିଛନ୍ତି। ଅଗଷ୍ଟ ୧୧ରେ ଏନ୍‌ଡିପିପି, ୧୨ରେ ଭାଜପା ଏବଂ ୧୩ ତାରିଖରେ ଏନ୍‌ପିଏଫ୍ ଏଥିରେ ସ୍ୱାକ୍ଷର କରିଛନ୍ତି। ସଂକଳ୍ପନାମା ଅନୁସାରେ ଗୃହ ମିଳିତ ଭାବେ ଏହି ନିଷ୍ପତ୍ତି ନେଇଥିବା ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଫିଉ ରିଓ ରବିବାର ଏକ ବିବୃତିରେ ଜଣାଇଛନ୍ତି। ଏହି ବିବୃତିରେ ଉପମୁଖ୍ୟମନ୍ତ୍ରୀ ୱାଇ. ପାଟ୍ଟୋନ, ଏନ୍‌ଡିପିପି ଅଧ୍ୟକ୍ଷ ଚିଙ୍ଗ୍‌ୱାଙ୍ଗ୍ କୋନ୍ୟାକ, ଭାଜପା ସଭାପତି ତେମ୍‌ଜେନ୍ ଇମ୍ନାଙ୍କ ସହ ଏନ୍‌ପିଏଫ୍‌ଏଲ୍‌ପି ନେତା ଟି.ଆର. ଜେଲିଆଙ୍ଗ୍, ☞ପୃଷ୍ଠା-୪

# ନଭେମ୍ବରରେ ଦଶମ, ଦ୍ୱାଦଶ ଟର୍ମ-୧ ପରୀକ୍ଷା

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦଶମ ଓ ଦ୍ୱାଦଶର ଟର୍ମ-୧ ପରୀକ୍ଷା ଆସନ୍ତା ନଭେମ୍ବରରେ ହେବ। ଏ ନେଇ ସିବିଏସ୍‌ଇ ପକ୍ଷରୁ ରବିବାର ଘୋଷଣା କରିଛି। କେଉଁ ତାରିଖରୁ ପରୀକ୍ଷା ଆରମ୍ଭ କରାଯିବ ତାହା ଅକ୍ଟୋବର ମଧ୍ୟରେ ଜଣାଯିବ। କିନ୍ତୁ ନଭେମ୍ବର ମଧ୍ୟ ବେଳକୁ ପ୍ରଥମ ଟର୍ମ ପରୀକ୍ଷା ହେବ। ଏହି ପରୀକ୍ଷାରେ ପ୍ରତି ବିଷୟ ପାଇଁ ଅବଧି ୯୦ ମିନିଟ୍ ରହିବ। ଏଥିରେ ଏମ୍‌ସିକ୍ୟୁ ପ୍ରଶ୍ନ ପଡ଼ିବ। ତେବେ ପରୀକ୍ଷାକୁ ଅନ୍‌ଲାଇନ୍‌ରେ ନ କରିବା ପାଇଁ ବୋର୍ଡ ଚେଷ୍ଟା କରୁଛି। ଦଶମ ଓ ଦ୍ୱାଦଶରେ ଦୁଇଟି ଟର୍ମରେ ବୋର୍ଡ ପରୀକ୍ଷା ହେବ ବୋଲି ପୂର୍ବରୁ ବୋର୍ଡ ଘୋଷଣା କରିଥିଲା। ଦୁଇଟି ଟର୍ମରେ ଯେଉଁଥିରେ ଭଲ ନମ୍ବର ରହିଥିବ ତାହାକୁ ଅଧାର କରି ଫାଇନାଲ ମାର୍କ ଦିଆଯିବ। ଯଦି କୌଣସି ପରିସ୍ଥିତିରେ ଟର୍ମ-୨ ପରୀକ୍ଷା ହୋଇପାରିବ ନାହିଁ, ସେ କ୍ଷେତ୍ରରେ ଟର୍ମ-୧କୁ ବିଚାରକୁ ନିଆଯାଇ ମାର୍କ ଦିଆଯିବ ବୋଲି ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ସ୍ୱୟଂମ ଭରଦ୍ୱାଜ କହିଛନ୍ତି। ତେବେ ଟର୍ମ-୨ ସବ୍‌ଜେକ୍ଟିଭ୍ ☞ପୃଷ୍ଠା-୪

# ନାଳରେ ଭାସିଗଲେ ଛାତ୍ର

## ରାଜଧାନୀରେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

ରାଜଧାନୀର ବିପର୍ଯ୍ୟସ୍ତ ଡ୍ରେନ୍ ବ୍ୟବସ୍ଥା ଏବେ ସ୍ମାର୍ଟସିଟିବାସୀଙ୍କ ପାଇଁ କାଳ ପାଲଟିଛି। ମୁକୁଳା ଡ୍ରେନ୍ ଜୀବନ ନେଉଛି। ଗତ ୫ବର୍ଷରେ ୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ଜଣେ ଦଶମ ଶ୍ରେଣୀ ଛାତ୍ର ଡ୍ରେନ୍‌ରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଟ୍ୟୁଶନ ସାର୍‌ଙ୍କ ପାଖକୁ ଯାଉଥିବାବେଳେ ରବିବାର ଅପରାହ୍ନ ପ୍ରାୟ ୨ଟାରେ ଖଣ୍ଡଗିରି ଥାନା ଶିରିପୁର ଶତାବ୍ଦୀନଗର ବ୍ୟାଙ୍କ୍ କଲୋନୀରେ ଏହି ଦୁଃଖଦ ଘଟଣା ଘଟିଛି। ନିଖୋଜ ଛାତ୍ର ଜଣକ ହେଲେ ବରମୁଣ୍ଡା ☞ପୃଷ୍ଠା-୪



ଭାସି ଯାଇଥିବା ଜ୍ୟୋତିପ୍ରକାଶ ବେହେରା

### ୬ବର୍ଷରେ ଯାଇଛି ୫ ଜୀବନ

୨୦୧୯ ଜୁଲାଇ ୨୫ରେ ନୟାପଲ୍ଲୀ ଏକାମ୍ର ଭିଲ୍ଲା ଛକର ମୁକୁଳା ଡ୍ରେନ୍‌ରେ ଭାସିଯାଇ ଟି. ଆପ୍ପାଲାମା ନାମକ ମହିଳା (୬୫)ଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ ଅଗଷ୍ଟରେ ୟୁନିଟ୍-୬ ପିଟୁପଡ଼ିଆ ବସ୍ତିରେ ରହୁଥିବା ହରି ପଟ୍ଟନାୟକ ମୁକୁଳା ଡ୍ରେନ୍‌ରେ ଖସି ପଡ଼ି ପ୍ରାଣ ହରାଇଥିଲେ। ଏହାପୂର୍ବରୁ ୨୦୧୭ରେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୧୫ରେ ଜଣେ ୯ବର୍ଷର ବାଳକ ନୟାପଲ୍ଲୀ ମମ୍‌ତାଜ୍ ଅଲ୍ଲୀ ହାଇସ୍କୁଲ୍ ନିକଟ ମୁକୁଳା ଡ୍ରେନ୍‌ରେ ଭାସିଯାଇଥିଲେ।

# ଚରଣଜିତ୍ ପଞ୍ଜାବ ମୁଖ୍ୟମନ୍ତ୍ରୀ

## ଆଜି ଶପଥ ନେବେ

**ଚଣ୍ଡିଗଡ଼, ୧୯।୯(ପି.ଟି.)**

ଚରଣଜିତ୍ ସିଂ ଚନି ପଞ୍ଜାବର ନୂଆ ମୁଖ୍ୟମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ରବିବାର ପଞ୍ଜାବ କଂଗ୍ରେସ ବିଧାୟକ ଦଳ (ସିଏଲ୍‌ପି) ବୈଠକ ବସି ତାଙ୍କୁ ନେତା ନିର୍ବାଚନ କରାଯାଇଥିଲା। ଏହା ପରେ ସେ ରାଜ୍ୟପାଳ ବନୱାରିଲାଲ୍ ପୁରୋହିତଙ୍କୁ ଭେଟି ସରକାର ଗଠନ ଲାଗି ଦାବି ଉପସ୍ଥାପନ କରିଛନ୍ତି। ସୋମବାର ପୂର୍ବାହ୍ନ ୧୧ଟାରେ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଚରଣଜିତ୍ ଶପଥ ନେବେ। ପଞ୍ଜାବ ବିଧାନସଭା ନିର୍ବାଚନ ଆଉ ୫ ମାସରୁ କମ୍ ସମୟ ଥିବାବେଳେ ପ୍ରଦେଶ କଂଗ୍ରେସ ☞ପୃଷ୍ଠା-୪



ଚରଣଜିତ୍ ସିଂ ଚାନି

**ଆଜିର ସମ୍ପାଦକୀୟ**

**ହାଇକମାଣ୍ଡ ମାନସିକତା**






# ଓଡ଼ିଆରେ ଇଞ୍ଜିନିୟରିଂ ପାଠପଢ଼ା

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

- ଆସନ୍ତା ଶିକ୍ଷାବର୍ଷରୁ ଲାଗୁ ହେବ
- ଉପକୃତ ହେବେ ପଛୁଆ ଅଞ୍ଚଳର ପିଲା
- ସିଟ୍ ପୂରଣ ହେବା ଆଶା

ଆସନ୍ତା ଶିକ୍ଷାବର୍ଷରୁ ଓଡ଼ିଆରେ ପଢ଼ାଯିବ ଇଞ୍ଜିନିୟରିଂ। ଏନେଇ ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍ନିକାଲ ଏଜୁକେଶନ(ଏଆଇସିଟିଇ) ପକ୍ଷରୁ ଗ୍ରୀନ୍ ସିଗ୍‌ନାଲ୍ ମିଳିସାରିଛି। ତେବେ କିଭଳି ଓଡ଼ିଆରେ ପଢ଼ାହେବ, ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ନିକଟରେ ଏଆଇସିଟିଇ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଆଇସିଟିଇର ଚେୟାରମ୍ୟାନ ପ୍ରଫେସର ଅନୀଲ ସହସ୍ରବୁଦ୍ଧେ ଅଧ୍ୟକ୍ଷତା କରିଥିଲେ। ସେଥିରେ ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ପଢ଼ାଇବାକୁ ନେଇ ନିଷ୍ପତ୍ତି ନିଆଯାଇଛି। ଏଥିଲାଗି ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା(ଆଇଓଏସ୍‌ଆର୍)ର ତତ୍ତ୍ୱାବଧାନରେ ଓଡ଼ିଆରେ ଇଞ୍ଜିନିୟରିଂ ପାଠ୍ୟ ପୁସ୍ତକ ପ୍ରସ୍ତୁତ ହେବ। ଏ ନେଇ ଖୁବ୍‌ଶୀଘ୍ର ସଂସ୍ଥା ଏକ କମିଟି ଗଠନ କରି ଅନୁବାଦ କାମ ଆରମ୍ଭ କରିବ। ☞ପୃଷ୍ଠା-୪







# କରୋନା, ବେକାରି ବଡ଼ ଚିନ୍ତା

*ଦେଢ଼ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ସାରା ବିଶ୍ୱର ସବୁଠୁ ବଡ଼ ଚିନ୍ତା ସାଜିଛି କରୋନା। ଅକାଳରେ ଅଗଣିତ ଜୀବନ ନେଇଛି ଏହି ମହାମାରୀ। କେବଳ ସରକାରୀ ତଥ୍ୟକୁ ଦେଖିଲେ ପ୍ରାୟ ୪୭ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି। କାହିଁ କେତେଗୁଣା ଜୀବିକା ମଧ୍ୟ ଉଜୁଡ଼ିଛି। ଏହି ମହାସଙ୍କଟ ପାଇଁ ସାରା ବିଶ୍ୱବାସୀ ଚିନ୍ତାରେ ରହିଛନ୍ତି। ହେଲେ ବେକାରି, ଦାରିଦ୍ର୍ୟ ଏବଂ ସାମାଜିକ ଅସମାନତା ମଧ୍ୟ ଲୋକଙ୍କୁ ଦୁଶ୍ଚିନ୍ତାରେ ପକାଇବାରେ ପଛରେ ନାହିଁ।*

## ଶ୍ରେଷ୍ଠ ୫ରେ ଆର୍ଥିକ, ରାଜନୈତିକ ଦୁର୍ନୀତି

**ପ୍ୟାରିସ୍,୧୯।୯**

କେଉଁ ସବୁ ପ୍ରସଙ୍ଗ ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଛି ସେନେଇ ଏକ ଅନ୍‌ଲାଇନ ସର୍ଭେ ଫ୍ରାନ୍ସର ଏକ ବହୁରାଷ୍ଟ୍ରୀୟ ମାର୍କେଟ ରିସର୍ଚ୍ଚ ସଂସ୍ଥା 'ଇପ୍‌ସୋସ୍' ପକ୍ଷରୁ ଗତ ଜୁଲାଇ ୨୩ରୁ ଅଗଷ୍ଟ ୬ ମଧ୍ୟରେ ହୋଇଥିଲା। 'ହ୍ୱାଟ୍ସ ୱରିଜ୍ ଦ ୱାର୍ଲ୍ଡ' ନାମକ ଏହି ସର୍ଭେରେ ଭାରତ, ଆମେରିକା ସମେତ ୨୮ଟି ଦେଶର ୧୬ରୁ ୭୪ ବର୍ଷ ବୟସ୍କ ଯାଏ ୧୯,୦୧୦ ଜଣଙ୍କୁ ସାମିଲ କରାଯାଇଥିଲା। ସର୍ଭେରେ ଭାଗ ନେଇଥିବା ଲୋକଙ୍କ ମଧ୍ୟରୁ ଏକ-ତୃତୀୟାଂଶରୁ ଅଧିକ (୩୭%) ମହାମାରୀ କରୋନାକୁ ନିଜ ଦେଶ ସମ୍ମୁଖୀନ ହେଉଥିବା ଶ୍ରେଷ୍ଠ ତିନୋଟି ପ୍ରସଙ୍ଗରେ ସ୍ଥାନିତ କରିଛନ୍ତି। ତଦନୁଯାୟୀ ଚିନ୍ତାର ତାଲିକାରେ ସର୍ବାଗ୍ରେ କରୋନା ରହିଥିବାବେଳେ ଦ୍ୱିତୀୟରେ ରହିଛି ବେକାରି (୩୧%) ଏବଂ ଦାରିଦ୍ର୍ୟ ଓ ସାମାଜିକ ଅସମାନତା (୩୧%)। ସେହିପରି ଆର୍ଥିକ/ରାଜନୈତିକ ଦୁର୍ନୀତି (୨୯%) ଏବଂ ଅପରାଧ ଓ ହିଂସା (୨୫%) ☞ପୃଷ୍ଠା-୪



ଧରିତ୍ରୀ
DHARITRI
ସୋମବାର, ୨୦ ସେପ୍ଟେମ୍ବର, ୨୦୨୧

## ବୋଟ୍ ଓଲଟି ୯ ମୃତ

ଚାଇନାର ଗୁଇଝୋଉ ପ୍ରଦେଶରେ ଏକ ଯାତ୍ରୀବାହୀ ବୋଟ୍ ଓଲଟି ପଡ଼ିବାରୁ ୯ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୬ ଜଣ ନିଖୋଜ ହୋଇଯାଇଛନ୍ତି। ସ୍ଥାନୀୟ ସମୟ ଅପରାହ୍ନ ୪ଟା ୫୦ରେ ଜାଙ୍ଗକେ ନଦୀରେ ଏହି ଦୁର୍ଘଟଣା ଘଟିଛି। ବୋଟ୍‌ର ଯାତ୍ରୀ କ୍ଷମତା ୪୦ ଥିବାବେଳେ ଅଧିକ ଲୋକ ଯାଉଥିବାରୁ ଏହା ବୁଡ଼ିଯାଇଥିବା ବିଶ୍ୱାସ କରାଯାଉଛି। ୯ଟି ମୃତଦେହ ମିଳିଥିବାବେଳେ ୪୦ ଜଣଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ୫୦ ବୋଟ୍ ସମେତ ୧୭ଟି ଟିମ୍ ନିୟୋଜିତ ହୋଇଛନ୍ତି।



### ସଂକ୍ଷେପରେ

## ୯ ହଜାର କୋଟି ଟଙ୍କାର ହେରୋଇନ୍ ଜବତ

**ଅହମଦାବାଦ, ୧୯।୯:** ଗୁଜରାଟର ମୁନ୍ଦ୍ରା ବନ୍ଦରରୁ ରାଜସ୍ୱ ଗୋଇନ୍ଦା ବିଭାଗ (ଡିଆର୍‌ଆଇ) ୯ ହଜାର କୋଟି ଟଙ୍କା ମୂଲ୍ୟର ହେରୋଇନ ଜବତ କରିଛି। ଏହି ନିଶାଦ୍ରବ୍ୟ ଆଫଗାନିସ୍ତାନରୁ ଆମଦାନୀ ହୋଇଥିବା ଜଣାପଡ଼ିଛି। ଅଧିକ ତଦନ୍ତ ଲାଗି ଡିଆର୍‌ଆଇ ଅଫିସରମାନେ କଣ୍ଟେନରଗୁଡ଼ିକୁ ଅଟକାଇଥିଲେ। ସୁଗନ୍ଧିତ ପାଉଡର କଣ୍ଟେନର ଭିତରେ କୋଟି କୋଟି ଟଙ୍କାର ନିଶାଦ୍ରବ୍ୟ ଲୁଚାଇ ଅଣାଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଆନ୍ଧ୍ରପ୍ରଦେଶ ବିଜୟୱାଡ଼ାର ଆଶି ଟ୍ରେଡିଂ କମ୍ପାନୀ ଆଫଗାନିସ୍ତାନରୁ ଏହି ନିଶାଦ୍ରବ୍ୟ ଆମଦାନୀ କରିଥିବା ଅଭିଯୋଗ ହୋଇଛି। ରପ୍ତାନିକାରୀ କମ୍ପାନୀ କାନ୍ଦାହାରର ହାସନ ହୁସେନ୍ ଲିମିଟେଡ୍ ବୋଲି ଜଣାପଡ଼ିଛି।

## ତେଜସ୍ୱୀଙ୍କ ବିରୋଧରେ ଏତଲା ପାଇଁ କୋର୍ଟ ନିର୍ଦ୍ଦେଶ



**ପାଟନା, ୧୯।୯:** ୨୦୧୯ ଲୋକ ସଭା ନିର୍ବାଚନ ବେଳେ ଆର୍‌ଜେଡି ନେତା ଗୋଟିଏ ଟିକେଟ ପାଇଁ ୫ କୋଟି ଟଙ୍କା ନେଇଥିଲେ। ଏନେଇ ତେଜସ୍ୱୀ ଯାଦବ, ମିସା ଯାଦବଙ୍କ ସମେତ ୬ ଜଣଙ୍କ ବିରୋଧରେ ଏତଲା ଦାଏର କରିବାକୁ ପାଟନାର ଏକ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। କଂଗ୍ରେସ ନେତା ସଞ୍ଜୀବ କୁମାର ସିଂଙ୍କ ଅଭିଯୋଗ ଅନୁଯାୟୀ ତାଙ୍କୁ ଭାଗଲପୁର ଆସନରୁ ଟିକେଟ ଦେବା ଲାଗି ଆର୍‌ଜେଡି ୫ କୋଟି ଟଙ୍କା ମାଗିଥିଲା। ଅଭିଯୋଗରେ ବିହାର କଂଗ୍ରେସ ସଭାପତି ମଦନମୋହନ ଝା, କଂଗ୍ରେସ ମୁଖପାତ୍ର ରାଜେଶ ରାଠୋର ଏବଂ ପୂର୍ବତନ କଂଗ୍ରେସ ନେତା ସଦାନନ୍ଦ ସିଂଙ୍କ ପୁଅ ଶୁଭାନନ୍ଦ ମୁକେଶଙ୍କ ନାଁ ରହିଛି। ଗତମାସ ୧୮ ତାରିଖରେ ସଞ୍ଜୀବ କୁମାର ପାଟନା ସିଜେଏମ୍ କୋର୍ଟରେ ମାମଲା ଦାଏର କରିଥିଲେ। ଲୋକ ସଭା ଟିକେଟ ନ ମିଳିବାରୁ ତାଙ୍କୁ ୨୦୨୦ ବିଧାନସଭା ନିର୍ବାଚନରେ ଟିକେଟ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ତାହା ମଧ ମିଳି ନ ଥିଲା ବୋଲି ସଞ୍ଜୀବ କୁମାର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

## ଉପହାର ନିଲାମରେ ଭାଗନେବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

**ନୂଆଦିଲ୍ଲୀ, ୧୯।୯(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଇଥିବା ଉପହାର ଓ ସ୍ମାରକୀଗୁଡ଼ିକର ନିଲାମ ହେବ। ଏହି ନିଲାମରୁ ଲବ୍ଧ ଅର୍ଥ 'ନମାମି ଗଙ୍ଗେ' ଉପକ୍ରମରେ ବିନିଯୋଗ ହେବ। ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ ପ୍ରଧାନମନ୍ତ୍ରୀ ରବିବାର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଉକ୍ତ ସାମଗ୍ରୀଗୁଡ଼ିକର ଇ-ଅକ୍ସନ ଡକାଯାଇଥିବାବେଳେ କ୍ରିଷ୍ଣା ନାଗର ଏବଂ ଏସ୍.ଏଲ୍. ଯଥିରାଜଙ୍କ ବ୍ୟାଡମିଣ୍ଟନ ରାକେଟ, ନୀରଜ ଚୋପ୍ରାଙ୍କ ଜାଭେଲିନ ଏବଂ ଲଭଲିନାଙ୍କ ଗ୍ଲୋଭ୍ସ ସମେତ ଭାରତୀୟ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ଷ୍ଟାର୍‌ମାନଙ୍କ କ୍ରୀଡ଼ା ଉପକରଣ ପାଇଁ ସର୍ବାଧିକ ବିଡ୍ ଆସିଛି।

## ଉତ୍ତରାଖଣ୍ଡରେ ଜିତିଲେ ବେରୋଜଗାରି ଭତ୍ତା ଦେବ ଏଏପି

**ନୂଆଦିଲ୍ଲୀ, ୧୯।୯:** ଆସନ୍ତା ବର୍ଷ ଉତ୍ତରାଖଣ୍ଡରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) କ୍ଷମତାକୁ ଆସିଲେ ବେରୋଜଗାରି ଭତ୍ତା ଦେବା ସହ ନିଯୁକ୍ତି କ୍ଷେତ୍ରରେ ରାଜ୍ୟର ଯୁବତୀ ଯୁବକଙ୍କ ଲାଗି ୮୦ ପ୍ରତିଶତ ସ୍ଥାନ ସଂରକ୍ଷଣ ରଖିବ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ରବିବାର ଉତ୍ତରାଖଣ୍ଡ ଗସ୍ତ କରିବା ଅବସରରେ ଉପରୋକ୍ତ ପ୍ରତିଶ୍ରୁତି ଦେଇଛନ୍ତି। ଏଏପି ସରକାର ରାଜ୍ୟରେ ଅନ୍ୟୁନ ୧ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ପ୍ରତି ପରିବାରରୁ ଜଣେ ନିଯୁକ୍ତି ନ ପାଇବା ପର୍ଯ୍ୟନ୍ତ ମାସିକ ୫ ହଜାର ଟଙ୍କା ବେରୋଜଗାରି ଭତ୍ତା ଯୋଗାଇ ଦିଆଯିବ। ଏଏପିକୁ ଜାତୀୟ ଦଳରେ ପରିଣତ କରିବା ଲାଗି ସମସ୍ତ ରାଜ୍ୟରେ ନିର୍ବାଚନ ଲଢ଼ିବାକୁ କେଜ୍‌ରିୱାଲ ଲକ୍ଷ୍ୟ ରଖିଛନ୍ତି। ଏଏପି ଯାହା କହେ, ତାହା କରିଥାଏ। ଚାଷୀଙ୍କୁ ୨୪ ଘଣ୍ଟା ବିଦ୍ୟୁତ ହେଉ କି ମାଗଣାରେ ପ୍ରତି ଘରକୁ ୩୦୦ ୟୁନିଟ ବିଦ୍ୟୁତ, ପ୍ରତ୍ୟେକ ପ୍ରତିଶ୍ରୁତି ଆମେ ପାଳନ କରିଛୁ ବୋଲି କେଜ୍‌ରିୱାଲ କହିଛନ୍ତି।

# କାନାଡ଼ାରେ ପୁଣି ସଂଖ୍ୟାଲଘୁ ସରକାର

## ଆଜି ପ୍ରଧାନମନ୍ତ୍ରୀ ନିର୍ବାଚନ


**କୋଭିଡ୍ ମହାମାରୀ ଭିତରେ କାନାଡାରେ ଶେଷ ହୋଇଛି ୩୬ ଦିନିଆ ନିର୍ବାଚନ ପ୍ରଚାର। ଆଗୁଆ ପାର୍ଲାମେଣ୍ଟ ଭଙ୍ଗ ପାଇଁ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ସୁପାରିସ କରିବା ପରେ ହାଉସ୍ ଅଫ୍ କମନ୍ସର ୩୩୮ ସଦସ୍ୟଙ୍କୁ ବାଛିବା ଲାଗି ଭୋଟଗ୍ରହଣ କରାଯିବ ବୋଲି ଅଗଷ୍ଟ ୧୫ରେ ଗଭର୍ନର ଜେନେରାଲ ମେରି ମେ ସିମୋନ୍ ଘୋଷଣା କରିଥିଲେ। ଦେଶରେ ସୋମବାର ହେବାକୁ ଯାଉଛି ୪୪ତମ ସାଧାରଣ ନିର୍ବାଚନ। କାନାଡାକୁ ପରବର୍ତ୍ତୀ ୪ ବର୍ଷ କିଏ ଶାସନ କରିବେ ତାହା ନିର୍ଦ୍ଧାରଣ କରିବେ ଦେଶବାସୀ। ବିବିସି ପୋଲ୍ ଟ୍ରାକର ଅନୁସାରେ ଟ୍ରୁଡୋଙ୍କ ଲିବେରାଲ ପାର୍ଟି ପୁଣି ସଂଖ୍ୟାଲଘୁ ସରକାର ଗଠନ କରିବା ନେଇ ୬୧% ସମ୍ଭାବନା ରହିଛି। ଲିବେରାଲ୍ସ ୩୧.୬% ସମର୍ଥନ ହାସଲ ସହ ୧୫୩ ଆସନ ଦଖଲ କରିପାରନ୍ତି, ଯାହାକି ମ୍ୟାଜିକ୍ ନମ୍ବରଠାରୁ ୧୭ କମ୍। ସେହିପରି ୩୧% ସମର୍ଥନ ସହ କଞ୍ଜରଭେଟିଭ୍ସ ୧୧୮ ଆସନ ଦଖଲ କରିପାରନ୍ତି ବୋଲି ସର୍ଭେ ଡାଟା ଅନୁଧ୍ୟାନ କରି ବିଶ୍ଳେଷକମାନେ ମତ ଦେଇଛନ୍ତି।**

ଓଟାଓ୍ବା, ୧୯।୯

ବିଶ୍ୱରେ କୋଭିଡ୍ ମହାମାରୀ ଏକ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଥିବାବେଳେ କାନାଡ଼ାରେ ୪୪ତମ ସାଧାରଣ ନିର୍ବାଚନ ସୋମବାର ଅନୁଷ୍ଠିତ ହେବାକୁ ଯାଉଛି। ଏଭଳି ସଙ୍କଟ ସମୟରେ ଦେଶରେ ନିର୍ବାଚନ କରିବାକୁ ନାପସନ୍ଦ କରିଛନ୍ତି ପ୍ରଧାନମନ୍ତ୍ରୀ ତଥା ଲିବେରାଲ ନେତା ଜଷ୍ଟିନ ଟ୍ରୁଡୋଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ତଥା କଞ୍ଜରଭେଟିଭ ପାର୍ଟି ନେତା ଏରିନ୍ ଓ ଟୋଲି । ଏହାକୁ ପାଣ୍ଡେମିକ୍ ଇଲେକ୍ସନ ବୋଲି ଟୋଲି ଆଖ୍ୟା ଦେଇଛନ୍ତି। କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଟ୍ରୁଡୋ ସରକାର ଭାଙ୍ଗି ଲୋକଙ୍କ ଜୀବନକୁ ବିପଦରେ ପକାଇ ନିର୍ବାଚନ କରୁଥିବାରୁ ପ୍ରଚାର କରିବାରେ ଅସୁବିଧା ସୃଷ୍ଟି ହେଉଛି ବୋଲି ଟୋଲି କହିଛନ୍ତି। ଅପରପକ୍ଷରେ ଏକକ ସଂଖ୍ୟାଗରିଷ୍ଠତା ସହ ପୁଣି ଥରେ ଶାସନ କ୍ଷମତାକୁ ଫେରିବାକୁ ଆଶା ରଖିଛନ୍ତି ଟ୍ରୁଡୋ। ଏକ ନିର୍ବାଚନୀ ପ୍ରଚାରରେ ଟ୍ରୁଡୋ ଛୋଟ ଛୋଟ ଦଳକୁ ଭୋଟ ଦେଇ ମୂଲ୍ୟବାନ ମତକୁ ନଷ୍ଟ ନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ୪୪ତମ କାନାଡା ପାର୍ଲାମେଣ୍ଟର ୩୩୮ ଆସନ ବିଶିଷ୍ଟ ହାଉସ୍ ଅଫ୍ କମନ୍ସ ସଦସ୍ୟ ନିର୍ବାଚନ ଲାଗି ଭୋଟଗ୍ରହଣ ହେବାକୁ ଯାଉଛି। କାନାଡାରେ ୨୭ ନିୟୁତ ଯୋଗ୍ୟ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୬ ନିୟୁତ ବିଗତ ୪ ଦିନ ଭିତରେ ଅଗ୍ରିମ ଭୋଟ ଦେଇସାରିଲେଣି। ଅନ୍ୟ ୧.୨ ନିୟୁତ ଭୋଟର ମେଲ୍ କିମ୍ବା ଇଲେକ୍‌ଶନ୍ସ କାନାଡା ଅଫିସରୁ ସ୍ପେଶାଲ ବାଲଟ ଗ୍ରହଣ କରିଛନ୍ତି। ସୋମବାର ହେବାକୁ ଥିବା ନିର୍ବାଚନରେ ୨୦ ନିୟୁତ ଭୋଟର ମତଦାନ କରିବେ। ୨୦୧୯ରେ ୬୭% ଅର୍ଥାତ୍ ୧୩ ନିୟୁତ ଭୋଟର ମତଦାନ କରିଥିଲେ। କୋଭିଡ୍ ସଂକ୍ରମିତମାନେ ସ୍ପେଶାଲ ବାଲଟ ନେଇଛନ୍ତି। ନିୟମ ଅନୁସାରେ ଏଭଳି ମତଦାତାଙ୍କୁ ବ୍ୟକ୍ତିଗତ ଭାବେ ଭୋଟ ଦେବାକୁ ସୁଯୋଗ ମିଳିବ ନାହିଁ। ସେମାନେ ଘରେ ଥାଇ ଭୋଟ ଦେବେ। ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ନେତୃତ୍ୱାଧୀନ ଲିବେରାଲ ପାର୍ଟି ଏବଂ ଏରିନ୍ ଓ' ଟୁଲେଙ୍କ ମୁଖ୍ୟ ବିରୋଧୀ ଦଳ କଞ୍ଜରଭେଟିଭ୍ ପାର୍ଟି ମଧ୍ୟରେ କଡ଼ା ଟକ୍କର ହେଉଛି। ଜଗମିତ୍ ସିଂଙ୍କ ନ୍ୟୁ ଡେମୋକ୍ରାଟିକ୍ ପାର୍ଟି ଭଳି ଛୋଟ ଦଳଗୁଡ଼ିକୁ ଭୋଟ ନ ଦେବାକୁ ମତଦାତାଙ୍କୁ ଉଭୟ ନେତା ଅନୁରୋଧ କରିଛନ୍ତି।

ପ୍ରକାଶଯେ, ଜଷ୍ଟିନ୍ ଟ୍ରୁଡୋ ୨୦୧୫ରୁ ଅପ୍ରବାସନ ନୀତିକୁ ଏକ୍ସପ୍ରେସ୍ ଏଣ୍ଟ୍ରି ଗେଟ୍ କାର୍ଯ୍ୟକ୍ରମ ଜରିଆରେ ବିସ୍ତାର କରିଛନ୍ତି। ଏହି କାର୍ଯ୍ୟକ୍ରମ ଅନୁସାରେ କାନାଡା ପକ୍ଷରୁ ୩.୪ ଲକ୍ଷ ଲୋକଙ୍କୁ ସ୍ଥାୟୀ ବାସିନ୍ଦା ମାନ୍ୟତା ଦିଆଯାଇଛି। ସେମାନଙ୍କ ମଧ୍ୟରୁ ସର୍ବାଧିକ ୨୫% ହେଉଛନ୍ତି ଭାରତୀୟ। ଚାଇନାର ୯% ଓ ଫିଲିପାଇନ୍ସର ୮% ଲୋକ ଏଭଳି ମାନ୍ୟତା ପାଇଛନ୍ତି। ୨୦୧୯ରେ କାନାଡାରେ ବସବାସ କରୁଥିବା ପ୍ରବାସୀଙ୍କ ମଧ୍ୟରୁ ୮୦% ହେଉଛନ୍ତି ଜି-୭ ରାଷ୍ଟ୍ରର। ୨୦୨୦ରେ କୋଭିଡ୍-୧୯ ମହାମାରୀ ସାରା ବିଶ୍ୱକୁ କବଳିତ କରିଥିବାବେଳେ କାନାଡାରେ ପ୍ରବାସୀଙ୍କ ସଂଖ୍ୟା ପୂର୍ବବର୍ଷ ତୁଳନାରେ ୫୦%କୁ ହ୍ରାସ ପାଇଥିଲା। ୨୦୨୦ରେ ଏହି ହାର ୧.୮% ଥିଲା।

> ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ଶାସନରେ କାନାଡାର ଲକ୍ଷ ଲକ୍ଷ ଲୋକ ହତାଶ ହୋଇଯାଇଛନ୍ତି। କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଟ୍ରୁଡୋ ସରକାର ଭାଙ୍ଗି ଲୋକଙ୍କ ଜୀବନକୁ ବିପଦରେ ପକାଇଦେଇଛନ୍ତି।
>
> **-ଏରିନ୍ ଓ' ଟୁଲେ, କଞ୍ଜରଭେଟିଭ୍ ପାର୍ଟି ନେତା**







ନିର୍ବାଚନ ପ୍ରଚାର କରୁଛନ୍ତି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ।

## ମୋଦି ହାୱା ବିଧାନସଭା ନିର୍ବାଚନ ଜିତାଇପାରିବନି



ବି.ଏସ୍. ୟେଦୁରପ୍ପା

ବେଙ୍ଗାଲୁରୁ, ୧୯।୯

ମୋଦି ହାୱାରେ କେବଳ ଲୋକ ସଭା ନିର୍ବାଚନ ଜିତି ହୁଏ। ବିଧାନସଭା ନିର୍ବାଚନରେ ବିଜୟୀ ହେବା ପାଇଁ ଭାଜପାକୁ ଗଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି ରବିବାର କର୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା କହିଛନ୍ତି। ରାଜ୍ୟ କୋର୍ କମିଟି ବୈଠକକୁ ବରିଷ୍ଠ ଭାଜପା ନେତା ୟେଦୁରପ୍ପା ସମ୍ବୋଧିତ କରି କହିଛନ୍ତି, ବିରୋଧୀଙ୍କୁ ନ୍ୟୂନ ମନେକରିବା ଅନୁଚିତ। ଏପରି କଲେ ଆଗାମୀ ନିର୍ବାଚନରେ ମହଙ୍ଗା ପଡ଼ିପାରେ। ଆମକୁ ଆଗାମୀ ବିଧାନସଭା ନିର୍ବାଚନରେ ୧୮୦ ଆସନ ଜିତିବାକୁ ପଡ଼ିବ। କଂଗ୍ରେସ ଏବଂ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ନେତାମାନେ ଭାଜପାରେ ଯୋଗଦେବା ପାଇଁ ଏବେଠୁ ଯୋଗାଯୋଗ କଲେଣି ବୋଲି ୟେଦୁରପ୍ପା କହିଛନ୍ତି। ପ୍ରକାଶ ଯେ, ୟେଦୁରପ୍ପା କର୍ଣାଟକର ମୁଖ୍ୟମନ୍ତ୍ରୀ ପଦରୁ ଜୁଲାଇ ୨୪ରେ ଇସ୍ତଫା ଦେବା ପରେ ବାସବରାଜ ବୋମାଇଙ୍କୁ ତାଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଛି।

## ଫେରିଲେ 'ଇନ୍‌ସ୍ପିରେଶନ-୪' ଯାତ୍ରୀ

ୱାଶିଂଟନ୍, ୧୯।୯

ସ୍ପେସ୍‌ଏକ୍ସ କ୍ୟାପସୁଲ ଯୋଗେ ମହାକାଶ ଭ୍ରମଣରେ ଯାଇଥିବା 'ଇନ୍‌ସ୍ପିରେଶନ-୪'ର ଯାତ୍ରୀମାନେ ଶନିବାର ସୁରକ୍ଷିତ ଭାବେ ଭୂପୃଷ୍ଠକୁ ଫେରିଛନ୍ତି। ୩ ଦିନର ଯାତ୍ରା ପରେ ସେମାନେ ଫ୍ଲୋରିଡା ଉପକୂଳ ନିକଟରେ ସ୍ପେସ୍‌ଏକ୍ସ ପାରାଶୁଟ୍ ଯୋଗେ ସ୍ଥାନୀୟ ସମୟ ସନ୍ଧ୍ୟା ପ୍ରାୟ ୭ଟାରେ ଅବତରଣ କରିଛନ୍ତି। ଆମେରିକାର ବିଶିଷ୍ଟ ବ୍ୟବସାୟୀ ଏଲନ୍ ମସ୍କଙ୍କ କମ୍ପାନୀ ସ୍ପେସ୍‌ଏକ୍ସ ସାଧାରଣ ନାଗରିକଙ୍କୁ ମହାକାଶ ଭ୍ରମଣରେ ନେବା ପାଇଁ ଆରମ୍ଭ କରିଥିବା ମିଶନରେ ପ୍ରଥମ କରି ୪ ଜଣ ଗତ ବୁଧବାର ଫାଲକନ-୯ ରକେଟ ଦ୍ୱାରା ସ୍ପେଶ୍ ଟୁରିଜମ୍‌ରେ ଯାଇଥିଲେ। ଆମେରିକୀୟ ବିଲିଓନାୟାର ଜାରେଡ୍ ଆଇଜାକ୍‌ମ୍ୟାନ(୩୮)ଙ୍କ ସହ ସିଆନ୍ ପ୍ରୋକ୍ଟର (୫୧), ହାଲେ ଆର୍କେନ୍ୟୁଅକ୍ସ (୨୯) ଏବଂ କ୍ରିସ୍ ସେମ୍ବ୍ରୋସ୍କି (୪୨)। ଏହି ଯାତ୍ରାକୁ ଶିଫ୍ଟ-୪ ପେମେଣ୍ଟ ଇଙ୍କ୍ କମ୍ପାନୀ ଚିଫ୍ ଏକଜିକ୍ୟୁଟିଭ ଆଇଜାକ୍‌ମ୍ୟାନ ଫଣ୍ଡିଂ କରିଥିଲେ। ସ୍ପେସ୍‌ଏକ୍ସ ସ୍ପେସ୍‌କ୍ରାଫ୍ଟ ଯୋଗେ ସେମାନେ ପୃଥିବୀ ପୃଷ୍ଠରୁ ପ୍ରାୟ ୫୮୫ କି.ମି. ଉଚ୍ଚକୁ ଯାତ୍ରା କରିଥିଲେ।



ଫ୍ଲୋରିଡାର ଆଟ୍ଲାଣ୍ଟିକ୍ ମହାସାଗର ଉପକୂଳରେ ମହାକାଶ ଯାତ୍ରୀମାନେ ପାରାଶୁଟ୍ ଯୋଗେ ଅବତରଣ କରୁଛନ୍ତି।

## ମହିଳା କର୍ମଚାରୀଙ୍କୁ ଘରେ ରହିବାକୁ କହିଲା କାବୁଲ ମ୍ୟୁନିସିପାଲିଟି

କାବୁଲ, ୧୯।୯

ତାଲିବାନ୍ ନିୟନ୍ତ୍ରଣରେ ଥିବା କାବୁଲ ମ୍ୟୁନିସିପାଲିଟି ଏହାର ମହିଳା କର୍ମଚାରୀମାନଙ୍କୁ ଘରେ ରହିବାକୁ ନିର୍ଦ୍ଦେଶ ଦେଇଛି। ଯେଉଁ କାର୍ଯ୍ୟ ପୁରୁଷ କର୍ମଚାରୀଙ୍କ ଦ୍ୱାରା କରାଯିବା ସମ୍ଭବ ନୁହେଁ, କେବଳ ସେହି କ୍ଷେତ୍ରରେ ମହିଳା କର୍ମଚାରୀଙ୍କୁ କାମ କରିବା ପାଇଁ ଅନୁମତି ଦିଆଯିବ ବୋଲି କାବୁଲ୍ ମ୍ୟୁନିସିପାଲିଟିର ଅନ୍ତରୀଣ ମେୟର ରବିବାର କହିଛନ୍ତି। ନୂଆ ତାଲିବାନ ଶାସନରେ ମହିଳାମାନଙ୍କ ପାଇଁ ଲଗାଯାଇଥିବା କଟକଣା ସମ୍ପର୍କରେ ଜଣାଇ ଦିଆଯାଇଛି। ଗତ ମାସରେ ଆଫଗାନିସ୍ତାନରେ କ୍ଷମତା ଦଖଲ କରିଥିବା ତାଲିବାନ ସହିଷ୍ଣୁ ହେବା ସହ ସମସ୍ତଙ୍କୁ ନେଇ ଶାସନ କରିବ ବୋଲି କହିଥିଲେ ମଧ୍ୟ କଠୋର ଇସ୍‌ଲାମୀୟ ଆଇନ ଲାଗୁ କରିଛି। ୯୦ ଦଶକରେ ତାଲିବାନ ନାରୀ ଶିକ୍ଷା ଓ ସେମାନଙ୍କ ନିଯୁକ୍ତିକୁ ବାରଣ କରିଥିଲା। ବର୍ତ୍ତମାନର ତାଲିବାନ୍ ସରକାର ଝିଅ ଓ ମହିଳାମାନଙ୍କୁ ମିଳିଥିବା ଅଧିକାର ଫେରାଇନେବାକୁ ବିଭିନ୍ନ ନିର୍ଦ୍ଦେଶନାମା ଜାରି କରିଛି। ମଧ୍ୟମ ଓ ହାଇସ୍କୁଲ୍ ଛାତ୍ରୀମାନଙ୍କୁ ସ୍କୁଲ୍ ନ ଆସିବାକୁ କୁହାଯାଇଛି। ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କୁ ଛାତ୍ରଙ୍କଠାରୁ ଅଲଗା ବସି ପାଠ ପଢ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୨୦୨୦ରେ ଯାଇଛି ୧.୨୦ ଲକ୍ଷ ଜୀବନ

### ଘାତକ ହେଉଛି ସଡ଼କ ଦୁର୍ଘଟଣା

ନୂଆଦିଲ୍ଲୀ, ୧୯।୯(ପି.ଟି.)

ଗତବର୍ଷ କୋଭିଡ୍-୧୯ ଲକ୍‌ଡାଉନ ସତ୍ତ୍ୱେ ସଡ଼କ ଦୁର୍ଘଟଣା ଜନିତ କାରଣରୁ ଦେଶରେ ୧.୨୦ ଲକ୍ଷ ଲୋକଙ୍କ ଜୀବନ ଯାଇଛି, ଅର୍ଥାତ ଦିନକୁ ହାରାହାରି ୩୨୮ ଜଣଙ୍କ ମୃତ୍ୟୁ ଘଟିଛି। ସରକାରୀ ତଥ୍ୟ ଅନୁଯାୟୀ ଗତ ୩ ବର୍ଷରେ ମୋଟ ୩.୯୨ ଲକ୍ଷ ଲୋକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ପକ୍ଷରୁ ପ୍ରକାଶିତ ୨୦୨୦ର କ୍ରାଇମ୍ ଇଣ୍ଡିଆ ରିପୋର୍ଟରୁ ଏହା ଜଣାପଡ଼ିଛି। ୨୦୧୯ରେ ୧.୩୬ ଲକ୍ଷ ଏବଂ ୨୦୧୮ରେ ୧.୩୫ ଲକ୍ଷ ଲୋକଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏହା ବ୍ୟତୀତ ୨୦୧୮ରୁ ୩ ବର୍ଷରେ ମୋଟ ୧.୩୫ ଲକ୍ଷ ହିଟ୍ ଆଣ୍ଡ ରନ୍ ମାମଲା ରୁଜୁ ହୋଇଛି। ଗତବର୍ଷ ୪୧,୧୯୬ ହିଟ୍ ଆଣ୍ଡ ରନ୍ ମାମଲା ହୋଇଥିବାବେଳେ ୨୦୧୯ରେ ୪୭,୫୦୪ ଏବଂ ୨୦୧୮ରେ ୪୭,୦୨୮ଟି ଏଭଳି ମାମଲା ରୁଜୁ ହୋଇଥିବା ଏନ୍‌ସିଆର୍‌ବି ରିପୋର୍ଟରୁ ଜଣାପଡ଼ିଛି। ବେପରୁଆ ଗାଡ଼ି ଚଳାଇ ଅନ୍ୟକୁ ଆଘାତ ଦେବା ଅଭିଯୋଗରେ ଗତବର୍ଷ ୧.୩୦ ଲକ୍ଷ ମାମଲା ରୁଜୁ ହୋଇଛି, ଯାହାକି ୨୦୧୯ରେ ୧.୬୦ ଲକ୍ଷ ଏବଂ ୨୦୧୮ରେ ୧.୬୬ ଲକ୍ଷ ଥିଲା। ୩ ବର୍ଷରେ ଗୁରୁତର ଆହତ ଘଟଣା ଯଥାକ୍ରମେ ୮୫,୯୨୦, ୧.୧୨ ଲକ୍ଷ ଏବଂ ୧.୦୮ ଲକ୍ଷ ରହିଛି।

ଗତବର୍ଷ ରେଳ ଦୁର୍ଘଟଣାରେ ୫୨ ଜଣଙ୍କ ମୃତ୍ୟୁ ହୋଇଛି, ଯାହାକି ୨୦୧୯ରେ ୫୫ ଏବଂ ୨୦୧୮ରେ ୩୫ ଥିଲା। ଚିକିତ୍ସା ଅବହେଳାଜନିତ ମୃତ୍ୟୁକୁ ନେଇ ଗତବର୍ଷ ୧୩୩ ମାମଲା ରୁଜୁ ହୋଇଛି, ଯାହାକି ୨୦୧୯ରେ ୨୦୧ ଏବଂ ୨୦୧୮ରେ ୨୧୮ ଥିଲା। ଅନ୍ୟାନ୍ୟ ଅବହେଳା କାରଣରୁ ୨୦୨୦ରେ ଅନ୍ୟ ୬,୩୬୭ ଜଣଙ୍କ ମୃତ୍ୟୁ ହୋଇଛି। ୨୦୧୯ରେ ଏଭଳି ମୃତ୍ୟୁସଂଖ୍ୟା ୭,୯୧୨ ଏବଂ ୨୦୧୮ରେ ୮,୬୮୭ ଥିଲା। ଗତବର୍ଷ ମାର୍ଚ୍ଚ ୨୫ରୁ ମେ' ୩୧ ପର୍ଯ୍ୟନ୍ତ ଦେଶରେ ସମ୍ପୂର୍ଣ୍ଣ ଲକ୍‌ଡାଉନ ଥିବାରୁ ଗାଡ଼ିମୋଟର ଚଳାଚଳ ଯଥେଷ୍ଟ କମ୍ ଥିଲା। ସେଥିପାଇଁ ମହିଳା, ଶିଶୁ, ବରିଷ୍ଠ ନାଗରିକଙ୍କ ପ୍ରତି ଅପରାଧ ମାମଲା କମ୍ ଥିଲା। ସେହିପରି ଚୋରି, ଡକାୟତି ମାମଲା ମଧ କମିଥିଲା। ତେବେ କୋଭିଡ୍ କଟକଣା ଅବମାନନା କରିବା ନେଇ ଅଧିକ ମାମଲା ରୁଜୁ ହୋଇଥିଲା ବୋଲି ରିପୋର୍ଟରେ କୁହାଯାଇଛି।



# ବାପାଙ୍କ ରାସ୍ତାରେ ଯିବେ କି ସାରା

### ଫିଲିପାଇନ୍ସ ରାଷ୍ଟ୍ରପତି ନିର୍ବାଚନ



ରୋଡ୍ରିଗୋ ଡୁଟେର୍ଟେ

ମାନିଲା, ୧୯।୯

କାର୍ଯ୍ୟକାଳ ସରିଆସୁଥିଲେ ବି କ୍ଷମତା ଛାଡ଼ିବାକୁ ନାରାଜ ଫିଲିପାଇନ୍ସ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେ। ଦ୍ୱିତୀୟ ପାଳି ପରେ ଜଣେ ଆଉଥରେ ଦେଶର ଶାସନ ମୁଖ୍ୟ ହେବା ପାଇଁ ନିୟମ ନ ଥିବାରୁ ଉପ-ରାଷ୍ଟ୍ରପତି ପଦରେ ରହିବାକୁ ଗୋଟି ଚଳାଇଛନ୍ତି ୭୬ ବର୍ଷୀୟ ରୋଡ୍ରିଗୋ। ତାଙ୍କ ନିର୍ଦ୍ଦେଶରେ ଚାଲୁଥିବା ବ୍ୟକ୍ତିଙ୍କୁ ରାଷ୍ଟ୍ରପତି କରି କଣ୍ଢେଇ ସଜାଇ କ୍ଷମତା ଡୋର ନିଜ ହାତରେ ରଖିବାକୁ ସେ ଉଦ୍ୟମ ଚଳାଇଥିବାବେଳେ ତାଙ୍କ ଝିଅ ସାରା ଡୁଟେର୍ଟେ ବାପାଙ୍କ ସ୍ଥାନ ନେବା ପାଇଁ ମୁଖ୍ୟ ଦାବିଦାର ହୋଇଛନ୍ତି। ୪୩ ବର୍ଷୀୟା ସାରା ହେଉଛନ୍ତି ଡାଭାଓ ସିଟିର ମେୟର।

ଜନ ସମର୍ଥନ ହାସଲରେ ମାହିର ସାରା ରାଷ୍ଟ୍ରପତି ପ୍ରାର୍ଥୀ ହେଲେ ନିର୍ବାଚନରେ ବିଜୟୀ ହେବାର ସମ୍ଭାବନା ଅଧିକ ରହିଥିବା ବିଶେଷଜ୍ଞ ମତ ରଖିଛନ୍ତି। ସେପଟେ ବାପ-ଝିଅଙ୍କଠାରୁ ଆସନ ଛଡ଼ାଇ ଆଣିବା ପାଇଁ ମଇଦାନକୁ ଓହ୍ଲାଇଛନ୍ତି ବକ୍ସିଂ ଷ୍ଟାର ମେନି ପାକ୍ୟୁଓ। ସେ ରବିବାର ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଛନ୍ତି।

ଦଶନ୍ଧି ତଳେ ରୋଡ୍ରିଗୋ ରାଷ୍ଟ୍ରପତି ହେବା ପୂର୍ବରୁ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସାରା। ଏକ ଜବରଦଖଲ ଉଚ୍ଛେଦ ଅଭିଯାନ ପାଇଁ ଡାଭାଓ ମେୟର ଭାବେ ସାରାଙ୍କ ନିର୍ଦ୍ଦେଶକୁ ଜଣେ ସ୍ଥାନୀୟ ଅଫିସର ଅଣଦେଖା କରିବା ସହ କାମ ବିଳମ୍ବ ହେବାରୁ ଗଣମାଧ୍ୟମ ତଥା ସର୍ବସାଧାରଣଙ୍କ ସମ୍ମୁଖରେ ସେ ସମ୍ପୃକ୍ତ ଅଧିକାରୀଙ୍କୁ ୪ ଥର ଚାପୁଡ଼ା ମାରିଥିଲେ। ବାଇକ୍ ଲଭର ସାରା ବାପାଙ୍କ ପଦାଙ୍କ ଅନୁସରଣ କରି ମାନିଲାର ମାଲାକାନାଙ୍ଗ ପ୍ୟାଲେସ୍‌କୁ ଯାଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ହେଲେ ଏ ପର୍ଯ୍ୟନ୍ତ ସେ ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ନିଜ ନାଁ ଘୋଷଣା କରି ନାହାନ୍ତି। ଏହା ସତ୍ତ୍ୱେ ଅନେକ ସ୍ଥାନରେ 'ରନ୍ ସାରା ରନ୍' ଲେଖାଥିବା ବ୍ୟାନର ସାରାଙ୍କ ଲୋକପ୍ରିୟତାକୁ ଦର୍ଶାଉଛି। ପଲ୍‌ସ ଏସିଆ ରିସର୍ଚ୍ଚ ଆକଳନ ଅନୁସାରେ ଯେ କୌଣସି ପାର୍ଟିର ପ୍ରାର୍ଥୀଙ୍କୁ ହରାଇବାରେ ସାରା ବେଶ ଦକ୍ଷ।

ଫିଲିପାଇନ୍ସ ଏକଦା ଏସିଆ ମହାଦେଶର ବିକାଶଶୀଳ ରାଷ୍ଟ୍ର ଭାବେ ପରିଗଣିତ ହେଉଥିବାବେଳେ କରୋନା ମହାମାରୀ ଯୋଗୁ ଏହାର ଅର୍ଥନୀତି ବେଶ୍ ପ୍ରଭାବିତ ହୋଇଛି। କୋଭିଡ୍ ପରିଚାଳନାରେ ରୋଡ୍ରିଗୋଙ୍କ ବିଫଳତା ନେଇ ଦେଶରେ ଜନଅସନ୍ତୋଷ ତେଜୁଛି। ଅନ୍ୟପକ୍ଷରେ ଡ୍ରଗ୍‌ସ ବିରୋଧୀ ଲଢ଼େଇ ବା ୱାର ଅନ୍ ଡ୍ରଗ୍‌ସ ଅଭିଯାନ ନାଁରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା ନେଇ ମଧ ରୋଡ୍ରିଗୋଙ୍କ ଉପରେ ଅଙ୍ଗୁଳି ଉଠିଛି। ଗତ ସପ୍ତାହରେ ଅନ୍ତର୍ଜାତୀୟ ଆପରାଧିକ କୋର୍ଟ (ଆଇସିସି) ଏହାର ତଦନ୍ତ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ଆଇସିସି ବିଚାରପତିଙ୍କ ସହ ଦୁର୍ବ୍ୟବହାର ଓ ମାଡ଼ ମାରିବା ଭଳି ଅଭିଯୋଗ ମଧ ତାଙ୍କ ବିରୋଧରେ ରହିଛି। ଏ ସବୁ ଭିତରେ ରୋଡ୍ରିଗୋ ଉପ-ରାଷ୍ଟ୍ରପତି ପଦରେ ରହି କ୍ଷମତା ଉପଭୋଗ ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି।

### ଡୁଟେର୍ଟେଙ୍କୁ ମନାଇବା ପାଇଁ ଲଣ୍ଡା ହୋଇଥିଲେ

ସାରାଙ୍କ ପୂରା ନାମ ଜିମରମ୍ୟାନ ଡୁଟେର୍ଟେ କ୍ୟାପ୍ରିଓ। ଇଦେ ସାରା ଭାବେ ପରିଚିତ ଏହି ରାଜନେତ୍ରୀ ଜଣେ ଓକିଲ ମଧ୍ୟ। ଡାଭିଗୋ ସିଟିର ମେୟର ହେବାରେ ସେ ହେଉଛନ୍ତି ପ୍ରଥମ ମହିଳା। ପୂର୍ବରୁ ସେ ସେଠାରେ ଉପ-ମେୟର ରହିଥିଲେ। ୨୦୧୫ ଅକ୍ଟୋବରରେ ବାପା ରୋଡ୍ରିଗୋଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ମନାଇବାକୁ ଯାଇ ସେ ନିଜେ ନିଜର ମୁଣ୍ଡନ କରିଦେଇଥିଲେ। ୨୦୧୬ରେ ବାପାଙ୍କ ପରେ ସେ ଡାଭାଓ ସିଟି ପାଇଁ ମେୟର ପଦରେ ଲଢ଼ି ବିଜୟୀ ହୋଇଥିଲେ। ତାଙ୍କ ଓକିଲ ସହଯୋଗୀ ମ୍ୟାନ୍‌ସ ଆର୍. କାପ୍ରିଓଙ୍କୁ ସେ ବିବାହ କରିଛନ୍ତି। ଜଣେ ପୋଷ୍ୟା କନ୍ୟାଙ୍କୁ ମିଶାଇ ତାଙ୍କର ୩ ସନ୍ତାନ ରହିଛନ୍ତି। ସେ ଜଣେ ବଳାତ୍କାର ପୀଡ଼ିତା ବୋଲି ମଧ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଉଲ୍ଲେଖ କରିଥିଲେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୯୧,୩୯,୦୯୩ | ୪୭,୦୩,୧୮୫ | ୨୦,୫୭,୬୧,୧୦୫ |
| ଭାରତ | ୩,୩୪,୭୭,୪୫୯ | ୪,୪୫,୧୫୫ | ୩,୨୭,୦୬,୯୧୬ |
| ଓଡ଼ିଶା | ୧୦,୨୦,୨୪୪ | ୮୧୩୫(+୫୩) | ୧୦,୦୭,୦୬୬ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୫ ଅଭିଯୁକ୍ତଙ୍କୁ ଜେରା

## ଡିଆର୍‌ଡିଓର ଗୁପ୍ତ ତଥ୍ୟ ଲିକ୍ ଘଟଣା

**କଟକ ଅଫିସ, ୧୯।୯**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ(ଡିଆରଡିଓ)ରୁ ଗୁପ୍ତ ତଥ୍ୟ ଲିକ୍ ଘଟଣାରେ ଗିରଫ ଅଭିଯୁକ୍ତମାନଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ୭ ଦିନିଆ ରିମାଣ୍ଡରେ ଆଣି ଜେରା ଆରମ୍ଭ କରିଛି। ରବିବାର ୨ଟି ପର୍ଯ୍ୟାୟରେ ୫ ଅଭିଯୁକ୍ତଙ୍କୁ ମାରାଥନ ଜେରା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ କ୍ରାଇମବ୍ରାଞ୍ଚର ୫ଜଣିଆ ଟିମ୍ ପ୍ରାୟ ଦୁଇ ଘଣ୍ଟା ଧରି ଅଭିଯୁକ୍ତମାନଙ୍କୁ ପଚରାଉଚରା କରିଥିଲା। କିଛି ସମୟର ବିରତିପରେ ମଧ୍ୟାହ୍ନରେ ପୁଣି ଦ୍ୱିତୀୟ ପର୍ଯ୍ୟାୟ ଜେରା କରାଯାଇଥିଲା। ତେବେ ତଥ୍ୟ ଆଦାୟ ପାଇଁ ସମସ୍ତ ଅଭିଯୁକ୍ତଙ୍କୁ ଅଲଗା ଅଲଗା ଭାବେ ଜେରା କରାଯାଇଥିବା ସୂଚନା ମିଳିଛି। ବିଶେଷକରି ସେମାନେ ରାଜ୍ୟ ବାହାରର କେଉଁ ସନ୍ଦିଗ୍ଧ ଯୁବତୀଙ୍କ ସହିତ ନିୟମିତ ଯୋଗାଯୋଗରେ ରହୁଥିଲେ, ସେମାନେ ଡିଆର୍‌ଡିଓର କେଉଁ କେଉଁ ତଥ୍ୟ ପ୍ରଦାନ କରିଛନ୍ତି ଓ ଏହା ବଦଳରେ କେତେ ଟଙ୍କା ପାଇଛନ୍ତି, ସେ ସମ୍ପର୍କରେ ପଚରାଯାଇଥିଲା।

ଅନ୍ୟପକ୍ଷରେ ଅଭିଯୁକ୍ତମାନଙ୍କ ହ୍ୱାଟ୍ସଆପ୍ ଚାଟିଂ, ମେସେଜ ଓ କଲ ରେକର୍ଡିଂକୁ ନେଇ କ୍ରାଇମବ୍ରାଞ୍ଚ ସାଇବର ସେଲ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତମାନେ ନିଜ ମୋବାଇଲରେ କଥା ହେବା ସହ ଅନେକ ସମୟ ଚାଟିଂ କରୁଥିଲେ। ମାତ୍ର ଗିରଫ ପୂର୍ବରୁ ସେମାନେ ସେସବୁ ମୋବାଇଲରୁ ଡିଲିଟ୍ କରିଦେଇଛନ୍ତି। ତେଣୁ ପୁରୁଣା ତଥ୍ୟ ସଂଗ୍ରହ ଲାଗି ସାଇବର ସେଲ୍‌ର ଗୋଟିଏ ଟିମ ରାଜ୍ୟ ବାହାରକୁ ଯିବ ବୋଲି ସୂଚନା ମିଳିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଟଙ୍କା ଦେଣନେଣ ନେଇ ତଦନ୍ତକାରୀ ଦଳକୁ ସମ୍ୟକ୍ ସୂଚନା ମିଳିଛି। ଉତ୍ତରପ୍ରଦେଶର ମୂଳବାସିନ୍ଦା ଅଭିଯୁକ୍ତ ସଚ୍ଚିନ କୁମାରଙ୍କ ଆକାଉଣ୍ଟକୁ ଟଙ୍କା ଆସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସେ ଉକ୍ତ ସଂସ୍ଥାର ସ୍ଥାୟୀ କର୍ମଚାରୀ। ତେଣୁ ଗୁପ୍ତତଥ୍ୟ ଲିକ୍ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିବା ସନ୍ଦେହ କରାଯାଉଛି। ଏପରିକି ତାଙ୍କ ଆକାଉଣ୍ଟକୁ ଆସୁଥିବା ଟଙ୍କାକୁ ସେ ଆଣି ସେ ଅନ୍ୟ ଅଭିଯୁକ୍ତଙ୍କୁ ଦେଉଥିବା ଅନୁମାନ କରାଯାଉଛି। ତେଣୁ ଏହାର ସତ୍ୟାସତ୍ୟ ଜାଣିବା ଉପରେ କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଦଳ ଗୁରୁତ୍ୱ ଦେଉଛି।

ହନିଟ୍ରାପ୍‌ର ଶିକାର ହୋଇ ଡିଆର୍‌ଡିଓର ୪ଜଣ ଠିକା କର୍ମଚାରୀ ଚାନ୍ଦିପୁର ଥାନା ଝାଁଟିଆ ଗ୍ରାମର ବସନ୍ତ ବେହେରା, ଜେନେରେଟର ଅପରେଟର ସଦର ଥାନା ବୁଆଁଳ ଗ୍ରାମର ହେମନ୍ତ କୁମାର ମିସ୍ତ୍ରି, ଆଇଟିଆର୍ ମେନ୍ ଗେଟ୍‌ରେ କାର୍ଯ୍ୟ କରୁଥିବା ପାଳସିଆ ଗ୍ରାମର ତାପସ ରଞ୍ଜନ ନାୟକ, ଏସି ଅପରେଟର ଚାନ୍ଦିପୁର ଥାନା ଶ୍ରୀକୋଣା ଗ୍ରାମର ଏସ୍.କେ. ମୁସାଫିର ଓ ସ୍ଥାୟୀ କର୍ମଚାରୀ(ଡ୍ରାଇଭର) ଉତ୍ତରପ୍ରଦେଶ ଅଞ୍ଚଳର ସଚିନ କୁମାର ଛଡ଼ା ଜଣେ ପାକିସ୍ତାନୀ ଯୁବତୀଙ୍କୁ ଗୁପ୍ତ ତଥ୍ୟ ଜଣାଉଥିଲେ। ଏ ସମ୍ପର୍କରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ଗୋଇନ୍ଦା ସଂସ୍ଥା (ଆଇବି) ଜାଣିବା ପରେ ବାଲେଶ୍ୱର ପୋଲିସ ହେଡକ୍ୱାର୍ଟରକୁ ଅବଗତ କରାଇ ବାଲେଶ୍ୱରରେ ପହଞ୍ଚିଥିଲେ। ସନ୍ଦିଗ୍ଧଙ୍କୁ ଧରିବା ପାଇଁ ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲଙ୍କ ନେତୃତ୍ୱରେ ୬ ଜଣିଆ ଟିମ୍ ଗଠନ କରାଯାଇଥିଲା। ଏହାପରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା।

### ଦ୍ୱିତୀୟ ବିବାହ କରି ଫସିଲେ ଯୁବକ
## ଛତ୍ରପୁରରୁ ଗିରଫ କଲା ଭଣ୍ଡାରିପୋଖରୀ ପୋଲିସ

**ଛତ୍ରପୁର, ୧୯।୯(ଡି.ଏନ୍.ଏ.)**

ଦ୍ୱିତୀୟ ବିବାହ କରି ଗଞ୍ଜାମ ଜିଲା ଛତ୍ରପୁର ବ୍ୟାଙ୍କ କଲୋନୀରେ ଭଡ଼ାଘରେ ରହୁଥିବା ଜଣେ ଯୁବକଙ୍କୁ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ପୋଲିସ ଗିରଫ କରିଛି। ସେ ହେଲେ ପିନା ସାମଲ। ପ୍ରଥମ ସ୍ତ୍ରୀଙ୍କ ଅଭିଯୋଗ ପ୍ରକାରେ ପିନାଙ୍କୁ ଠାବ କରିବା ପାଇଁ ଶନିବାର ଛତ୍ରପୁର ଆସିଥିବା ଭଦ୍ରକ ପୋଲିସକୁ ନାକେଦମ ହେବାକୁ ପଡ଼ିଛି। ରାତିସାରା ଘର ବାହାରେ ଜଗି ରହିବା ପରେ ରବିବାର ବୁଝାଶୁଝା କରି ସ୍ଥାନୀୟ ପୋଲିସ ସହାୟତାରେ ତାଙ୍କୁ କାବୁ କରିଛି।

୨୦୧୫ ମସିହାରେ ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ସାରସଦ ଗ୍ରାମର ପିନା ଭଦ୍ରକରେ ଜ୍ୟୋତ୍ସ୍ନାରାଣୀ ସାମଲଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ ସନ୍ତାନ ଅଛି। ପିନା ୪ ବର୍ଷ ହେଲା ଛତ୍ରପୁର ଅଞ୍ଚଳରେ ରହି ଗାଡ଼ି ଚଳାଉଥିଲେ। ଗତ ପ୍ରାୟ ୬ ମାସ ତଳେ ସେ ଛତ୍ରପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀ ଜ୍ୟୋତ୍ସ୍ନା ଏହା ଜାଣିବା ପରେ ଭଣ୍ଡାରିପୋଖରୀ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୨୩୯/୨୧) ରୁଜୁ କରିଥିଲା। ଭଣ୍ଡାରିପୋଖରୀ ଥାନା ପୋଲିସ୍ ଶନିବାର ରାତି ପ୍ରାୟ ୧୨ଟାରେ ଜ୍ୟୋତ୍ସ୍ନା ଓ ତାଙ୍କ ପରିବାର ଲୋକଙ୍କ ସହ ମିଶି ଛତ୍ରପୁରରେ ପହଞ୍ଚିଥିଲା। ଦ୍ୱିତୀୟ ସ୍ତ୍ରୀଙ୍କ ସହ ପିନା ରହୁଥିବା ବ୍ୟାଙ୍କ କଲୋନୀସ୍ଥିତ ଭଡ଼ାଘର କବାଟ ପୋଲିସ ବାଡ଼େଇଥିଲେ ମଧ୍ୟ କେହି ଖୋଲି ନଥିଲେ। ତେଣୁ ରାତିସାରା ସେଠାରେ ଜଗି ରହିବାକୁ ପଡ଼ିଥିଲା। ସକାଳେ ବୁଝାଶୁଝା କରିବା ପରେ ପିନା କବାଟ ଖୋଲିଥିଲେ। ତାଙ୍କୁ କାବୁ କରି ଛତ୍ରପୁର ଥାନାକୁ ନିଆଯାଇଥିଲା। ସେଠାରେ କିଛି ସମୟ ଅଟକ ରଖି ଭଣ୍ଡାରିପୋଖରୀ ପୋଲିସ୍ ବିଭିନ୍ନ କାଗଜପତ୍ର ଦେଖାଇ ପିନାଙ୍କୁ ନେଇଛି।

## ଭରତିଆ ଟାୱାରରୁ ଡେଇଁ ଯୁବକ ମୃତ

**କଟକ ଅଫିସ, ୧୯।୯:** ବାଦାମବାଡି ଥାନା ସମ୍ମୁଖ ଭରତିଆ ଟାୱାରରୁ ଡେଇଁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀଘାଟ ଥାନା କୁମ୍ଭାରସାହିର ଦାମୋଦର ବଳ(୪୦)। ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କ କହିଛନ୍ତି, ରବିବାର ଅପରାହ୍ନ ୪ଟାରେ ଭରତିଆ ଟାୱାର ଉପରୁ ଦାମୋଦର ତଳକୁ ଡେଇଁ ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ଲୋକ କହିଛନ୍ତି, ସେ ମାନସିକ ରୋଗୀ ହୋଇଥିବାରୁ କିଛିଦିନ ହେଲା ଚିକିତ୍ସିତ ହେଉଥିଲେ। ସକାଳେ ନିଜ ଘର ଉପରୁ ତଳକୁ ଡେଇଁ ପଡିଥିଲେ। ଏକ ଗାଡ଼ି ଉପରେ ପଡିଯିବାରୁ ସେ ରକ୍ଷା ପାଇଯାଇଥିଲେ।




# ଜିଲା ପରିଷଦ, ସମିତି ସଭ୍ୟ ନିର୍ବାଚନ ଫଳ ଘୋଷଣା କଲା ଆନ୍ଧ୍ର

**କୋରାପୁଟ/ପଟ୍ଟାଙ୍ଗୀ, (ସ୍ୱ.ପ୍ର./ଡି.ଏନ.ଏ.) ୧୯।୯**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଗତ ଏପ୍ରିଲରେ ହୋଇଥିବା ଜିଲା ପରିଷଦ ଏବଂ ସମିତି ସଭ୍ୟ ନିର୍ବାଚନର ଫଳାଫଳ ରବିବାର ଘୋଷଣା କରାଯାଇଛି। ବିଜୟନଗରମ ଜିଲା ପ୍ରଶାସନ ପକ୍ଷରୁ ସାଲୁର ବ୍ଲକର ସରକାରୀ ଡିଗ୍ରୀ କଲେଜରେ ଭୋଟ ଗଣତି କରି ନିର୍ବାଚିତ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି ଆନ୍ଧ୍ର। ତଳ ଗଞ୍ଜେଇପଦର ଗ୍ରାମର ମାଝି ଆପାଲାମ ୧୨୪ ଖଣ୍ଡ ଭୋଟ ଏବଂ ଫଗୁଣସିନେରିର କୋନେଟି ଗିନ୍ଦୋ ୩୧୧ ଖଣ୍ଡ ଭୋଟ ପାଇ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ସେହିପରି ଜିଲା ପରିଷଦ ସଭ୍ୟ ଭାବେ ଆମ୍ବାଡି ଅନିଲ କୁମାର ୧୬,୩୦୫



ନିର୍ବାଚିତ ହୋଇଥିବା ପ୍ରାର୍ଥୀ।

ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି।

ଏହି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ଦେଖି ସେତେବେଳେ ଭାଜପା, ଟିଡିପି ଓ ଜନସେନା ଦଳ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏପ୍ରିଲ ୬ରେ ଏକ ୩ଜଣିଆ ଖଣ୍ଡପୀଠ ଏହାର ବିଚାର କରି ନିର୍ବାଚନରେ ରୋକ ଲଗାଇବାକୁ ସ୍ଥଗିତାଦେଶ ଜାରି କରିଥିଲେ। ମାତ୍ର ଆନ୍ଧ୍ର କୋଟିଆରେ

### ତଳ ଗଞ୍ଜେଇପଦର ଓ ଫଗୁଣସିନେରିରେ ନିର୍ବାଚନ

ଏପ୍ରିଲ ୮ରେ ଜିଲା ପରିଷଦ ଏବଂ ସମିତି ସଭ୍ୟ ନିର୍ବାଚନ କରିଥିଲା। ହାଇକୋର୍ଟଙ୍କ ସ୍ଥଗିତାଦେଶ ଯୋଗୁ ଫଳାଫଳ ଘୋଷଣା କରିପାରି ନ ଥିଲା। ଆନ୍ଧ୍ର ହାଇକୋର୍ଟ ଗତ ସୋମବାର ଏହି ସ୍ଥଗିତାଦେଶ ଉଠାଇ ଦେବାରୁ ପ୍ରଶାସନ ଭୋଟ ଗଣତି ପ୍ରକ୍ରିୟା ଆରମ୍ଭ କରିଥିଲା। ଭୋଟ ଗଣତି ପରେ ଉପରୋକ୍ତ ବ୍ୟକ୍ତିମାନଙ୍କୁ ନିର୍ବାଚିତ ଘୋଷଣା କରିଛି। ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତର ତଳଗଞ୍ଜେଇପଦର, ଫଗୁଣସିନେରି ଏବଂ ଫାଟୁ ସିନେରି ଆଦି ତିନି ଗ୍ରାମକୁ ଆନ୍ଧ୍ର ତିନୋଟି ପଞ୍ଚାୟତର ମାନ୍ୟତା ଦେଇ ପୂର୍ବରୁ ସରପଞ୍ଚ ନିର୍ବାଚନ କରିଛି।



**ଆଜିର ମନ୍ତବ୍ୟ**

"ଆଫଗାନିସ୍ତାନର ଶିଶୁ ଆମ ପିଲା। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ନିଶ୍ଚିତ କରିବାକୁ ମିଳିତ ଭାବେ ପ୍ରୟାସ କରାଯିବା ଉଚିତ। **–କୈଳାସ ସତ୍ୟାର୍ଥୀ, ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ(ଏସ୍‌ଡିଜି) ଆଡ୍‌ଭୋକେଟ୍**


**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ମନୋଜ
ପରିବାରବର୍ଗ


ସୋନୁ
ପରିବାରବର୍ଗ


ସୋମ୍ୟକାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୋଭିଡ କାଳରେ ଧନୀ ମାଲାମାଲ୍

## ବିଶ୍ୱର ୨୫ ଅତିଧନୀଙ୍କ ସମ୍ପତ୍ତି ୨୨% ବଢ଼ିଛି

**ନୂଆଦିଲ୍ଲୀ,୧୯।୯**

କୋଭିଡ–୧୯ ପାଇଁ ସାରା ବିଶ୍ୱର ଅର୍ଥ ବ୍ୟବସ୍ଥାର ଅଣ୍ଟା ଭାଙ୍ଗି ଯାଇଛି। ଏପଟେ ସଙ୍କଟ ସମୟରେ ମଧ୍ୟ ଅତିଧନୀଙ୍କ ସମ୍ପତ୍ତି ଲଗାତର ବଢ଼ିଚାଲିଛି। ଲୋକମାନେ କରୋନାରେ ନାହିଁ ନ ଥିବା ସମସ୍ୟା ସାମ୍ନା କରିଥିବା ବେଳେ ଅନେକେ ମହାମାରୀର କରାଳ କାୟା ମଧ୍ୟରେ ଘାଣ୍ଟି ଚକଟି ହୋଇ କାଳାତିପାତ କରୁଛନ୍ତି। ଲୋକଙ୍କ ଚାକିରି ଚାଲିଯାଇଥିବା ବେଳେ ବେତନ କାଟ୍, କଳ କାରଖାନାରେ ତାଲା, ସ୍ୱାସ୍ଥ୍ୟ ସଙ୍କଟ ବେରୋଜଗାରୀ ଭଳି ସମସ୍ୟା ମୁଣ୍ଡ ଟେକିଛି। ମାତ୍ର କରୋନାରେ ବିଶ୍ୱର ଅତିଧନୀଙ୍କ ଧନ ବଢ଼ିବାରୁ ସେମାନେ ମାଲାମାଲ ହୋଇଥିବା ଫୋର୍ବସ ରିପୋର୍ଟରେ ପ୍ରକାଶ ପାଇଛି। ସମୟ ଖରାପ ହେଉ କି ଭଲ ଧନୀଙ୍କର ଧନ ବଢ଼ି ଚାଲିଥିବା ବେଳେ ଗରିବ ଆହୁରି ଗରିବ ହୋଇ ଯାଉଛନ୍ତି। ଫଳରେ ଧନୀ ଏବଂ ଗରିବଙ୍କ ମଧ୍ୟରେ ତାରତମ୍ୟ ବଢ଼ିଚାଲିଥିବା ରିପୋର୍ଟରେ ପ୍ରକାଶ ପାଇଛି।

ଧନୀଙ୍କ ସମ୍ପତ୍ତି ବଢ଼ିବାରେ କେତେକ ବିଶେଷ କାରଣ ଦାୟୀ ରହିଛି। ଏହା ମଧ୍ୟରେ ସାରା ବିଶ୍ୱରେ ନଗଦ ଉପଲବ୍ଧତା, ଲଗାତର ଷ୍ଟକ୍ ବଜାରରେ ବୃଦ୍ଧି ଏବଂ ଅନୁକୂଳ ଟିକସ ନୀତି ଏହା ମଧ୍ୟରେ ସାମିଲ ରହିଛି। ରିପୋର୍ଟ ମୁତାବକ, ଗତ ୧୨ ମାସରେ ଦୁନିଆର ସବୁଠାରୁ ୨୫ ଅତିଧନୀ ପରିବାରଙ୍କ ସମ୍ପତ୍ତି ୨୨% ବଢ଼ିଛି। ଫଳରେ ଏହି ପରିବାରଗୁଡ଼ିକ ୧.୭ ଲକ୍ଷ କୋଟି ଡଲାର (୧୨୫.୨୮ ଲକ୍ଷ କୋଟି) ଟଙ୍କା ଯୋଡ଼ିବାକୁ ସକ୍ଷମ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଆର୍ଥିକ ବର୍ଷ ୨୦୨୧–୨୧ରେ ଭାରତର ଜିଡିପି ୭.୩% ହ୍ରାସ ହୋଇଛି। ସାରା ଦେଶରେ ଲକ୍‌ଡାଉନ ଜାରି ହେବାରୁ ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରିଥିଲେ। କରୋନାର ଦ୍ୱିତୀୟ ଲହର ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରକୃତ ସ୍ଥିତିକୁ ପଦାରେ ପକାଇଦେଇଥିଲା।

| ପରିବାର | କମ୍ପାନୀ | ସମ୍ପତ୍ତି (ବିଲିୟନ ଡଲାରରେ) |
|---|---|---|
| ୱାଲ୍‌ଟନ | ୱାଲ୍‌ମାର୍ଟ | ୨୩୮ |
| ମାର୍ସ | ମାର୍ସ | ୧୪୧.୯ |
| କୋକ୍ | କୋକ୍ ଇଣ୍ଡଷ୍ଟ୍ରିଜ | ୧୨୪.୪ |
| ଏମିସ୍ | ଏମିସ୍ | ୧୧୧.୬ |
| ଅମ୍ବାନୀ | ରିଲାଏନ୍ସ ଇଣ୍ଡଷ୍ଟ୍ରିଜ | ୯୩.୭ |

ରିପୋର୍ଟ ମୁତାବକ, ଆମେରିକାର ୱାଲ୍‌ଟନ ପରିବାର ଅତିଧନୀଙ୍କ ତାଲିକାରେ ସବୁଠାରୁ ପ୍ରଥମ ସ୍ଥାନରେ ରହିଛି। ଲଗାତର ୪ର୍ଥ ବର୍ଷ ତାଲିକାରେ ଶୀର୍ଷ ସ୍ଥାନରେ ଥିବା ଏହି ପରିବାର ନିକଟରେ ୨୩୮ ବିଲିୟନ ଡଲାର ସମ୍ପତ୍ତି ରହିଛି। ଆମେରିକାର ପ୍ରମୁଖ ରିଟେଲର କମ୍ପାନୀ ୱାଲ୍‌ମାର୍ଟ ଇଙ୍କ୍‌ରେ ଏହି ପରିବାରର ପ୍ରାୟ ଅଧା ଅଂଶଧନ କରିଛି। ଗତ ୧୨ ମାସରେ ଏହି ପରିବାରର ସମ୍ପତ୍ତି ୨୩ ବିଲିୟନ ଡଲାର ବଢ଼ିଛି। ୱାଲ୍‌ମାର୍ଟ ୨୦୨୦ରେ ୱାର୍କର୍ସଙ୍କୁ ୨.୮ ବିଲିୟନ ଡଲାରର ବୋନସ ଦେଇଥିଲା। ଏହି ତାଲିକାରେ ଫ୍ରାନ୍ସର ଦାସ୍ ପରିବାରର ନାମ ମଧ୍ୟ ରହିଛି। ଗ୍ଲୋବାଲ କସ୍‌ମେଟିକ ବ୍ରାଣ୍ଡ ନ୍ୟୁୟର୍କର ଲର୍ଡସ ପରିବାର ମଧ୍ୟ ସୂଚୀରେ ସାମିଲ ରହିଛି। ପ୍ରମୁଖ ଇଲେକଟ୍ରୋନିକ୍ସ କମ୍ପାନୀ ସାମ୍‌ସଙ୍ଗର ଲି ପରିବାର ଟପ୍ ୨୫ ତାଲିକାରୁ ବାହାରେ ରହିଛି। ବିଳାସପୂର୍ଣ୍ଣ ସାମଗ୍ରୀ ବିକ୍ରି କ୍ଷେତ୍ରରେ ରହିଥିବା ପରିବାରଗୁଡ଼ିକର ସମ୍ପତ୍ତି ଅଧିକ ବଢ଼ିଥିବା ଜଣାପଡ଼ିଛି।

### ୬ଷ୍ଠ ସ୍ଥାନରେ ମୁକେଶ ଅମ୍ବାନୀ

ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ସୂଚୀରେ ଟପ୍ ୧୦ରେ ଭାରତର ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ନାମ ରହିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଦାୟିତ୍ୱ ବର୍ତ୍ତମାନ ମୁକେଶ ଅମ୍ବାନୀଙ୍କ ଉପରେ। ଏହି ପରିବାରର ମୋଟ ସମ୍ପତ୍ତି ୯୩.୭ ବିଲିୟନ ଡଲାର ହୋଇଥିବା ବେଳେ ତାଲିକାରେ ଏହା ୬ ନମ୍ବର ସ୍ଥାନରେ ରହିଛି। ମୁକେଶ ତାଙ୍କ ପରିବାର ସହ ଦୁନିଆର ସବୁଠାରୁ ମହଙ୍ଗା ଘର ଆଣ୍ଟାଲିଆରେ ରହୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ନାଳରେ ଭାସିଗଲେ...

ପାଲା ମଣ୍ଡପ ସାହିର ହୃଷୀକେଶ ବେହେରାଙ୍କ ପୁଅ ଜ୍ୟୋତିପ୍ରକାଶ ବେହେରା (୧୫)। ସ୍ଥାନୀୟ ଲୋକଙ୍କ ସହ ଅଗ୍ନିଶମ ବାହିନୀ, ପୋଲିସ ରାତି ପର୍ଯ୍ୟନ୍ତ ଡ୍ରେନ୍‌ରେ ଖୋଜାଖୋଜି କରି ସାଇକେଲ, ଜୋତା ମିଳିଥିଲେ ମଧ୍ୟ ଜ୍ୟୋତିପ୍ରକାଶଙ୍କର କୌଣସି ପତ୍ତା ମିଳିନାହିଁ। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ରାଜଧାନୀରେ ବର୍ଷା ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ପ୍ରବଳ ବର୍ଷା ହେବାରୁ ଅଧିକାଂଶ ଡ୍ରେନ୍ ଉଚ୍ଛୁଳି ପଡିଥିଲା। ରାସ୍ତା ଓ ଡ୍ରେନ୍ ଏକାକାର ହୋଇପଡ଼ିବା ସହ ପ୍ରବଳ ସୁଅ ଚାଲିଥିଲା। ବର୍ଷା ଟିକେ ଛାଡ଼ିବା ପରେ ଅପରାହ୍ନ ପ୍ରାୟ ୨ଟାରେ ଜ୍ୟୋତିପ୍ରକାଶ ମା'ଙ୍କୁ କହି ଶତାବ୍ଦୀନଗର ବ୍ୟାଙ୍କ କଲୋନୀକୁ ଟ୍ୟୁଶନ ସାର୍‌ଙ୍କ ପାଖକୁ ସାଇକେଲ ଧରି ବାହାରିଥିଲେ। ପରିବାର ଲୋକେ ତାଙ୍କୁ ବାରଣ କରିଥିଲେ ମଧ୍ୟ ସେ ଯାଇପାରିବେ ବୋଲି କହିଥିଲେ। ବାଟରେ ବିଭିନ୍ନ ସ୍ଥାନରେ ପାଣିରେ ପଶି ଶତାବ୍ଦୀ ନଗରରେ ପହଞ୍ଚିବାପରେ ଲେନ୍–୭ ରାସ୍ତା ଦେଇ ବ୍ୟାଙ୍କ୍ କଲୋନୀକୁ ଯାଉଥିଲେ। ସେହି ରାସ୍ତାରେ ୨ରୁ ୩ ଫୁଟ୍ ଉଚ୍ଚର ବର୍ଷା ଓ ଆବର୍ଜନା ପାଣିର ସୁଅ ଚାଲିଥିଲା। ପାଣିତଳେ ରହିଥିବା ଏକ ଖାଲରେ ଜ୍ୟୋତିପ୍ରକାଶଙ୍କ ସାଇକେଲ ଚକା ଖସିଯିବାରୁ ସେ ପାଣିରେ ପଡ଼ି ଯାଇଥିଲେ। ସେହି ସ୍ଥାନରେ ୪ ଫୁଟ ଉଚ୍ଚର ପାଣି ସୁଅ ଚାଲିଥିଲା। ସେ ଭାସିଯାଉଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଧାଇଁ ଆସିଥିଲେ। ହେଲେ ଅଧିକ ପାଣି ଓ ପ୍ରବଳ ସ୍ରୋତ ଯୋଗୁ କିଛିକ୍ଷଣ ଭିତରେ ମୁକୁଳା ପଡିଥିବା ଡ୍ରେନ୍ ତାଙ୍କୁ ଟାଣି ନେଇଥିଲା। ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ସେଠାରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ ଓ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଘଟଣା ଘଟିଥିବା ଶତାବ୍ଦୀନଗର ଲେନ୍–୭ ନାଳଠାରୁ ଆରମ୍ଭ କରି ମୁଖ୍ୟ ଡ୍ରେନ୍ ନଂ.୮ ସମେତ ସୌଭାଗ୍ୟ ନଗର, ଜାଗମରା, ଏୟାରପୋର୍ଟ ରାସ୍ତା କଡରେ ଥିବା ଡ୍ରେନରେ ମିଳିମିଶି ଖୋଜାଖୋଜି କରିଥିଲେ। କିଛି ସମୟ ପରେ ଜ୍ୟୋତିପ୍ରକାଶଙ୍କ ସାଇକେଲ ଓ ଜୋତା ମିଳିଥିଲା। ତେବେ ଅଧିକ ରାତି ହୋଇଯିବାରୁ ଖୋଜାଖୋଜି ବନ୍ଦ କରାଯାଇଥିଲା। ଏହି ଦୁଃଖଦ ଘଟଣାକୁ ନେଇ ଜ୍ୟୋତିପ୍ରକାଶଙ୍କ ପରିବାର ସହ ଘଟଣାସ୍ଥଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏଥିସହ ସେଠାରେ ବହୁ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ଦାୟୀ କରି କଂଗ୍ରେସ ଧାରଣା ଦେଇଥିଲା। ସେହିଭଳି ଭୁବନେଶ୍ୱର ଜିଲା ଭାଜପା ପକ୍ଷରୁ ଖଣ୍ଡଗିରି ଥାନାରେ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂଙ୍କ ନାମରେ ଏତଲା ଦିଆଯାଇଛି।

### କରୋନା, ବେକାରି ...

ଶ୍ରେଷ୍ଠ ୫ ଦୁଶ୍ଚିନ୍ତା ମଧ୍ୟରେ ରହିଛି। 'ଇପ୍‌ସୋସ୍' ସର୍ଭେ ହେଉଛି ସାମାଜିକ ଏବଂ ରାଜନୈତିକ ପ୍ରସଙ୍ଗରେ ଜନମତ ଆଧାରିତ। ଏହି ସର୍ଭେର ୧୦ ବର୍ଷର ତଥ୍ୟରୁ ବୁଝିହୋଇପାରେ ଯେ, ଚିନ୍ତାର ବିଷୟଗୁଡିକ କିପରି ବଦଳିଛି। ଉଦାହରଣ ସ୍ୱରୂପ ଦୀର୍ଘକାଳୀନ ଧାରା ଦର୍ଶାଉଛି ଯେ ବେକାରି, ଦାରିଦ୍ର୍ୟ ଓ ସାମାଜିକ ଅସମାନତା କ୍ରମାଗତ ଭାବେ ବିଶ୍ୱର ଚିନ୍ତା ତାଲିକାର ପ୍ରମୁଖ ସ୍ଥାନରେ ରହିଆସିଛି। କିନ୍ତୁ କରୋନା ସଙ୍କଟ ୨୦୨୦ରୁ ଆରମ୍ଭ ହୋଇଥିଲା ଏବଂ ସେବେଠାରୁ ଶୀର୍ଷ ସ୍ଥାନ ଅଧିକାର କରିଛି। ଆରମ୍ଭରୁ ଏହି ମହାମାରୀ ସଂକ୍ରମଣକୁ ନେଇ ଯେତିକି ଚିନ୍ତା ଲାଗୁଥିଲା, ତାହା ଚରମ ସୀମାରେ ପହଞ୍ଚିବା ପରେ ହ୍ରାସ ପାଇଥିଲା। ବିଭିନ୍ନ ଦେଶର ଲୋକମାନେ କିପରି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି, ତାହା ମଧ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଯେପରିକି ମାଲେସିଆ କରୋନା ବିଷୟରେ ଅଧିକ ଚିନ୍ତା କରୁଥିବାବେଳେ ସ୍ୱିଡେନରେ ଅପରାଧ ଏବଂ ହିଂସା ବିଷୟରେ ଚିନ୍ତା ସର୍ବାଧିକ। ସର୍ଭେରେ ୧୫% ଲୋକ କହିଛନ୍ତି ଯେ, ଜଳବାୟୁ ପରିବର୍ତ୍ତନ ସମ୍ପ୍ରତି ସେମାନଙ୍କ ଦେଶ ସାମ୍ନା କରୁଥିବା ସବୁଠୁ ବଡ଼ ପ୍ରସଙ୍ଗ। ଚିନ୍ତାର ସାମଗ୍ରିକ ତାଲିକାରେ ଏହା ୭ମ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ, କାନାଡା, ନେଦରଲାଣ୍ଡ୍ସ ଓ ବେଲଜିୟମ ଭଳି ଜର୍ମାନୀର ଲୋକମାନେ ଜଳବାୟୁ ପରିବର୍ତ୍ତନକୁ ନେଇ ଅଧିକ ଚିନ୍ତିତ। ସର୍ଭେର ଏକ ମାସ ପୂର୍ବରୁ ଜର୍ମାନୀରେ ଜଳବାୟୁ ପରିବର୍ତ୍ତନ ୬% ପଏଣ୍ଟ ବୃଦ୍ଧି ପାଇଥିଲା, ଯାହା ଆଜି ପର୍ଯ୍ୟନ୍ତ ଦେଶର ସର୍ବୋଚ୍ଚ ସଂଖ୍ୟା ରେକର୍ଡ କରିଛି। ଜଳବାୟୁ ପରିବର୍ତ୍ତନ ଭଳି ଟିକସ (୧୫%) ପ୍ରସଙ୍ଗ ମଧ୍ୟ ୭ମ ସ୍ଥାନରେ ରହିଛି। ଏହା ଉପରକୁ ସ୍ୱାସ୍ଥ୍ୟସେବା (୨୧%) ୫ମ ସ୍ଥାନରେ ଏବଂ ଶିକ୍ଷା (୧୬%) ୬ଷ୍ଠ ସ୍ଥାନରେ ରହିଛି। ସେହିପରି ମୁଦ୍ରାସ୍ଫୀତି (୧୩%) ୮ମ, ଅପ୍ରବାସନ ନିୟନ୍ତ୍ରଣ (୧୨%) ୯ମ ଏବଂ ନୈତିକ ପତନ (୧୧%) ଚିନ୍ତା ତାଲିକାର ୧୦ମ ସ୍ଥାନରେ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଦୀର୍ଘଦିନରୁ ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବନ୍ଧୁ ଗହଣରେ ବିଳାସ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ବିବାଦୀୟ ଘଟଣାରେ ପାଟି ଖୋଲିବା ଠିକ୍ ହେବନାହିଁ। ପାଖ ପଡ଼ୋଶୀଙ୍କ ସହାୟତାରେ ଆର୍ଥିକ ସମସ୍ୟାକୁ ସୁଧାରି ନେଇପାରନ୍ତି।

**ବୃଷ**
ସମୟ ଓ ପରିସ୍ଥିତିବଶତଃ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ସ୍ଥିତି ଲାଗି ରହିବ। କର୍ମ କ୍ଷେତ୍ରରେ ବିଭିନ୍ନ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ବ୍ୟସ୍ତତା ମଧ୍ୟ ବଢ଼ିଯିବ। ରାଜନୀତି ଓ କ୍ରୀଡ଼ା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ**
ସମସ୍ତ ସୁବିଧା ଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ କାମ ନ ହେବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଋଣ ଭାରରେ ଅତିଷ୍ଠ ହୋଇ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ସମୟ କଟାଇବେ। ହଠାତ୍ କୌଣସି ହୃଦୟବାନ ବ୍ୟକ୍ତିଙ୍କ ସହାୟତାରୁ କାର୍ଯ୍ୟସିଦ୍ଧି ହେତୁ ମନ ପ୍ରଫୁଲ୍ଲିତ ରହିବ। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**କର୍କଟ**
ଆଜି ଯେତେ ଭଲ କାମ କଲେ ମଧ୍ୟ ସମାଲୋଚିତ ହେବା ବ୍ୟତୀତ କିଛି ଲାଭ ହେବନି। ଯାତ୍ରା ସମୟରେ ଅନ୍ୟମନସ୍କ ରହି ବିଭିନ୍ନ ପ୍ରକାର ସମସ୍ୟାକୁ ଡାକି ଆଣି ପାରନ୍ତି। ସହକର୍ମୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଘରର ବରାଦ ଜିନିଷ ଭୁଲ୍‌ବଶତଃ ଭୁଲିଯିବେ ଓ ପରିବାରରେ ଏଥିପାଇଁ ଝଗଡ଼ା ଲାଗିବ।

**ସିଂହ**
ଅନ୍ୟ ଦ୍ୱାରା ପରିଚାଳିତ ହୋଇ ସ୍ଥଗିତ କାମକୁ କରିଚାଲିବେ, ଯାହାକି ସମ୍ୟା ସୃଷ୍ଟି କରିବ। ଆଜି ଏକ ଭିନ୍ନ ପରିସ୍ଥିତିରେ ସହକର୍ମୀଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ବନ୍ଧୁଙ୍କ ସାହାଯ୍ୟରେ ଅର୍ଥ ସମ୍ପର୍କୀୟ ସମସ୍ୟା ସୁଧାରିନେବେ। ଆଇନ, ଅଦାଲତ କ୍ଷେତ୍ରରେ ବାଇଦା ପଡ଼ିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି।

**କନ୍ୟା**
ଗ୍ରହସ୍ଥିତିର ଅନୁକୂଳତା କାରଣରୁ କୌଣସି ସମସ୍ୟା ଆପଣଙ୍କୁ ବିଚଳିତ କରିପାରିବ ନାହିଁ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ। ଅଫିସରୁ ଆସିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ।

**ତୁଳା**
ମନରେ ବିଭିନ୍ନ ପ୍ରକାର ଚିନ୍ତା ଉଙ୍କି ମାରିବ କିନ୍ତୁ କିଛି ବି ହୋଇପାରିବ ନାହିଁ। କୌଣସି ନୂତନ କର୍ମାରମ୍ଭ କରିବେ ଓ ଏଥିରେ ସହଯୋଗ ଅବଶ୍ୟ ମିଳିବ। ନିର୍ମାଣ ଓ ଜମିଜମା କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ବିଛା**
କର୍ମକ୍ଷେତ୍ରସ୍ଥ ଅବହେଳିତ କାମରେ ବ୍ୟସ୍ତତା ବଢ଼ିଯାଇପାରେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରମ ଜିନିଷ କ୍ରୟ କରିବେ। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କୌଣସି ଜିନିଷ ହଜି ଯାଇପାରେ।

**ଧନୁ**
ଆଜି ହଠାତ୍ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ବନ୍ଧୁଙ୍କ ନିକଟରୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଦକ୍ଷତା ଓ ସମୟାନୁବର୍ତ୍ତିତା କାରଣରୁ କର୍ମକ୍ଷେତ୍ରରେ ଉପଯୁକ୍ତ ଭାବେ ସମ୍ମାନିତ ହୋଇପାରନ୍ତି। ପୂଜାପାର୍ବଣ ପରିପ୍ରେକ୍ଷୀରେ ଆଗାମୀ କାଲି ସକାଶେ କୌଣସି ଯୋଜନା ପ୍ରସ୍ତୁତ କରିପାରନ୍ତି।

**ମକର**
ପାରିବାରିକ ସମସ୍ୟାର ସରଳ ସମାଧାନ କରି ମନକୁ ହାଲୁକା କରିବେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ନିକଟ ସମ୍ପର୍କୀୟମାନଙ୍କ ସହ କଳହରେ ଲିପ୍ତ ରହିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଲାଗି ରହିବ। ଆଜିର ଫେରିବା ବାଟରେ ବନ୍ଧୁଙ୍କ ସହ ସାଧାରଣ ବଚସା ହୋଇପାରେ।

**କୁମ୍ଭ**
ପରିବାରରେ ଘଟିଯାଇଥିବା କେତେକ ଅତୀତ ଘଟଣାକୁ ସ୍ମରଣ କରି ଅନୁତାପ କରିବେ। ପରିବାରରେ ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। ସାମାଜିକ ସ୍ତରରେ କଳା, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**ମୀନ**
କର୍ମକ୍ଷେତ୍ରରେ କାର୍ଯ୍ୟହାନି କାରଣରୁ ମାନସିକ ଅସ୍ଥିରତା ଲାଗି ରହିବ। ପ୍ରକୃତ ଘଟଣାକୁ ନ ବୁଝି କାମ କଲେ ଅସୁବିଧାରେ ପଡ଼ିବେ। କୌଣସି କ୍ଷେତ୍ରରେ ମଧ୍ୟ ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ଅବହେଳା ନ କରି ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ ହେବ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନ ସଞ୍ଚିଲେ ଖଣ୍ଟକୁ**
**ଧନ ସଞ୍ଚିଲେ ବାଟକୁ।**

ସଞ୍ଚିତ ଧନ ପରଲୋକ ଭୋଗ କରିଥାନ୍ତି। ମାତ୍ର ଯାହା ଦାନ କରାଯାଇଛି ତାହା ପରଲୋକରେ ସଦ୍‌ଗତି ଲାଭ ପାଇଁ ବୋଲି ଜଣାଯାଇଥାଏ। ତେଣୁ ଜୀବନ ଯାତ୍ରାରେ ଅର୍ଜିତ ଧନକୁ ଦାନ ଧର୍ମ ପରି ସୁବିନିଯୋଗ କରିବା ନେଇ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

**ଧୂଆଁକୁ ଡରଇ ମଶା**
**ଶିଶିରକୁ ଗୋରୁ;**
**ପାପୀ ଡରଇ ଦଣ୍ଡକୁ**
**ବତାସକୁ ତରୁ।**

ମଶା ଧୂଆଁକୁ ଡରେ। ଗୋରୁ ଶିଶିରକୁ ଡରନ୍ତି। ପାପୀ ଶାସ୍ତିକୁ ଭୟ ପାଏ ଏବଂ ବୃକ୍ଷଲତା ଝଡ଼ବତାସକୁ ଡରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

### ବିରୋଧୀ ଶୂନ ...

ଏନ୍‌ପିଏଫ୍ ମହାସଚିବ ଅଚୁମ୍ୟେମୋ କିକୋନ୍ ଏବଂ ସ୍ୱାଧୀନ ବିଧାୟକ ଟୋଙ୍ଗ୍‌ପାଙ୍ଗ୍ ଓଜୁକୁମ୍‌ଙ୍କ ସ୍ୱାକ୍ଷର ରହିଛି। ମୁଖ୍ୟମନ୍ତ୍ରୀ ନେଫିଉ ରିଓ ଟୁଇଟ୍ କରିଛନ୍ତି। ସରକାରଙ୍କ ମୁଖପାତ୍ର ନେଇବା କ୍ରୋନୁ କହିଛନ୍ତି, ଏହାକୁ ନାଗାଲାଣ୍ଡ ୟୁନାଇଟେଡ୍ ଗଭର୍ନମେଣ୍ଟ ଭାବେ ନାମିତ କରିବାକୁ ଶନିବାର ନିଷ୍ପତ୍ତି ହୋଇଥିଲା। କିନ୍ତୁ ୟୁଡିଏ ସରକାର ଅଧିକ ଉପଯୁକ୍ତ ହେବ। ବିଧାୟକମାନେ କିଛିଦିନ ଭିତରେ ନୂଆ ୟୁଡିଏ ସରକାର ଗଠନ ନେଇ ବାଚସ୍ପତିଙ୍କୁ ଲିଖିତ ଭାବେ ଜଣାଇବେ।

ପ୍ରକାଶ ଯେ, ୨୦୧୮ ବିଧାନସଭା ନିର୍ବାଚନରେ ଏନ୍‌ଡିପିପି ଏବଂ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରିବା ପରେ ମେଣ୍ଟ ସରକାର ଗଠନ କରିଥିଲେ। ୬୦ ସଦସ୍ୟ ବିଶିଷ୍ଟ ନାଗାଲାଣ୍ଡ ବିଧାନସଭାରେ ଏନ୍‌ଡିପିପିର ୨୦ ବିଧାୟକ ଥିବାବେଳେ ଭାଜପାର ୧୨, ଏନ୍‌ପିଏଫ୍‌ର ୨୫ ଏବଂ ଦୁଇଜଣ ସ୍ୱାଧୀନ ଏମ୍‌ଏଲଏ ଅଛନ୍ତି। ଜୁଲାଇ ୧ରେ ଏନ୍‌ଡିପିପିର ଶାମାଟୋରେ–ଚେସୋରେ ବିଧାୟକ ତୋଶି ଓ୍ୱୁଙ୍ଗ୍‌ଟୁଙ୍ଗ୍‌ଙ୍କ ପରଲୋକ ପରେ ବିଧାନସଭାର ଗୋଟିଏ ଆସନ ଖାଲିପଡ଼ିଛି। ଗତ ଜୁଲାଇ ୧୯ରେ ବିରୋଧୀ ଏନ୍‌ପିଏଫ୍ ପକ୍ଷରୁ ଏକ ସଂକଳ୍ପନାମା ଗୃହୀତ ହୋଇଥିଲା। ଏଥିରେ ନିଃସର୍ତ୍ତ ଭାବେ ସର୍ବଦଳୀୟ ସରକାର ଗଠନ କରିବା ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଏହି ବିଷୟରେ ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନେଫିଉ ରିଓଙ୍କୁ ଅନୁରୋଧ କରାଯାଇଥିଲା। ନାଗା ପ୍ରସଙ୍ଗର ତ୍ୱରିତ ସମାଧାନ ପାଇଁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଥିଲା। ସେତେବେଳେ ଶାସକ ନ୍ୟାଶନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ ପାର୍ଟି (ଏନ୍‌ଡିପିପି) ଏହାକୁ ପ୍ରଶଂସା କରିଥିବାବେଳେ ସହଯୋଗୀ ଭାଜପା ନେତାମାନେ ଏହି ପ୍ରସ୍ତାବକୁ ନେଇ ସେତେଟା ଆଗ୍ରହ ଦେଖାଇ ନ ଥିଲେ। ତେବେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଯାଇ ଭାଜପାର କେନ୍ଦ୍ରୀୟ ନେତୃତ୍ୱଙ୍କୁ ବୁଝାଶୁଝା କରିବା ପରେ ସେମାନେ ସହମତି ପ୍ରକାଶ କରିଥିଲେ। ନାଗାଲାଣ୍ଡ ବିଧାୟକମାନେ ନାଗା ଶାନ୍ତି ଆଲୋଚନାରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ନ ଥିଲେ ମଧ୍ୟ କିଛିବର୍ଷ ହେଲା ଦଳମତ ନିର୍ବିଶେଷରେ ନିର୍ବାଚିତ ସଦସ୍ୟମାନେ ଏହି ଦୀର୍ଘକାଳୀନ ସମସ୍ୟାର ସମାଧାନରେ ଭୂମିକା ଗ୍ରହଣ କରିପାରିବେ ବୋଲି ମତ ଦେଉଛନ୍ତି। ତେବେ ନାଗାଲାଣ୍ଡରେ ପ୍ରଥମ ଥର ପାଇଁ ବିରୋଧୀଶୂନ୍ୟ ସରକାର ଗଠନ କରାଯାଇନାହିଁ। ଏହା ପୂର୍ବରୁ ୨୦୧୫ରେ ଏନ୍‌ପିଏଫ୍ ନେତୃତ୍ୱାଧୀନ ନାଗାଲାଣ୍ଡର ଗଣତାନ୍ତ୍ରିକ ମେଣ୍ଟ (ଡିଏଏନ୍)ର ତୃତୀୟ ପାଳିରେ କଂଗ୍ରେସ ବିଧାୟକମାନେ ସରକାରରେ ସାମିଲ ହୋଇଥିଲେ। ଶାସକ ଏନ୍‌ପିଏଫ୍‌ରେ କଂଗ୍ରେସର ମିଶ୍ରଣ ହୋଇଥିଲା, କିନ୍ତୁ ଏଥର ବିନା ମିଶ୍ରଣରେ ଏକ ମେଣ୍ଟ ଗଠନ କରାଯାଇଛି।

### ଚରଣଜିତ୍ ପଞ୍ଜାବ...

ସଭାପତି ନବଜ୍ୟୋତ ସିଂ ସିଦ୍ଧୁଙ୍କ ସହ କ୍ଷମତା କନ୍ଦଳକୁ ନେଇ ବରିଷ୍ଠ କଂଗ୍ରେସ ନେତା ଅମରିନ୍ଦର ସିଂ ଶନିବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ପଦ ଲାଗି ବିଭିନ୍ନ ନେତାଙ୍କ ନାମ ଚର୍ଚ୍ଚା ହେଉଥିବାବେଳେ ସମସ୍ତଙ୍କୁ ପଛରେ ପକାଇ ଚରଣଜିତ ନୂଆ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଦଳର ପଞ୍ଜାବ ପ୍ରଭାରୀ ଥିବା ଏଆଇସିସି ସାଧାରଣ ସମ୍ପାଦକ ହରିଶ ରାୱତ୍ ଟୁଇଟ୍ କରି ଚରଣଜିତ ସର୍ବସମ୍ମତିକ୍ରମେ ସିଏଲ୍‌ପି ନେତା ନିର୍ବାଚିତ ହୋଇଥିବା ସୂଚନା ଦେଇଥିଲେ।

୫୮ ବର୍ଷୀୟ ଚରଣଜିତ ଜଣେ ଦଳିତ ଶିଖ୍। ସେ ପଞ୍ଜାବର ପ୍ରଥମ ଦଳିତ ମୁଖ୍ୟମନ୍ତ୍ରୀ ହେବେ। ଚମ୍‌କାଉର୍ ସାହିବ ଆସନରୁ ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ଚରଣଜିତ ଅମରିନ୍ଦର ସିଂଙ୍କ କ୍ୟାବିନେଟ୍‌ରେ ବୈଷୟିକ ଶିକ୍ଷାମନ୍ତ୍ରୀ ଥିଲେ। ସୂଚନାଯୋଗ୍ୟ, ଅମରିନ୍ଦରଙ୍କ ଇସ୍ତଫା ପରେ ବରିଷ୍ଠ ନେତ୍ରୀ ଅମ୍ବିକା ସୋନିଙ୍କୁ ମୁଖ୍ୟମନ୍ତ୍ରୀ ପଦ ଯଚାଯାଇଥିଲା। ତେବେ ଜଣେ ଶିଖ୍ ଉକ୍ତ ପଦରେ ରହିବା ଆବଶ୍ୟକ ଅନୁଭବ କରି ସେ ମୁଖ୍ୟମନ୍ତ୍ରୀ ହେବାକୁ ମନା କରିଦେଇଥିଲେ ବୋଲି କହିଛନ୍ତି। ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଚୟନ କରିବା ଲାଗି ଶନିବାର ରାତିରୁ କଂଗ୍ରେସରେ ବିଚାରବିମର୍ଶ ଚାଲିଥିଲା। ସୋନି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ତାଙ୍କ ବାସଭବନରେ ଭେଟି ଏନେଇ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ପଦ ଲାଗି ପୂର୍ବତନ ପିସିସି ସଭାପତି ସୁନୀଲ ଜାଖର, ବର୍ତ୍ତମାନର ପିସିସି ସଭାପତି ନବଜ୍ୟୋତ ସିଂ ସିଦ୍ଧୁ, ତ୍ରିପ୍ତ ରାଜିନ୍ଦର ସିଂ ବାଜୱା, ସୁଖଜିନ୍ଦର ସିଂ ରାନ୍ଧୱାଙ୍କ ନାମ ଚର୍ଚ୍ଚା ହେଉଥିଲା ବେଳେ ଚୂଡ଼ାନ୍ତ ନିଷ୍ପତ୍ତି ଦଳ ହାଇକମାଣ୍ଡଙ୍କ ଉପରେ ଛଡ଼ାଯାଇଥିଲା।

ଚରଣଜିତ୍ କଂଗ୍ରେସ ବିଧାୟକ ଦଳ ନେତା ନିର୍ବାଚିତ ହେବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତେବେ ଚାଷୀ ଆନ୍ଦୋଳନବେଳେ ଜୀବନ ଦେଇଥିବା ୧୫୦ କୃଷକଙ୍କ ପରିବାର ସଦସ୍ୟଙ୍କୁ ବ୍ୟକ୍ତିଗତ ଭାବେ ନିଯୁକ୍ତି ପତ୍ର ଦେଇ ନ ପାରିବା ତାଙ୍କ ଦୁଃଖର କାରଣ ବୋଲି କହିଛନ୍ତି। ନୂଆ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ସେମାନଙ୍କୁ ନିଯୁକ୍ତି ଦେବେ ବୋଲି ଅମରିନ୍ଦର ଆଶାବ୍ୟକ୍ତ କରିବା ସହ ଚାଷୀଙ୍କୁ ନ୍ୟାୟ ପାଇଁ ଲଢ଼େଇରେ ତାଙ୍କ ସମର୍ଥନ ଜାରି ରହିବ ବୋଲି କହିଛନ୍ତି।

### ନଭେମ୍ବରରେ ଦଶମ, ...

ରହିବ। ତେବେ ଟର୍ମ–୧ ପାଇଁ ପିଲାଙ୍କ ତାଲିକା ମାଗିଛି ସିବିଏସ୍‌ଇ। ସମସ୍ତ ପଞ୍ଜୀକୃତ ସ୍କୁଲକୁ ଏହି ତାଲିକା ଆସନ୍ତା ୩୦ ତାରିଖ ସୁଦ୍ଧା ଦେବା ପାଇଁ କୁହାଯାଇଛି। ଏହାପରେ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ ହେବ ବୋଲି ଜଣାପଡ଼ିଛି। ବୋର୍ଡ ଆହୁରି ମଧ୍ୟ ସ୍ପଷ୍ଟ କରିଛି ଯେ, ଡାଟା ଅପ୍‌ଡେଟ୍ ଠିକ୍‌ରେ ନ କଲେ ସୁଧାରିବା ପାଇଁ ଆଉ ସୁଯୋଗ ମିଳିବ ନାହିଁ। ତେଣୁ କୌଣସି ତ୍ରୁଟି ନ କରି ପିଲାଙ୍କ ଠିକ୍ ତଥ୍ୟ ଅପ୍‌ଲୋଡ୍ କରିବା ପାଇଁ ସିବିଏସ୍‌ଇ କହିଛି।

### ଓଡ଼ିଆରେ ଇଞ୍ଜିନିୟରିଂ...

ତେବେ ଇଞ୍ଜିନିୟରିଂ ଟର୍ମଗୁଡ଼ିକରେ ବିଶେଷ ପରିବର୍ତ୍ତନ ନ ହୋଇ କେବଳ ସରଳ ଭାଷାରେ ଅନୁବାଦ ହେବ। ପଛୁଆ ଅଞ୍ଚଳର ପିଲାଙ୍କ ଇଞ୍ଜିନିୟର ହେବା ସ୍ୱପ୍ନରେ ଯେପରି ଇଂଲିଶ୍ ବାଧକ ନ ହେବ, ସେଥିପାଇଁ ଏଭଳି ଏକ ଯୋଜନା କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇଓଏସ୍‌ଆର୍ ଚେୟାରମ୍ୟାନ ଅବସର ବେଉରିଆ, ଉପାଧ୍ୟକ୍ଷ ପ୍ରଫେସର ନଟବର ଶତପଥୀ, ଡ. ସିପ୍ରା ମଲ୍ଲିକ, ସମ୍ପାଦକ ଡ. ସୁବ୍ରତ କୁମାର ପୃଷ୍ଟି, ବିପିୟୁଟି ପୂର୍ବତନ କୁଳପତି ପ୍ରଫେସର ଓମ୍‌କାର ନାଥ ମହାନ୍ତି, ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝୀ, ବିପିୟୁଟିରେ କରିକୁଲମ୍ ଡାଇରେକ୍ଟର ପ୍ରଫେସର ଡ. ଶିବ କୁମାର ମିଶ୍ର, ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଅଜିତ କୁମାର ନାୟକ, ରାଜ୍ୟ ସରକାରଙ୍କ ସିଡିସି ଆଣ୍ଡ ଏଫ୍‌ଡି ଡେପୁଟି ଡାଇରେକ୍ଟର ଡ. ମନୋରଞ୍ଜନ ସାମଲ ଏବଂ ଓଡ଼ିଶା ଘରୋଇ ଇଞ୍ଜିନିୟରିଂ କଲେଜ ସଂଘ(ଓପେକା)ର ଅବୈତନିକ ସମ୍ପାଦକ ବିନୋଦ ଦାସ ଯୋଗଦେଇଥିଲେ। ତେବେ ଆଞ୍ଚଳିକ ଭାଷାରେ ଇଞ୍ଜିନିୟରିଂ ଶିକ୍ଷାଦାନର ରୂପରେଖ ପ୍ରସ୍ତୁତ ଲାଗି ଆସନ୍ତା ୨୫ ତାରିଖରେ ଚୂଡ଼ାନ୍ତ ବୈଠକ ବସିବ ବୋଲି ସୂଚନା ମିଳିଛି। ଉକ୍ତ ବୈଠକରେ ମଧ୍ୟ ଏଆଇସିଟିଇର ଚେୟାରମ୍ୟାନ ଉପସ୍ଥିତ ରହିବେ। ଆସନ୍ତା ଶିକ୍ଷାବର୍ଷରୁ ଉର୍ଦ୍ଦୁ, ପଞ୍ଜାବୀ, ଅହମିୟା ଭାଷାରେ ମଧ୍ୟ ଇଞ୍ଜିନିୟରିଂ ପାଠପଢ଼ା ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ଏହି ନିଷ୍ପତ୍ତିକୁ ଓପେକା ସ୍ୱାଗତ କରିଛି। ଏ ନେଇ ସଂଘର ଅବୈତନିକ ସମ୍ପାଦକ ବିନୋଦ ଦାସଙ୍କ କହିଛନ୍ତି, ଓଡ଼ିଆ ଭାଷାରେ ପାଠ ପଢ଼ାଗଲେ ଫାଙ୍କା ପଡୁଥିବା ଇଞ୍ଜିନିୟରିଂ ସିଟ୍‌ଗୁଡ଼ିକ ପୂରଣ ହୋଇପାରିବ। ଆଞ୍ଚଳିକ ଭାଷାରେ ଇଞ୍ଜିନିୟରିଂ ଶିକ୍ଷାଦାନକୁ ନୂଆ ଜାତୀୟ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଆରେ ପଢ଼ାଇବା ବ୍ୟବସ୍ଥା ହେଲେ ପଛୁଆ ଅଞ୍ଚଳର ଛାତ୍ରୀଛାତ୍ର ବିଶେଷ ଲାଭପ୍ରଦ ହୋଇପାରିବେ। ପୂର୍ବରୁ ତାମିଲ, ତେଲୁଗୁ, ମାଲାୟଲମ୍, କନ୍ନଡ, ମରାଠୀ, ଗୁଜରାଟୀ, ବେଙ୍ଗଲୀ ଓ ହିନ୍ଦୀ ଭଳି ୮ ଭାଷାରେ ଇଞ୍ଜିନିୟରିଂ ପାଠ ପଢ଼ାଯାଉଛି। ଏବେ ନବମ ଭାଷା ଭାବେ ଓଡ଼ିଆରେ ଇଞ୍ଜିନିୟରିଂ ପଢ଼ାଯିବ। ତେବେ ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ଭିତରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ରାଜ୍ୟରେ ୮୮ ଘରୋଇ ଓ ୮ ସରକାରୀ ଇଞ୍ଜିନିୟରିଂ କଲେଜ ରହିଛି। ପ୍ରତିବର୍ଷ ପ୍ରାୟ ୩୦ରୁ ୩୫ ହଜାର ଛାତ୍ରୀଛାତ୍ର ନାମ ଲେଖାଉଥିବାବେଳେ ପାଖାପାଖି ୧୦ ହଜାର ସିଟ୍ ଖାଲି ପଡୁଛି।


# classifieds

**Everyday 0674-2580101, 2549302**



**SALE**

ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ **1,2,3BHK, Simplex, Duplex** ଅଛି। **8327785834, 9658122456.** D-71701

ଭୁବନେଶ୍ୱର ଚନ୍ଦକାରେ **Nalanda** ଓ **BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/–, ନଖରା ତ୍ରିନାଥବଜାର sqft.–150/– (Outright). 9348232008. D–21590

**Farm House ଉପଯୋଗୀ ସ୍ଥିତିବାନ ପ୍ଲଟ ଦେଢ଼ଏକର ମିନିଚିନ୍‌ପାଟଣା ମୌଜାର ବିକ୍ରି କରାଯିବ। Contact No.: 9861814701, Dist.- Khordha.** D-21646

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ **14,40,000/-ରେ ମିଳୁଛି। 9437033320.** D-71705

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

**Bhubaneswar infocity-2 ପାଖରୁ 200mtrs distance ଘରବାରି ପଟ୍ଟା (4plots) 30ft. road, electricity available. Rate-21,00,000/-, 7978444805.** D-70900



Swarna SPA newly open positively health benefits with expert therapist. 9556978408. D-71162

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Take wellness relax massage trained ladies/ gents therapist 800/-, 7008773793. D-71417

Newly open SPA offer @799/-, positively health benefits, Jaydevbihar. 7846814019. D-71419

Newly open SPA centre with therapist full body massage. 8455987557. D-71418

Monalisa massage Club: All types Body massage with hiprofile smart lady rooms service available. 9708545108. D-21660

Newly Open Saikrupa Panchakarma Spa positively health benefits with Expert. 8984068077. D-21568


**Refreshing your mind, your body with tha best therapy at Lotus Spa. 8018891951.** D-70484

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ସ୍ୱାଧୀନତା ସଂଗ୍ରାମୀ ବୈକୁଣ୍ଠ ମହାପାତ୍ରଙ୍କ ପରଲୋକ

ଭଣ୍ଡାରିପୋଖରୀ,୧୯।୯(ଡି.ଏନ.ଏ)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତ ଅନ୍ତର୍ଗତ ହାଟଡ଼ିହି ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ବୈକୁଣ୍ଠ ମହାପାତ୍ର(୯୯)ଙ୍କ ରବିବାର ସକାଳେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଭଣ୍ଡାରିପୋଖରୀ ଥାନା ପୋଡ଼ି ସହ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ। ତାଙ୍କ



ବିୟୋଗରେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରାଣୀତକାନ୍ତ ସାମଲ ପ୍ରମୁଖ ଶୋକବ୍ୟକ୍ତ କରିବାସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କର ୬ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଏକମାତ୍ର ପୁଅ ସତ୍ୟାନନ୍ଦ ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବାରେ ନିଜକୁ ନିୟୋଜିତ ରଖିଛନ୍ତି। ଜନ୍ମ ମାଟିରେ ସଂଗ୍ରାମୀ ବୈକୁଣ୍ଠଙ୍କ ଅନ୍ତିମ ସଂସ୍କାର କରାଯିବା ସହ ପୁଅ ସତ୍ୟାନନ୍ଦ ମୁଖାଗ୍ନି ଦେଇଥିଲେ।

## 'ଲାଏ ଡିଟେକ୍ସନରେ ସମୟ ନଷ୍ଟ କରା ନ ଯାଇ ସିବିଆଇ ତଦନ୍ତ ହେଉ'

**ଖଇରା,୧୯।୯(ଡି.ଏନ.ଏ.):** ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁର ୬୬ଦିନ ପରେ ଶନିବାର ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରାଯାଇଛି। ଏହାକୁ ନେଇ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି କ୍ରାଇମବ୍ରାଞ୍ଚ ଯାହା ନ୍ୟାୟ ଦେବ ତାହା ତାଙ୍କ ପରିବାର ନୁହେଁ ସାରା ଓଡ଼ିଶା ଜାଣିସାରିଲାଣି। ପଚରାଉଚୁରା ତଥା ଏଭଳି ପରୀକ୍ଷାରେ ସମୟ ନଷ୍ଟ ନ କରି ପୋଲିସ ଯଥାଶୀଘ୍ର ଚାର୍ଜଶିଟ ପ୍ରଦାନ କଲେ ହୁଏତ ସେମାନେ ନ୍ୟାୟ ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରନ୍ତେ। ଏଭଳି ପରୀକ୍ଷା ନିରୀକ୍ଷା କରାଇ ଶେଷରେ ସମସ୍ତଙ୍କୁ କ୍ଲିନଚିଟ୍ ଦେବା ପାଇଁ ପଥ ପରିଷ୍କାର କରାଯାଉଛି। ସର୍ବୋପରି ସେ ସିବିଆଇ ତଦନ୍ତ ଦାବିକୁ ପୁନର୍ବାର ଦୋହରାଇଛନ୍ତି। ଭାଇ ରଞ୍ଜନ ମହାପାତ୍ର କହିଛନ୍ତି, ଲାଏ ଡିଟେକ୍ସନ ଟେଷ୍ଟ ବେଳେ ସୌମ୍ୟଙ୍କ ପରିବାର ଲୋକ ଉପସ୍ଥିତ ରହିବାରେ କିଛି ଅସୁବିଧା ନ ଥିଲା। କ୍ରାଇମବ୍ରାଞ୍ଚ ଯେଭଳି କାର୍ଯ୍ୟ କରୁଛି ତାହା ସାଧାରଣରେ ସନ୍ଦେହ ହେବା ସ୍ୱାଭାବିକ। ତାଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ବିଦ୍ୟାଭାରତୀ, ମମତା ପଣ୍ଡା, ପାରଳାଖେମୁଣ୍ଡି ଡାକ୍ତରଖାନାରେ ସୌମ୍ୟଙ୍କୁ ଚିକିତ୍ସା କରିଥିବା ଡାକ୍ତର, ଜମାନବନ୍ଦୀ ସମୟରେ ଉପସ୍ଥିତ ଥିବା ତହସିଲଦାରଙ୍କୁ ଲାଏ ଡିଟେକ୍ସନ ଟେଷ୍ଟ କରାଗଲେ ତଥ୍ୟ ବିଷୟରେ ପରିବାର ଲୋକ ଅବଗତ ହୋଇପାରନ୍ତେ।

## ୧ ଲକ୍ଷ ଟଙ୍କାରେ ଗଣେଶ ଲଡୁ ନିଲାମ



ନିଲାମ ହୋଇଥିବା ଲଡୁ।

**କାଶୀନଗର,୧୯।୯(ଡି.ଏନ.ଏ.):** ଗଜପତି ଜିଲା କାଶୀନଗର ବ୍ଲକ ଅଲଡ଼ା ଗ୍ରାମରେ ଗଣେଶଙ୍କ ପାଖରେ ପୂଜା ହେଉଥିବା ଲଡୁ ରବିବାର ୧ ଲକ୍ଷ ଟଙ୍କାରେ ନିଲାମ ହୋଇଛି। ଏହାକୁ ଉକ୍ତ ଗ୍ରାମର କେ.ସୋମେଶ୍ୱ କିଣିଛନ୍ତି। ଅଲଡ଼ା ଗ୍ରାମରେ ରବିବାର ଗଣେଶ ମୂର୍ତ୍ତି ବିସର୍ଜନ କାର୍ଯ୍ୟକ୍ରମ ଥିଲା। ଏହା ପୂର୍ବରୁ ପୂଜା ହେଉଥିବା ଲଡୁକୁ ନିଲାମ କରାଯାଇଛି। ଗଣେଶଙ୍କ ଲଡୁ କିଣିବା ଦ୍ୱାରା ପରିବାର ସୁସ୍ଥ୍ୟ ରହିବା ସହ ବ୍ୟବସାୟରେ ଉନ୍ନତି ହେବ ବୋଲି ପୂର୍ବରୁ ବିଶ୍ୱାସ ରହିଥିବାରୁ ସୋମେଶ୍ୱ ଏହାକୁ କିଣିଥିବା କହିଛନ୍ତି।

# ଆସୁଛି ଆଉ ୨ ଲଘୁଚାପ, ୧୦ଦିନ ବର୍ଷିବ

ଭୁବନେଶ୍ୱର,୧୯।୯(ବ୍ୟୁରୋ)



- ଆଜି ୮ ଜିଲାକୁ ପ୍ରବଳ ବର୍ଷା
- ଏବେ ବି ୧୦ ଜିଲାରେ ନିଅଣ୍ଟିଆ ସ୍ଥିତି

ବଙ୍ଗୋପସାଗରକୁ ଲଗାତାର ଆଉ ଦୁଇଟି ଲଘୁଚାପ ଆସୁଛି। ଫଳରେ ଆସନ୍ତା ୧୦ଦିନ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। 'ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟ ଆଣ୍ଡ୍ କ୍ଲାଇମେଟ୍' ଏଭଳି ଆକଳନ କରି କହିଛି, ଦକ୍ଷିଣ ଚୀନ ସାଗରରୁ ଘୂର୍ଣ୍ଣିବଳୟ ଆସୁଛି। ଏହା ପଶ୍ଚିମାଞ୍ଚଳ ମିଆମାର ଏବଂ ଥାଇଲାଣ୍ଡ ଦେଇ ବଙ୍ଗୋପସାଗରେ ପହଞ୍ଚିବ। କ୍ରମଶଃ ଏହା ଘନୀଭୂତ ହୋଇ ଆସନ୍ତା ୨୫ ଓ ୨୮ ତାରିଖରେ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ପ୍ରଭାବରେ ବିଶେଷକରି ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ଉକ୍ତ ପାଣିପାଗ ସଂସ୍ଥା ଆଶଙ୍କା କରିଛି।

ସଂସ୍ଥାର ସୂଚନାନୁସାରେ, ୨୪ ତାରିଖରେ ଆସୁଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ବଙ୍ଗୋପସାଗରରେ ୨୫ ତାରିଖରେ ଲଘୁଚାପ ହେବ। ସେହିପରି ୨୬ ତାରିଖରେ ସୃଷ୍ଟି ହେବାକୁ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୨୮ ତାରିଖରେ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଆଉଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ଯୋଗୁ ବନ୍ୟା ହେବାର ଆଶଙ୍କା ରହିଥିବା ସୂଚନା ଦିଆଯାଇଛି।

ଏପଟେ ସାରା ରାଜ୍ୟରେ ଲଘୁଚାପଜନିତ ବର୍ଷା ଜାରି ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ମୟୂରଭଞ୍ଜ, କେଉଁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ଢେଙ୍କାନାଳ, ସମ୍ବଲପୁର, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ନୟାଗଡ଼ ଓ କଳାହାଣ୍ଡିରେ ଅଧିକ ବର୍ଷା ହୋଇଛି। ରବିବାର ଭାବନୀପାଟଣାରେ ସର୍ବାଧିକ ୭୮ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ନୟାଗଡ଼ ୫୧, ଟିଟିଲାଗଡ଼ ୪୫, ଗୋପାଳପୁର ୩୮, ପାରଳାଖେମୁଣ୍ଡି ୩୫, ଭୁବନେଶ୍ୱର ୩୪.୪, କଟକ ୨୬, ଦାରିଙ୍ଗବାଡ଼ି ୧୫ ମିମି ବର୍ଷା ହୋଇଛି। ଆସନ୍ତା ୨୪ ଘଣ୍ଟା ରାଜ୍ୟର କେଉଁଝର, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ବରଗଡ଼, ନୂଆପଡ଼ା ଓ ବଲାଙ୍ଗୀର ଆଦି ୮ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପ୍ରକାଶ କରିଛି। ପ୍ରବଳ ବର୍ଷା ନେଇ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଅପରପକ୍ଷେ ରାଜ୍ୟରେ ଗତ କିଛିଦିନ ହେବ ଲଗାତାର ବର୍ଷା ହେଉଥିଲେ ମଧ୍ୟ ଏବେ ବି ରାଜ୍ୟରେ ନିଅଣ୍ଟିଆ ସ୍ଥିତି ଲାଗି ରହିଛି। ରାଜ୍ୟରେ ଏବେ ୧୨% ଅଭାବୀ ବର୍ଷା ଦେଖାଯାଇଥିବାବେଳେ ୧୦ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସମ୍ବଲପୁରରେ ସ୍ୱାଭାବିକଠାରୁ ସର୍ବାଧିକ ୩୧% କମ୍ ବର୍ଷା ହୋଇଛି। ସେହିପରି ଝାରସୁଗୁଡ଼ା, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗୀର, ଯାଜପୁର, କେନ୍ଦୁଝର, ଭଦ୍ରକ, ଗଜପତି ଓ ଦେବଗଡ଼ ଜିଲାରେ ମଧ୍ୟ ନିଅଣ୍ଟିଆ ବର୍ଷା ହୋଇଛି।

## ଆଇଓସିଏଲ ଟର୍ମିନାଲରେ ଅଗ୍ନିକାଣ୍ଡ

ପାରାଦୀପ,୧୯।୯(ସ୍ୱ.ପ୍ର.)



ପାରାଦୀପ ବାଉରିଆପାଳନ୍ଦାସ୍ଥିତ ଆଇଓସିଏଲ ତୈଳ ଟର୍ମିନାଲରେ ରବିବାର ଅଗ୍ନିକାଣ୍ଡ ଘଟିଛି। ତେଲଟାଙ୍କିର ଡ୍ରେନ ପାଖରେ ଅକସ୍ମାତ ନିଆଁ ଲାଗି ଯାଇଥିଲା। କିଛି କ୍ଷତି ଘଟିବା ପୂର୍ବରୁ ମାତ୍ର ୩ ମିନିଟ ମଧ୍ୟରେ ଟର୍ମିନାଲ କର୍ମଚାରୀ ନିଆଁକୁ ଆୟତ୍ତ କରିନେଇଥିଲେ। କିନ୍ତୁ ସେତେବେଳକୁ ନିଆଁ ଓ ଧୂଆଁ ଉକ୍ତ ଟର୍ମିନାଲ ଅଞ୍ଚଳରେ ବ୍ୟାପୀ ଯାଇଥିଲା। ନିଆଁ ଲାଗିବାର କାରଣ ଜଣାପଡିନାହିଁ। ପ୍ରାଥମିକ ଭାବେ କାରଖାନା ଓ ବାଷ୍ପିତ ବିଭାଗ ଯାଞ୍ଚ ପରେ ସୂଚନା ମିଳିଛି ଯେ, ତେଲ ଟାଙ୍କିର ପାଇପ୍‌ଲାଇନ ପାଖ ଡ୍ରେନରେ ଏହା ଘଟିଛି। ଟ୍ରେନ ଗଡ଼ିବା ବେଳେ ଲାଇନରୁ ଘର୍ଷଣ ପୂର୍ବକ ନିଆଁ ଛିଟିକି ପଡ଼ିବାରୁ ଏପରି ଦୁର୍ଘଟଣା ଘଟିଥିବା ଆଶଙ୍କା କରାଯାଉଛି। ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ କୁହନ୍ତି, ଉକ୍ତ ଡ୍ରେନରେ କିଛି ପରିମାଣର ତେଲ ରହିଥାଏ। ସେହି ଡ୍ରେନ ପାଣିକୁ ଶୋଧନ କରି ତେଲକୁ ଅଲଗା କରାଯାଏ। ଟର୍ମିନାଲ ଭିତରକୁ ମୋବାଇଲ, ଦିଆସିଲି କିମ୍ବା କୌଣସି ଆଗ୍ନିକ ସାମଗ୍ରୀ ଯାଏନାହିଁ। ତଥାପି କିପରି କେଉଁ ପରିସ୍ଥିତିରେ ଏପରି ଘଟିଛି ସେ ସମ୍ପର୍କରେ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଆଇଓସିଏଲ ତୈଳ ଟର୍ମିନାଲ ପାଖକୁ ଆଉ ୨ଟି ତୈଳ ଓ ଗୋଟିଏ ଗ୍ୟାସ ଟର୍ମିନାଲ ଲାଗି ରହିଛି। ଗୋଟିଏ ଲେଖାଏ ଟର୍ମିନାଲରେ ୧୨ ରୁ ଅଧିକ ବିଶାଳକାୟ ଟାଙ୍କିରେ ତେଲ ଓ ଗ୍ୟାସ ଗଚ୍ଛିତ ରହିଛି। ସେଠାକୁ କୌଣସି କାରଣରୁ ନିଆଁ ବ୍ୟାପିଯାଇଥିଲେ ବଡ଼ଧରଣର ଦୁର୍ଘଟଣା ଘଟିଥାନ୍ତା।

## ଆଉ ୯୫ ପିଲା କରୋନାରେ ସଂକ୍ରମିତ

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ରାଜ୍ୟରେ ଆଉ ୯୫ ପିଲା କରୋନାରେ ସଂକ୍ରମିତ ହୋଇଛନ୍ତି। ଗତ ୨୪ଘଣ୍ଟାରେ ୬୨,୯୧୭ ନମୂନା ପରୀକ୍ଷା କରାଯାଇଥିବା ବେଳେ ୬୨୩ ପଜିଟିଭ୍ ବାହାରିଛନ୍ତି। ଏମାନଙ୍କ ମଧ୍ୟରେ ୧୮ବର୍ଷରୁ କମ୍ ୯୫ଜଣ ଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ କହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରେ ସର୍ବାଧିକ ୨୭୨ଜଣ ରହିଛନ୍ତି। ରାଜ୍ୟରେ ସଂକ୍ରମଣ ହାର ୦.୯୯% ଥିବାବେଳେ ଖୋର୍ଦ୍ଧାରେ ୩.୩% ରହିଛି। ଅପରପକ୍ଷେ ରାଜ୍ୟରେ ଆଉ ୭ଜଣଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା, କଟକ ଓ ଜଗତସିଂହପୁରରୁ ୨ଜଣ ଲେଖାଏ ଥିବା ବେଳେ ଯାଜପୁର ଜିଲାରୁ ଜଣେ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮,୧୩୫କୁ ବୃଦ୍ଧି ପାଇଛି।

## ଓଡ଼ିଶା ରିୟଲ ଇଷ୍ଟେଟ୍ ଆପିଲେଟ ଟ୍ରିବ୍ୟୁନାଲର ସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ




କଟକ ଅଫିସ, ୧୯।୯

ଓଡ଼ିଶା ରିୟଲ ଇଷ୍ଟେଟ୍ ଆପିଲେଟ ଟ୍ରିବ୍ୟୁନାଲର ସ୍ଥାୟୀ କାର୍ଯ୍ୟାଳୟ ଭୁବନେଶ୍ୱର ସତ୍ୟନଗରସ୍ଥିତ ତୋଷାଳି ଭବନର ସପ୍ତମ ମହଲା ବ୍ଲକ ଏ-୧ରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସୁପ୍ରିମକୋର୍ଟ ବିଚାରପତି ବିନୀତ ଶରନ୍ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ଟ୍ରିବ୍ୟୁନାଲର ଚେୟାରମ୍ୟାନ ଜଷ୍ଟିସ ଏସ.ସି. ପରିଜା, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥାନନ, ଆଇନ ସଚିବ ରାଧାକୃଷ୍ଣ ପଟ୍ଟନାୟକ, ଅର୍ଥ ସଚିବ ବିଶାଲ ଦେବ, ପୂର୍ତ୍ତ ସଚିବ ତଥା ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ କ୍ରିଷନ୍ କୁମାର, ସଂସ୍କୃତି ସଚିବ ସୁରେଶ ଚନ୍ଦ୍ର ଦଳେଇ, ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂ, ପଞ୍ଚାୟତିରାଜ ବିଭାଗ ସଚିବ ଅଶୋକ କୁମାର ମୀନା, ଇଡ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଚିତ୍ତରଞ୍ଜନ ଦାଶ, ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ଓ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ଯୋଗଦେଇଥିଲେ। ଏହା ପୂର୍ବରୁ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଫର୍ଚୁନ ଟାୱାରରେ ଟ୍ରିବ୍ୟୁନାଲ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିଲା। ଆସନ୍ତା ୨୭ ତାରିଖରୁ ଟ୍ରିବ୍ୟୁନାଲର ସ୍ଥାୟୀ କାର୍ଯ୍ୟାଳୟ ଖୋଲାଯିବ। ତେଣୁ ଅଭିଯୋଗକାରୀ, ଆଇନଜୀବୀ, ସରକାରୀ ଓ ବେସରକାରୀ କର୍ତ୍ତୃପକ୍ଷ ଉକ୍ତ ଦିନଠାରୁ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଟ୍ରିବ୍ୟୁନାଲ ପକ୍ଷରୁ ଅବଗତ କରାଯାଇଛି।

## ୮୨.୪୬୦ ଗ୍ରାମ୍ ବ୍ରାଉନ ସୁଗାର ଜବତ

ନୟାଗଡ଼ ଅଫିସ,୧୯।୯



- ୫ ବ୍ୟବସାୟୀ ଜେଲ ଗଲେ
- ଖୋର୍ଦ୍ଧାରୁ ଆସିଥିଲା ବ୍ରାଉନସୁଗାର

ନୟାଗଡ଼ ଜିଲାରେ ବ୍ରାଉନସୁଗାର କାରବାର ଅବାଧରେ ଚାଲିଛି। ବ୍ରାଉନସୁଗାର ଜବତ ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଥିଲେ ହେଁ ଏହାକୁ ସମ୍ପୂର୍ଣ୍ଣ ରୋକିବାରେ ସଫଳତା ମିଳିନାହିଁ। ଅନ୍ୟପକ୍ଷେ ଅବକାରୀ ବିଭାଗ ଚେଇଁ ଶୋଇଥିବାବେଳେ ପୋଲିସ ଅବକାରୀ ବିଭାଗ କାମ କରୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ରବିବାର ନୟାଗଡ଼ରୁ ୮୨.୪୬୦ ଗ୍ରାମ୍ ବ୍ରାଉନ ସୁଗାର ଜବତ ହେବା ପରେ ଏହି କାରବାରର ଅସଲ ଚିତ୍ର ପଦାକୁ ଆସିଛି। ନୟାଗଡ଼ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ ରବିବାର ଏକ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି। ଜବତ ୮୨.୪୬୦ ଗ୍ରାମ୍ ବ୍ରାଉନସୁଗାରର ଦାମ୍ ପ୍ରାୟ ୧୦ ଲକ୍ଷ ଟଙ୍କା। ଏହି ଘଟଣାରେ ଖୋର୍ଦ୍ଧା ଆଦର୍ଶ ଥାନା ସ୍ୱପ୍ନେଶ୍ୱର ସାହିର ମୁନା ଦାସ(୨୩), ନୟାଗଡ଼ ସଦର ଥାନା ଭାଟସାହିର ବିଶ୍ୱରଞ୍ଜନ ଜେନା ଓରଫ ଟିଟୁଲା (୨୬), ବୈକୁଣ୍ଠ ଦାସ ଓରଫ ପୋଚରା(୩୪), ନୟାଗଡ ସଦର ଥାନା ସବୁର୍ଣ୍ଣଦେଇପୁର ଗାଁର ସୁରେଶ ପ୍ରଧାନ ଓରଫ କାଲୁ(୩୮) ଓ ମୁକ୍ତାପୁରର ପବିତ୍ର ରାଉତ(୪୫)ଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ୫ଅଭିଯୁକ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗିରଫ ୩ ଅଭିଯୁକ୍ତଙ୍କଠାରୁ ୩ ବାଇକ୍, ୫୬୦ ଟଙ୍କା, ୩ ମୋବାଇଲ ଜବତ କରାଯାଇଛି। ଅତିରିକ୍ତ ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଖୋର୍ଦ୍ଧା ସ୍ୱପ୍ନେଶ୍ୱର ସାହିର ମୁନା ଦାସ ବ୍ରାଉନସୁଗାର କାରବାରର ମୁଖ୍ୟ ବ୍ୟବସାୟୀ। ମୁନା ଓ ଭାଟସାହିର ପୋଚରା ଓ ଟିଟୁଲା ମିଶି ବ୍ରାଉନସୁଗାର ବ୍ୟବସାୟ କରନ୍ତି। ମୁନା ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏହାର ତଦନ୍ତ ଚାଲୁ ରହିଛି। ଶନିବାର ଅପରାହ୍ନରେ ନୟାଗଡ଼ ଜିଲାପାଳ ଓ ଏସ୍‌ପିଙ୍କ ସରକାରୀ ବାସଭବନ ନିକଟସ୍ଥ ହାଉସିଂ ବୋର୍ଡ କଲୋନୀରେ ଏହି ୫ ବ୍ୟବସାୟୀ ବ୍ରାଉନସୁଗାର କାରବାର କରୁଥିଲେ। ମୁନାଙ୍କଠାରୁ ୫୧୪ ପ୍ୟାକେଟରେ ୬୧ ଗ୍ରାମ୍ ୫୯୦ ମିଲିଗ୍ରାମ୍ ବ୍ରାଉନସୁଗାର, ୧୭୦ ଟଙ୍କା, ମୋବାଇଲ ଓ ବାଇକ୍ ଜବତ କରାଯାଇଛି। ସେହିପରି ଟିଟୁଲାଙ୍କଠାରୁ ୧୭୨ ପୁଡ଼ିଆରେ ୧୧ ଗ୍ରାମ୍ ୫୭୦ ମିଲିଗ୍ରାମ୍ ବ୍ରାଉନସୁଗାର, ୨୫୦ ଟଙ୍କା, ଗୋଟିଏ ବାଇକ୍, ୧ ମୋବାଇଲ ଜବତ ହୋଇଥିବାବେଳେ ପୋଚରାଙ୍କଠାରୁ ୯ ଗ୍ରାମ୍ ୩୦୦ ମିଲିଗ୍ରାମ୍ ବ୍ରାଉନସୁଗାର, ୧୫୦ଟଙ୍କା, ଗୋଟିଏ ବାଇକ, ଗୋଟିଏ ମୋବାଇଲ ଜବତ ହୋଇଛି। ଏନେଇ ୨୧(ବି), ୨୯ ଏନ୍‌ଡିପିସି ଆକ୍ଟରେ ଏକ ମାମଲା(ନଂ.୧୯୬/୨୧) ରୁଜୁ ହୋଇ ତଦନ୍ତ ଜାରି ରହିଛି ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ନୟାଗଡ଼ ଏସ୍‌ଡିପିଓ ଶୁଭେନ୍ଦୁ ସିଂ ଓ ନୟାଗଡ଼ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ପଞ୍ଚଭୂତରେ ଲୀନ ହେଲେ ମନୋରମା

### ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ



ପୁରୀ ଜିଲା ପ୍ରଶାସନ ପକ୍ଷରୁ ସ୍ୱର୍ଗତା ମନୋରମା ମହାପାତ୍ରଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଉଛି।

ପୁରୀ ଅଫିସ, ୧୯।୯

ସୁସାହିତ୍ୟିକା ତଥା 'ସମାଜ'ର ପୂର୍ବତନ ସମ୍ପାଦିକା ଡ. ମନୋରମା ମହାପାତ୍ରଙ୍କ ଶେଷକୃତ୍ୟ ରବିବାର ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ପୁତ୍ର ପ୍ରଦୀପ କୁମାର ମହାପାତ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ମହାପାତ୍ରଙ୍କୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଜିଲାପାଳ ସମର୍ଥ ବର୍ମା, ଆରକ୍ଷୀ ଅଧୀକ୍ଷକ ଡ. କନୱର ବିଶାଲ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ। ଏହି ଅବସରରେ ସ୍ୱର୍ଗତା ମହାପାତ୍ରଙ୍କ ଝିଅ ସୁଚିସ୍ମିତା ମିଶ୍ର, ଜାମାତା ଅରୁଣ ମିଶ୍ରଙ୍କ ସମେତ ଶୈଳରାଣୀ ମିଶ୍ର ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଡ. ମହାପାତ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଦୁଇଦିନ ତଳେ ତାଙ୍କୁ କଟକସ୍ଥିତ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସନ୍ଧ୍ୟାରେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ।




ସୁସାହିତ୍ୟିକା ମନୋରମା ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ମାଛଧରା ଡଙ୍ଗା ବୁଡ଼ିଗଲା: ୨ ନିଖୋଜ

ପାରାଦୀପ,୧୯।୯(ସ୍ୱ.ପ୍ର.)

ପାରାଦୀପ ମାଛଧରା ବନ୍ଦର ସଂଲଗ୍ନ ମହାନଦୀ ମୁହାଣରେ ରବିବାର ମଧ୍ୟାହ୍ନରେ ଏକ ମାଛଧରା ଡଙ୍ଗା ବୁଡ଼ିଯାଇଛି। ଫଳରେ ୨ ଜଣ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଥିବାବେଳେ ୫ ଜଣ ବର୍ତ୍ତି ଯାଇଛନ୍ତି। ନିଖୋଜ ଦ୍ୱୟ ହେଲେ ଦାମଲ କାମରାଜୁ ଓ ସି.ଏଚ୍.ଦେଉଡୁ। ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀମାନେ ହେଲେ କମଲ ସୁରବାବୁ, ପାଲେଟି ଏଲାଜି, କେ. କ୍ରିଷ୍ଣା, କେ. ପାପାରାଓ ଏବଂ କେ. ତାତାରାଓ। ମେରାଇନ ପୋଲିସ ପାଟ୍ରୋଲିଂ ଟିମ୍ ଓ କୋଷ୍ଟଗାର୍ଡ ପକ୍ଷରୁ ନିଖୋଜ ୨ ମତ୍ସ୍ୟଜୀବୀଙ୍କୁ ଖୋଜାଖୋଜି କରାଯାଉଛି। ରିପୋର୍ଟ ଲେଖାହେବା ସୁଦ୍ଧା ସେମାନଙ୍କ କୌଣସି ସୂଚନା ମିଳିପାରିନାହିଁ।

ମା'ରାମଚଣ୍ଡୀ-୯୮ ନାମକ ଏକ ବୋଟରେ ଏହି ୭ ଜଣ ମତ୍ସ୍ୟଜୀବୀ ଶନିବାର ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ରବିବାର ଖରାବେଳେ ସମୁଦ୍ରରୁ ମାଛଧରା ବନ୍ଦରକୁ ଫେରିବାବେଳେ ମହାନଦୀ ମୁହାଣରେ ବୋଟ ବୁଡ଼ି ଯାଇଥିଲା। ପାଖରେ ଥିବା ଆଉ ଏକ ମାଛଧରା ବୋଟ ପହଞ୍ଚି ୫ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲା। ମୁହାଣ ଅଞ୍ଚଳରେ ଅତ୍ୟଧିକ ଅନ୍ତଃସ୍ରୋତ(କରେଣ୍ଟ) ଥିବାରୁ ଏପରି ଘଟିଥିବା କୁହାଯାଇଛି। ଏହି ମୁହାଣରେ ଏକାଧିକ ଥର ବୋଟ ଓ ମାଛଧରା ଟ୍ରଲର ଏଭଳି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ପୂର୍ବରୁ ନଜିର ରହିଛି।

## ପୂର୍ବ ଶତ୍ରୁତାରୁ ଆକ୍ରମଣ, ଯୁବକ ମୃତ



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ବେଗୁନିଆପଡ଼ା,୧୯।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା କୋଦଳା ଏନ୍‌ଏସି ଅନ୍ତର୍ଗତ ଖଦାଳ ସାହିରେ ରବିବାର ଏକ ହତ୍ୟାକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଘବଦ୍ଧ ଭାବେ ଖଣ୍ଡାରେ ହାଣି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଖଦାଳ ସାହିର କାଲୁ ଦାଶ (୪୨)। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଗ୍ରାମର ଗୋଟିଏ ଗୋଷ୍ଠୀ ପୋଲିସ ଉପସ୍ଥିତିରେ ଅଭିଯୁକ୍ତମାନଙ୍କ ୩ ଘର ଜାଳି ଦେବା ସହ ୪ ବାଇକ୍ ଭଙ୍ଗାରୁଜା କରିଛନ୍ତି। ଏଥିପାଇଁ ଗ୍ରାମରେ ଉତ୍ତେଜନା ଲାଗି ରହିଥିଲା। ପୋଲିସ ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଛି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଚାଲିଛି।

କୋଦଳା ଏନ୍‌ଏସି ଅନ୍ତର୍ଗତ ଖଦାଳ ସାହିରେ ଗତ କିଛି ଦିନ ଧରି ଦୁଇ ଗୋଷ୍ଠୀ ମଧ୍ୟର ସଂଘର୍ଷ ଲାଗି ରହିଥିଲା। ରବିବାର ସକାଳେ କାଲୁ ମଟନ ଦୋକାନରୁ ଫେରିବା ବେଳେ ଅପର ଗୋଷ୍ଠୀର କେତେଜଣ ଯୁବକ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବିଚ ରାସ୍ତାରେ ଖଣ୍ଡାରେ ଓ ଲୁହା ରଡ଼ ସାହାଯ୍ୟରେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ କାଲୁଙ୍କ ମୃତ୍ୟୁ ଘଟିଥିଲା। କାଲୁଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ ଜଣେ ଯୁବକ ମଧ୍ୟ ଆହତ ହୋଇଥିଲେ। ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ଘରକୁ ଫେରିଛନ୍ତି। କାଲୁଙ୍କୁ ହତ୍ୟାପରେ ଲୋକେ ଅଭିଯୁକ୍ତଙ୍କ ୩ ଘରେ ନିଆଁଲଗାଇ ଦେବା ସହ ରାସ୍ତା ଅବରୋଧ କରିଥିଲେ। କୋଦଳା ପୋଲିସ, ଗଞ୍ଜାମ ଅତିରିକ୍ତ ଜିଲାପାଳ, ପୁରୁଷୋତ୍ତମପୁର ଏସ୍‌ଡିପିଓ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇଲା ପରେ ରାସ୍ତାରୋକୋ ହଟିଥିଲା। କୋଦଳା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ହତ୍ୟାକାରୀଙ୍କୁ ଫାଶି ଦଣ୍ଡ ଦେବା ଲାଗି ମୃତକ ପରିବାର ଲୋକେ ଦାବି କରିଛନ୍ତି।

> ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। —ଶ୍ରୀଅରବିନ୍ଦ



# ହାଇକମାଣ୍ଡ ମାନସିକତା

ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରିନ୍ଦର ସିଂ ମୁଖ୍ୟମନ୍ତ୍ରୀ ପଦରୁ ୧୮ ସେପ୍ଟେମ୍ବରରେ ଇସ୍ତଫା ଦେବା ପରେ ସେଠାକାର କଂଗ୍ରେସ ଭିତରେ ଥିବା ଫାଟ ପଦାକୁ ସମ୍ପୂର୍ଣ୍ଣ ଦିଶିଛି। ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି ସଭାପତି ନବଜୋତ୍ ସିଂ ସିଦ୍ଧୁଙ୍କ ସହ ମତଭେଦ ଯୋଗୁ ଅମରିନ୍ଦରଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। କ୍ୟାପଟେନ୍ ବର୍ତ୍ତାଇଛନ୍ତି ଯେ, ସିଦ୍ଧୁଙ୍କ ବନ୍ଧୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଓ ସେଠାକାର ସେନା ମୁଖ୍ୟ ଜେନେରାଲ କମାର ଜାଭେଦ ବାଜ୍ୱାଙ୍କ ସହ ମଧ୍ୟ ତାଙ୍କର ଭଲ ସମ୍ପର୍କ ରହିଛି। ଭାରତର ମଙ୍ଗଳ ଦୃଷ୍ଟିରୁ ସିଦ୍ଧୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ହେବା ଅନୁଚିତ ବୋଲି ଅମରିନ୍ଦର କହିଥିଲେ। ଅନ୍ୟପକ୍ଷରେ ଇସ୍ତଫା ଦେବା ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସହ କଥା ହୋଇଥିବା ସେ କହିଥିଲେ। କିନ୍ତୁ ସୋନିଆ ଏଥିପାଇଁ କେବଳ ଦୁଃଖପ୍ରକାଶ କରି ରହିଯାଇଥିଲେ। ୧୯ ସେପ୍ଟେମ୍ବରରେ କ୍ୟାପଟେନ୍ଙ୍କ ମନ୍ତ୍ରିମଣ୍ଡଳରେ ବୈଷୟିକ ଶିକ୍ଷା ଓ ଶିଳ୍ପ ପ୍ରଶିକ୍ଷଣ ମନ୍ତ୍ରୀ ଥିବା ଚରଣଜିତ୍ ସିଂ ଚନ୍ନିଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଛି। ଚନ୍ନି ଦଳିତ ନେତା ଭାବେ ପରିଚିତ।

ପଞ୍ଜାବରେ ଅମରିନ୍ଦର ଓ ସିଦ୍ଧୁଙ୍କ ମଧ୍ୟରେ ବିବାଦ ଦୀର୍ଘଦିନ ଧରି ଲାଗିଆସିଛି। ତେବେ ସିଦ୍ଧୁଙ୍କୁ ପ୍ରଦେଶ କଂଗ୍ରେସ କମିଟି ସଭାପତି କରିଦିଆଯିବା ପରେ ଉଭୟଙ୍କ ମଧ୍ୟରେ ଅପବ୍ ବଢ଼ିଯାଇଥିଲା। କଂଗ୍ରେସ ନେତୃତ୍ୱ ଏହି ଦୁଇ ନେତାଙ୍କ ବିବାଦକୁ ମୁହଁ ଦେଖି ଗତି କରୁଥିବା ବେଳେ ଏହି ବିବାଦକୁ ଅଧିକ ଧ୍ୟାନ ଦେବାର ଥିଲା ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଅମରିନ୍ଦର ମୁଖ୍ୟମନ୍ତ୍ରୀ ପଦବୀରୁ ଇସ୍ତଫା ଦେବାରୁ ପଞ୍ଜାବ କଂଗ୍ରେସ ବିଧାୟକଙ୍କ ମଧ୍ୟରେ ବିଭାଜନ ସୃଷ୍ଟି ହୋଇଯାଇଥିବା କୁହାଯାଉଛି। ଯଦି ଅମରିନ୍ଦରଙ୍କ ସମର୍ଥକମାନେ ଦଳ ବିରୋଧୀ ନିଷ୍ପତ୍ତି ନିଅନ୍ତି, ଆଗକୁ ସ୍ଥିତି ବିଗିଡ଼ିଯିବା ସ୍ୱାଭାବିକ। ଏମିତି ଦେଖିଲେ ବିଭିନ୍ନ ରାଜ୍ୟରେ କଂଗ୍ରେସର ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ପଞ୍ଜାବ ପରେ ରାଜସ୍ଥାନ ଓ ଛତିଶଗଡ଼ ଉପରେ ଏବେ ସମସ୍ତଙ୍କ ଲକ୍ଷ୍ୟ। ରାଜସ୍ଥାନରେ ଅଶୋକ ଗେହଲଟଙ୍କ ପାଇଁ ସଚିନ ପାଇଲଟ ବିପଦ ଭାବେ ଉଭା ହୋଇଥିଲେ। କିନ୍ତୁ ରାଜନୈତିକ ଗଣିତ ଭୁଲ ହୋଇଯିବାରୁ ସେ ଅଚଳ ହୋଇଗଲେ। ତେବେ ଅନ୍ୟ ଏକ କଂଗ୍ରେସ ଶାସିତ ରାଜ୍ୟ ଛତିଶଗଡ଼ର ଉଦାହରଣ ଦେଖାଯାଇପାରେ। ସେଠାରେ ଭୂପେଶ ବାଘେଲ ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ତ୍ରିଭୁବନେଶ୍ୱର ସରଣ ସିଂଦେଓ ରାଜ୍ୟ ନେତୃତ୍ୱ ବଦଳାଇବା ପାଇଁ ଏକାଧିକ ଅଭିଯୋଗ କଂଗ୍ରେସ ହାଇକମାଣ୍ଡଙ୍କ ନିକଟରେ କରିଛନ୍ତି। ତାଙ୍କ ପ୍ରସ୍ତାବ ରହିଛି ମୁଖ୍ୟମନ୍ତ୍ରୀ ସିଟ୍ ରୋଟେଶନ୍ ବା ପାଳିକରି କରାଯାଉ। ଏଥିରୁ ବୁଝିହେଉ ହେବ ଯେ, କଂଗ୍ରେସ ଶାସିତ ରାଜ୍ୟଗୁଡ଼ିକରେ ଦଳୀୟ କନ୍ଦଳ ପାର୍ଟିକୁ ଦୁର୍ବଳ କରିଦେଉଛି। ହାଇକମାଣ୍ଡଙ୍କ ନେତୃତ୍ୱର ଅଭାବ ଯୋଗୁ ଆଜି ଏହି ପୁରୁଣା ଜାତୀୟ ଦଳ ସମ୍ପୂର୍ଣ୍ଣ ସଙ୍କଟ ମଧ୍ୟକୁ ଠେଲି ହୋଇଯାଉଛି। ସେତେବେଳେ ଦଳ ଭିତରେ ନେତାମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଦେଖାଦେବ ସେତେବେଳେ କର୍ମୀ ଓ ସମର୍ଥକମାନେ ହତୋତ୍ସାହିତ ହୋଇପଡ଼ିବେ। ଓଡ଼ିଶାରୁ ଦିଲ୍ଲୀ ପର୍ଯ୍ୟନ୍ତ କଂଗ୍ରେସ ନେତାମାନେ ଗାଦି ପାଇବା ପାଇଁ ପରସ୍ପର ମଧ୍ୟରେ ଯେଉଁଭଳି ଭିଡ଼ାଓଟରା ଚାଲିଛି, ତାହା ଦ୍ୱାରା ଦଳ ବିଶୃଙ୍ଖଳିତ ହୋଇପଡୁଛି। ପଞ୍ଜାବ ସମେତ କେତେକ ରାଜ୍ୟରେ ଆସନ୍ତା ୬ ମାସ ପରେ ବିଧାନସଭା ନିର୍ବାଚନ ଥିବାରୁ ପ୍ରତ୍ୟେକ ଦଳ ନିଜର ରଣନୀତି ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଗତ ୬ ମାସ ମଧ୍ୟରେ ଭାରତୀୟ ଜନତା ପାର୍ଟି (ଭାଜପା) ୪ ଜଣ ମୁଖ୍ୟମନ୍ତ୍ରୀଙ୍କୁ ବଦଳାଇ ସାରିଲାଣି। ଉତ୍ତରାଖଣ୍ଡରେ ଦୁଇ ଥର ଓ କର୍ଣ୍ଣାଟକ ପରେ ନିକଟରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ବିଜୟ ରୂପାନୀଙ୍କୁ ବଦଳାଯାଇ ତାଙ୍କ ସ୍ଥାନରେ ଭୂପେନ୍ଦ୍ର ପଟେଲଙ୍କୁ ଅବସ୍ଥାପିତ କରାଯାଇଛି। ଆଗାମୀ ନିର୍ବାଚନରେ ଭୋଟରଙ୍କ ଆଗରେ ନୂଆ ମୁହଁ ଦେଖାଇବା ଲକ୍ଷ୍ୟ ରଖି ଭାଜପା ଏପରି ରଣନୀତି ଅପଣାଉଛି। ହେଲେ କଂଗ୍ରେସ ନେତୃତ୍ୱ ନିଷ୍ପତ୍ତି ନେବାରେ ବିଳମ୍ବ କରିବା ଏବଂ ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି କେନ୍ଦ୍ରୀୟ ସ୍ତରରେ ଏଭଳି କୌଣସି କଂଗ୍ରେସ ନେତା ନାହାନ୍ତି, ଯାହାଙ୍କ ମୁହଁ ଦେଖିଲେ ସାଧାରଣ ନାଗରିକ ତାଙ୍କ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଚାହିଁବେ। ସେଥିପାଇଁ କଂଗ୍ରେସ ଏବେ ନିଜ ରଣନୀତି ବଦଳାଇ ଆଞ୍ଚଳିକ ନେତୃତ୍ୱକୁ ଶକ୍ତିଶାଳୀ କରିବାରେ ଅଧିକ ଗୁରୁତ୍ୱ ଦେବା କଥା। ଏବକାର ଜନପ୍ରତିକ୍ରିୟା ଦେଖିଲେ ହୁଏତ ମୋଦିଙ୍କ ପରେ ଆଉ କୌଣସି ଦଳ ବା ନେତାଙ୍କୁ ବହୁମତ ଦେଇ ଜିତେଇବାର ଇଚ୍ଛା ରହି ନ ପାରେ। ପୁନର୍ବାର ଭାରତରେ ଆଞ୍ଚଳିକ ରାଜନୀତି ମୁଣ୍ଡ ଟେକିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ସତ୍ୟ ଯେ, କିଛି ସମୟ ହିନ୍ଦୁଧର୍ମ ନାମରେ ଓ ଆଉ କିଛି ସମୟ ଉଗ୍ରବାଦ ଓ ପାକିସ୍ତାନ ବିରୋଧୀ ମନୋଭାବ ସୃଷ୍ଟିକରି ଭାଜପା ବିପୁଳ ସଫଳତା ଦେଖିଲା। ଏବେ ମନେହେଉଛି ଯେ, ପେଟର ଜ୍ୱଳନ ଭାରତୀୟମାନଙ୍କୁ କେତେକାଂଶରେ ସଜାଗ କଲାଣି। ଜୀବନ ଓ ଜୀବିକା ସମ୍ପର୍କିତ ପ୍ରସଙ୍ଗ ଆଗାମୀ ଦିନଗୁଡ଼ିକରେ ଅଧିକ ଗୁରୁତ୍ୱ ଧାରଣ କରିପାରେ। କଂଗ୍ରେସ ଚରିତ୍ରରେ ଉପରୁ ଥୋପିବାର ଅଭ୍ୟାସ ପୂର୍ବରୁ ସଫଳ ହୋଇଥାଇପାରେ, ଏବେ ସେହି ପଦ୍ଧତି ଉଭୟ କଂଗ୍ରେସ ଓ ଭାଜପା ପାଇଁ ଚଳିଲା ଭଳି ଲାଗୁ ନାହିଁ। ଭାଜପା କଥା ଏଇଥିପାଇଁ କୁହାଯାଉଛି, କଂଗ୍ରେସର ପୁରୁଣା ହାଇକମାଣ୍ଡ ମାନସିକତା ଏବେ ଭାଜପା ବ୍ୟବହାରରେ ଦେଖିବାକୁ ମିଳୁଛି। ପୂର୍ବରୁ କଂଗ୍ରେସ ଶକ୍ତିଶାଳୀ ଥିବା ବେଳେ ଏଭଳି କାର୍ଯ୍ୟକୁ କେହି ସାଧାରଣରେ ପ୍ରଶ୍ନ କରୁ ନ ଥିଲେ। ବର୍ତ୍ତମାନ ଭାଜପା ଶକ୍ତିଶାଳୀ ଅଛି ବୋଲି ଅନୁରୂପ ଭାବେ କେହି ପ୍ରଶ୍ନ କରୁନାହାନ୍ତି। ଭାରତୀୟଙ୍କ ପ୍ରଶ୍ନବାଚୀ କେବଳ ଭୋଟ୍‌ବାକ୍ସ ସମ୍ମୁଖୀନରେ ଓ ନାଳିକନା ଘେରରେ ବାହାରିଥାଏ। ବର୍ତ୍ତମାନ ଦେଖିବା ବିଭିନ୍ନ ରାଜ୍ୟରେ ଆଗକୁ ହେବାକୁ ଥିବା ନିର୍ବାଚନରେ କାହାର ରଙ୍ଗ କେତେରେ।

## ସାପ୍ତାହିକ ପଞ୍ଜିକା

**ସେପ୍ଟେମ୍ବର ୧୩:** ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓସ୍କାର ଫର୍ଣ୍ଣାଣ୍ଡିଜଙ୍କ ପରଲୋକ।

**ସେପ୍ଟେମ୍ବର ୧୪:** ଡିଆର୍‌ଡିଓ ଗୁପ୍ତ ତଥ୍ୟ ଲିକ୍ ଘଟଣାରେ ୪ ଠିକା କର୍ମଚାରୀ ଗିରଫ।

**ସେପ୍ଟେମ୍ବର ୧୫:** ମହିଳା ବିରୋଧୀ ହିଂସାରେ ଓଡ଼ିଶା ୨ୟ।

**ସେପ୍ଟେମ୍ବର ୧୬:** ସ୍ପେସ୍‌ଏକ୍ସର ଇନିସ୍ପିରେଶନ୍-୪ ମିଶନରେ ୪ ସାଧାରଣ ନାଗରିକ ମହାକାଶ ଗଲେ।

**ସେପ୍ଟେମ୍ବର ୧୭:** ନରେନ୍ଦ୍ର ମୋଦି ୭୧ତମ ଜନ୍ମଦିନ ପାଳନ କରିଛନ୍ତି। ଏହିଦିନ ଦେଶରେ ୨.୨୬ ଲକ୍ଷ ଲୋକଙ୍କୁ ଟିକା ଦିଆଯାଇଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | | | 9 | |
| | 5 | 4 | | | | | | |
| 2 | 8 | | 9 | | | 3 | | |
| | 4 | | | | | | 5 | |
| | | 6 | 3 | | | | 8 | |
| | 9 | | 2 | 5 | 4 | | | |
| | | 8 | 4 | 9 | | | | 3 |
| | 1 | | 7 | | 2 | | | |
| 4 | | | 6 | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 1 | 6 | 4 | 8 | 9 | 7 | 5 |
| 8 | 7 | 5 | 3 | 9 | 2 | 1 | 4 | 6 |
| 9 | 6 | 4 | 1 | 5 | 7 | 3 | 8 | 2 |
| 2 | 9 | 3 | 5 | 1 | 4 | 8 | 6 | 7 |
| 6 | 1 | 8 | 2 | 7 | 9 | 4 | 5 | 3 |
| 5 | 4 | 7 | 8 | 3 | 6 | 2 | 9 | 1 |
| 1 | 8 | 9 | 7 | 6 | 3 | 5 | 2 | 4 |
| 4 | 5 | 6 | 9 | 2 | 1 | 7 | 3 | 8 |
| 7 | 3 | 2 | 4 | 8 | 5 | 6 | 1 | 9 |

ଗତକାଲିର ଉତ୍ତର

# ଆଫଗାନିସ୍ତାନ: ଅତୀତ ଓ ବର୍ତ୍ତମାନ



କିଶୋର ଜେନା

ତାଲିବାନ୍ ଏକ ଉଗ୍ର ମୌଳବାଦୀ ସଂଗଠନ ରୂପେ ସାରା ବିଶ୍ୱ ଜାଣେ। ତାହାରି ହାତରେ ଆମେରିକା ଆଫଗାନିସ୍ତାନକୁ ଟେକିଦେଲା। ଆମେରିକା-ତାଲିବାନ୍ ଚୁକ୍ତି ସମୟରେ ଆଫଗାନିସ୍ତାନରେ ଥିବା ଆମେରିକାର ଅନୁଗୃହୀତ ସରକାରକୁ ମଧ୍ୟ ଡକାଗଲା ନାହିଁ। ପାକିସ୍ତାନକୁ ମଧ୍ୟ ନୁହେଁ, ଯିଏ ପୂର୍ବରୁ ଆଫଗାନିସ୍ତାନ ସହ ଜେନେଭାରେ ରାଜିନାମା କରିଥିଲା। ଏହା ସହ ପ୍ରତିବେଶୀ ଇରାନ୍, ରୁଷ, ଚାଇନା, ଏପରିକି ଆଫଗାନିସ୍ତାନରେ ବିପୁଳ ପରିମାଣର ପୁଞ୍ଜି ନିବେଶ କରିଥିବା ଆମେରିକାର ଏକାନ୍ତ ଅନୁଗତ ଭାରତକୁ ମଧ୍ୟ ବିଶ୍ୱାସକୁ ନିଆଗଲା ନାହିଁ।

କାତାରର ଦୋହାଠାରେ ଏହି ଚୁକ୍ତି ସ୍ୱାକ୍ଷରିତ ହେବା ପରେ ତାଲିବାନ୍ ବିଜୟ ଉତ୍ସବ ପାଳନ କରିଥିଲା। ତାଲିବାନୀମାନେ ଜାଣିଥିଲେ, ଯେ ପର୍ଯ୍ୟନ୍ତ ଆମେରିକାର ସେନା ଆଫଗାନିସ୍ତାନରେ ରହିଥିବେ, ସେମାନଙ୍କ କ୍ଷମତା ଦଖଲ ସମ୍ଭବ ନୁହେଁ। ଆଫଗାନିସ୍ତାନରେ ଅଲ୍‌କାଏଦା ଓ ଏହାର ପ୍ରଶ୍ରୟଦାତା ତାଲିବାନ୍‌କୁ ଧ୍ୱଂସ କରିବାକୁ ଯାଇ ଆମେରିକା ଜନତାଙ୍କ କେତେ ଲକ୍ଷ କୋଟି ଡଲାର ଖର୍ଚ୍ଚ କରିଛି। ଅସଂଖ୍ୟ ଜନତା ମଧ୍ୟ ପ୍ରାଣ ହରାଇଛନ୍ତି। ଲକ୍ଷ ଲକ୍ଷ ଲୋକ ଦେଶଛଡ଼ା ହୋଇଛନ୍ତି। ୨୦୨୧ରୁ ଆମେରିକା, ନାଟୋ ଓ ସହଯୋଗୀ ଦେଶଗୁଡ଼ିକର ୩୫୦୦ ସେନା ଏବଂ କେବଳ ଆମେରିକାର ୨୩୦୦ ସେନା ନିହତ ଓ ଆହତ ହୋଇଛନ୍ତି ୨୦,୬୬୦। ବ୍ରିଟିଶ୍ ସେନାର ନିହତଙ୍କ ସଂଖ୍ୟା ୪୫୦। ଦେଶ ଛାଡ଼ି ପଳାୟନ କରିଥିବା ରାଷ୍ଟ୍ରପତି ଘନିଙ୍କ ହିସାବରେ ୨୦୨୧ରୁ ସାମରିକ ବାହିନୀ ଓ ପୋଲିସ କର୍ମୀ ନିହତ ହୋଇଛନ୍ତି ୪୫ ହଜାରରୁ ବେଶି। କେବଳ ୨୦୦୯ରୁ ନିହତ ବେସାମରିକ ସାଧାରଣ ଲୋକଙ୍କ ସଂଖ୍ୟା ୧ ଲକ୍ଷ ୧୧ ହଜାର। ଏହା ମଧ୍ୟରେ ଅର୍ଦ୍ଧେକ ହେଉଛନ୍ତି ତାଲିବାନୀ। ବ୍ରାଉନ୍ ବିଶ୍ୱବିଦ୍ୟାଳୟ ଗବେଷଣାର ସମୀକ୍ଷା ଅନୁସାରେ ସାଧାରଣ ଜନତାଙ୍କ ମୃତ୍ୟୁସଂଖ୍ୟା ଅନେକ ବେଶି ୭୮ ହଜାର, ପୋଲିସ ଓ ଆଫ୍‌ଗାନୀ ସେନାର ନିହତଙ୍କ ସଂଖ୍ୟା ୭୫ ହଜାର ୯୭୧, ବିରୋଧୀ ଯୋଦ୍ଧା ଓ ତାଲିବାନୀଙ୍କ ମୃତ୍ୟୁସଂଖ୍ୟା ୮୪,୬୯୧। ସମ୍ବାଦ ସରବରାହ ସଂସ୍ଥା ବିବିସି ମତରେ ଆମେରିକା ଓ ସହଯୋଗୀ ଦେଶର ସେନାମାନଙ୍କ ନିହତଙ୍କ ସଂଖ୍ୟା ନିର୍ଦ୍ଧାରଣ କରାଯାଇପାରିବା ସମ୍ଭବ, କିନ୍ତୁ ସାଧାରଣ ଜନତା ଓ ତାଲିବାନୀ ନିହତଙ୍କ ସଂଖ୍ୟା ନିର୍ଦ୍ଧାରଣ କରିବା ଆଦୌ ସମ୍ଭବ ନୁହେଁ। ୨୦୧୨ରୁ ଦେଶ ଛାଡ଼ି ଯାଇଥିବା ବା ନିଜ ଘର ଛାଡ଼ି ପଳାଇଥିବା ଲୋକଙ୍କ ସଂଖ୍ୟା ୧ କୋଟି ୨୦ ଲକ୍ଷ। ଇରାନ୍ ଓ ପାକିସ୍ତାନରେ ଏହି ଶରଣାର୍ଥୀଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଉଥିବାର ଖବର ବାରମ୍ବାର ପ୍ରକାଶ ପାଇଛି। ଜାତିସଂଘର ହିସାବ ଅନୁସାରେ ଦେଶ ଓ ଘରବାଡ଼ି ଛାଡ଼ିଥିବା ଲୋକଙ୍କ ସଂଖ୍ୟାଦୃଷ୍ଟିରୁ ଆଫଗାନିସ୍ତାନର ସ୍ଥାନ ତୃତୀୟ।

ଆମେରିକା ଆଫଗାନିସ୍ତାନର ଦଖଲ ପାଇଁ ୫୦ ବର୍ଷ ଧରି ପାକିସ୍ତାନକୁ ଘାଟି ରୂପେ ବ୍ୟବହାର କରିଛି। ୨୦୦୧ ସେପ୍ଟେମ୍ବରରେ ଆମେରିକା ଯୁକ୍ତରାଷ୍ଟ୍ରରେ ଆତଙ୍କବାଦୀ ଆକ୍ରମଣ ପରେ ଆମେରିକାର ରୂପ ବଦଳି ଯାଇଥିଲା। ପାକିସ୍ତାନ ମାଧ୍ୟମରେ ଆମେରିକା ଦ୍ୱାରା ପରିପୁଷ୍ଟ ମୁଜାହିଦ୍ଦିନ ଏବଂ ଏହାର ଏକ ଗୋଷ୍ଠୀ ତାଲିବାନୀଙ୍କର ବିପୁଳ ଅସ୍ତ୍ର, ଅର୍ଥ, ପ୍ରଶିକ୍ଷଣ ଦ୍ୱାରା ସୃଷ୍ଟି ହୋଇଥିବା ଅଲ୍‌କାଏଦା ବିରୋଧରେ ଯୁଦ୍ଧ ଘୋଷଣା କରେ ଆମେରିକା। ଆଫଗାନିସ୍ତାନ ବହୁଜାତିକ ଦେଶ। କେବେହେଲେ ଏଠାରେ କେନ୍ଦ୍ରୀୟ ଶାସନ ନ ଥିଲା। ବିଦେଶୀମାନେ ହଜାର ହଜାର ବର୍ଷ ଧରି ଲଢ଼େଇ କରି ବାରମ୍ବାର ଏ ଦେଶକୁ ଦଖଲ କରିଛନ୍ତି। ଅଭ୍ୟନ୍ତରରେ ଆଦିବାସୀ ଗୋଷ୍ଠୀଗୁଡ଼ିକ ମଧ୍ୟରେ ସଂଘର୍ଷ ମଧ୍ୟଯୁଗୀୟ ବ୍ୟବସ୍ଥାରେ ଚିରକାଳ ରହିଆସିଛି। ଏବେ ମଧ୍ୟ ସେଥିପାଇଁ ବିଦ୍ରୂପ କରି ପ୍ରାକ୍ତନ ଆମେରିକା ରାଷ୍ଟ୍ରପତି କହିଥିଲେ, ଆଫଗାନିସ୍ତାନକୁ ପ୍ରାଚୀନତ୍ୱର ଯାଦୁଘର ହିସାବରେ ବ୍ୟବହାର କରାଯାଏ। ଏଭଳି ଏକ ଦେଶ, ଯାହାର ୫ ଭାଗରୁ ୪ ଭାଗ ପାହାଡ଼, ପାକିସ୍ତାନଠାରୁ କିଛିଟା ଛୋଟ। ୟୁରୋପ ଏସିଆର ସଂଯୋଗସ୍ଥଳ। ପୁରୁଣା ସୋଭିଏତ୍ ୟୁନିୟନ ସହ ୨ ହଜାରରୁ ଅଧିକ କିଲୋମିଟରର ସୀମା, ପାକିସ୍ତାନ ସହ ମଧ୍ୟ ପ୍ରାୟ ସେହିପରି ସମାନ ସୀମା। ଏହାଛଡ଼ା ଇରାନ୍ ଏବଂ ଚାଇନା ସହ ସାମାନ୍ୟ ୯୫ କି.ମି.ର ସୀମାନ୍ତ। ତୈଳ, ଗ୍ୟାସ, ଲୁହା, ତମ୍ବା, କୋଇଲା ଇତ୍ୟାଦି ବିଭିନ୍ନ ଖଣିଜ ପଦାର୍ଥରେ ଭରପୂର।

ଜାର୍ ଶାସିତ ରୁଷିଆ ଓ ପରାଧୀନ ବ୍ରିଟିଶ୍ ଶାସିତ ଭାରତ ଊନବିଂଶ ଶତାବ୍ଦୀର ଶେଷରେ ଆଫଗାନିସ୍ତାନ ଦଖଲ ପାଇଁ ଉଦ୍ୟମ କରିଥିଲେ। ବ୍ରିଟେନ୍ ତିନିଥର ଯୁଦ୍ଧ କରିଥିଲା। ରୁଷିଆ ବା ବ୍ରିଟେନ୍ କେହି ବଡ଼ଧରଣର ସଂଘର୍ଷ କରି ନ ଥିଲେ। ମଧ୍ୟଏସିଆକୁ ରକ୍ଷା କରିବାରେ ଜାର୍‌ଙ୍କ ସ୍ୱାର୍ଥ ଥିବାବେଳେ ବ୍ରିଟେନ୍‌ର ଉଦ୍ଦେଶ୍ୟ ଥିଲା ସାମ୍ରାଜ୍ୟର ବିସ୍ତାର। ଆଫଗାନିସ୍ତାନର ଅର୍ଦ୍ଧେକ ଲୋକ ପାଶତୁନ ଜାତିର। ଏମାନେ ହିଁ ସଂଖ୍ୟାଗରିଷ୍ଠ। ଏମାନେ ହିଁ ହିନ୍ଦୁକୁଶର ଉତ୍ତରରେ ଜାରଙ୍କ ପ୍ରଭାବ ଏବଂ ପୁଶତିନ ବସ୍ତି ଅଞ୍ଚଳରେ ଆଫଗାନ୍ ଅମିରଙ୍କୁ ଭାଗ କରିବାକୁ ବ୍ରିଟିଶ୍ ୧୮୯୩ରେ ଏକ ଚୁକ୍ତିରେ ବାଧ କରେ। ବ୍ରିଟିଶ୍ ପ୍ରଶାସକ ଏମ୍. ଡୁରାଣ୍ଡ ଏକ ସୀମାରେଖା ଟାଣି ପାଶତୁନ ଆଦିବାସୀ ଅଧ୍ୟୁଷିତ ଆଫଗାନିସ୍ତାନର ଏକ ଅଂଶକୁ ବ୍ରିଟିଶ୍ ସାମ୍ରାଜ୍ୟରେ ସଂଯୁକ୍ତ କରିଦେଇଥିଲେ। ଏହା ଏବେ ପାକିସ୍ତାନରେ। ସମଗ୍ର ଆଫଗାନିସ୍ତାନକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା କେବେ କାହାରି ପକ୍ଷରେ ସମ୍ଭବ ହୋଇ ନାହିଁ। ତାଲିବାନ୍ ତା'ର ହିଂସାତ୍ମକ ଅଭିଯାନରେ ମଧ୍ୟ ସର୍ବୋଚ୍ଚ ୮୦ ଭାଗ ଦଖଲକୁ ନେଇପାରିଛି। ବଡ଼ ବଡ଼ ଜମି ମାଲିକ ଆଦିବାସୀ ଗୋଷ୍ଠୀର ଯୁଦ୍ଧଖୋର କ୍ଷମତାଶାଳୀମାନେ ସବୁବେଳେ ନିଜ ନିଜ ମଧ୍ୟରେ ସଂଘର୍ଷରେ ଲିପ୍ତ ଥାଆନ୍ତି। ଧର୍ମରେ ମଧ୍ୟଯୁଗୀୟ ବର୍ବରତାର ନିୟମାବଳୀ ଏଠାରେ ପ୍ରଚଳିତ।

ଇରାନ୍‌ରେ ୧୯୭୯ରେ ଆମେରିକାର କାଠପିତୁଳା ଶାହା ରାଜତ୍ୱକୁ ଉତ୍‌ଖାତ କରି ଇସ୍‌ଲାମିକ ବିପ୍ଳବ ହେଲା। ଠିକ୍ ସେହିପରି ଆଫଗାନିସ୍ତାନରେ ୧୯୭୮ରେ ସାମନ୍ତ ଶାସକଙ୍କୁ ଉତ୍‌ଖାତ କରି ପରିବର୍ତ୍ତନର ନେତୃତ୍ୱ ନେଲା ଆଫଗାନିସ୍ତାନ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି। ରାଷ୍ଟ୍ରପତି ହେଲେ ଯଥାକ୍ରମେ ନୁର୍ ମହମ୍ମଦ ତରାକୀ, ହଫିଜୁଲ୍ଲା ଅମୀନ୍, ବାବ୍ରାକ୍ କର୍ମାଲ ଓ ଶେଷରେ ଜଣେ ଉଚ୍ଚଶିକ୍ଷିତ ଡାକ୍ତର ନଜିବୁଲ୍ଲା। ୧୯୨୧ଠାରୁ ଆଫଗାନିସ୍ତାନ ଏବଂ ସୋଭିଏତ୍ ୟୁନିୟନର ବନ୍ଧୁତ୍ୱପୂର୍ଣ୍ଣ ଓ ସହଯୋଗିତାର ଚୁକ୍ତି ଥିଲା। ସୋଭିଏତ୍ ୟୁନିୟନ ଆର୍ଥିକ ଓ ବୈଷୟିକ ନାନା ଭାବରେ ମଧ୍ୟ-ଏସିଆର ସଂଲଗ୍ନ ଆଫଗାନିସ୍ତାନକୁ ସହାୟତା କରୁଥିଲା। ସାମ୍ରାଜ୍ୟବାଦ କବଳରୁ ରକ୍ଷା କରିବାକୁ ସର୍ବଦା ସାହାଯ୍ୟ କରୁଥିଲା।

ଇରାନ୍ ଓ ଆଫଗାନିସ୍ତାନରେ ରାଜନୈତିକ ପରିବର୍ତ୍ତନରେ ମଧ୍ୟ-ଏସିଆ ନେଇ ସୋଭିଏତ୍ ୟୁନିୟନକୁ କୋଣଠେସା ଓ ବିପନ୍ନ କରିବା ଲକ୍ଷ୍ୟରେ ଆମେରିକା ପ୍ରଶାସନ ପାକିସ୍ତାନକୁ ହାତମୁଠାରେ ରଖି ଆଫଗାନିସ୍ତାନକୁ କବଳିତ କରିବାକୁ ଚେଷ୍ଟା କଲା। ସୃଷ୍ଟି ହେଲା ତାଲିବାନ୍। ଅର୍ଥ ଓ ଅସ୍ତ୍ର ଯୋଗାଇଲା ଆମେରିକା। ତାଲିମ ଦେଲା ପାକିସ୍ତାନ। ଉଦ୍ଦେଶ୍ୟ ପ୍ରଗତିଶୀଳ ଡ. ନଜିବୁଲ୍ଲା ସରକାରକୁ ହଟାଇବା। ବିରୋଧର ଉତ୍ପତ୍ତି ଏହିଠାରୁ। ଆମେରିକାର ଚକ୍ରାନ୍ତକୁ ବୁଝି ଆଫଗାନିସ୍ତାନର ନୂତନ ସରକାରର ଅନୁରୋଧକ୍ରମେ ୧୯୭୯ରେ ସୋଭିଏତ୍ ୟୁନିୟନ ପୁରୁଣା ଚୁକ୍ତି ଅନୁସାରେ ସେନା ପଠାଇଲା। ଦଶବର୍ଷର ଡକ୍ଟର ନଜିବୁଲ୍ଲାଙ୍କ ନେତୃତ୍ୱରେ ଗଠିତ ପିଡିପି ସରକାର ଅମଳରେ ବହୁ ପ୍ରଗତିଶୀଳ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଚାକିରି ଓ ପ୍ରଶାସନରେ ଏହି ସମୟରେ ଥିଲେ ଅର୍ଦ୍ଧାଧିକ ମହିଳା। କିନ୍ତୁ ସାମନ୍ତ ପ୍ରଭୁମାନେ ଏସବୁ ପରିବର୍ତ୍ତନକୁ ମାନିନେଇ ପାରିଲେ ନାହିଁ। ଏମାନେ ଆମେରିକା ଓ ପାକିସ୍ତାନ ସହାୟତାରେ ସନ୍ତ୍ରାସବାଦୀ ଗୋଷ୍ଠୀ ତିଆରି କରି ଦେଶ ମଧ୍ୟରେ ଅସ୍ଥିରତା ସୃଷ୍ଟି କରିବାକୁ ଲାଗିଲେ।

କିନ୍ତୁ ୧୯୮୫ରୁ ସୋଭିଏତ୍ ୟୁନିୟନରେ ଗୋର୍ବାଚେଭ୍‌ଙ୍କ ନେତୃତ୍ୱରେ ସଂସ୍କାର ନାମରେ ନୂତନ ପନ୍ଥା ଅବଲମ୍ବନ କରାଗଲା। ଆଫଗାନିସ୍ତାନ ଓ ଅନ୍ୟ ଦେଶର ପ୍ରଗତିଶୀଳ ସରକାରକୁ ସୋଭିଏତ୍ ରୁଷ ଯେପରି ପୂର୍ବରୁ ସହାୟତା କରୁଥିଲା, ସେଥିରୁ ନିବୃତ୍ତ ରହିଲା। ଫଳରେ ଏହାର ପ୍ରତିକ୍ରିୟା ସ୍ୱରୂପ ଆଫଗାନିସ୍ତାନରେ ପ୍ରତିକ୍ରିୟାଶୀଳ ମୌଳବାଦୀ ଶକ୍ତିମାନେ ପ୍ରଗତିଶୀଳ ନଜିବୁଲ୍ଲାଙ୍କ ପିଡିପି ସରକାର ବିରୋଧରେ ସନ୍ତ୍ରାସବାଦୀ ଅଭିଯାନ ଚଳାଇଲେ। ୧୯୮୮ରେ ଜେନେଭାରେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଶାନ୍ତି ପ୍ରତିଷ୍ଠାର ଚୁକ୍ତି ସ୍ୱାକ୍ଷରିତ ହେଲା। ଆମେରିକା ଓ ସୋଭିଏତ୍ ୟୁନିୟନ ଆଫଗାନିସ୍ତାନର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବାର ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ସୋଭିଏତ୍ ୟୁନିୟନ ସେନା ପ୍ରତ୍ୟାହାରର ସମୟ ସୀମା ଘୋଷଣା କଲା। କିନ୍ତୁ ଦେଖାଗଲା, ପାକିସ୍ତାନ ରାଷ୍ଟ୍ରପତି ଜିଆ ଉଲ୍ ହକ୍ ଚୁକ୍ତି ପାଳନ ପାଇଁ ଉଦ୍ୟମ କଲେ ନାହିଁ। ଆମେରିକା ପ୍ରେସିଡେଣ୍ଟ ରେଗାନ ଘୋଷଣା କଲେ, ଆତଙ୍କବାଦୀ ମୁଜାହିଦ୍ଦିନଙ୍କୁ ସହାୟତା ବନ୍ଦ କରାଯିବ ନାହିଁ। ମୁଜାହିଦ୍ଦିନମାନେ ଜେନେଭା ଚୁକ୍ତିକୁ ମାନିବେ ନାହିଁ ବୋଲି ପୂର୍ବରୁ ଘୋଷଣା କରିଥିଲେ। ଗୋର୍ବାଚେଭ୍‌ଙ୍କ ସୋଭିଏତ୍ ୟୁନିୟନ ଏହି ଘଟଣାମାନ ଘଟିଯାଉଥିବାବେଳେ ନୀରବ ରହିଲା। ଆଫଗାନିସ୍ତାନର ଗଣତାନ୍ତ୍ରିକ ସଂସ୍କାର ଉପରେ ପାକିସ୍ତାନ ଓ ଆମେରିକା ଦ୍ୱାରା ସୃଷ୍ଟ ମୁଜାହିଦ୍ଦିନ ଆତଙ୍କବାଦୀଙ୍କ ଆକ୍ରମଣ ଏହି କାରଣରୁ ବହୁଗୁଣ ବଢ଼ିଚାଲିଲା। ୧୯୯୧ରେ ସୋଭିଏତ୍ ୟୁନିୟନର ଘଟନ ବିଘଟନ ଓ କମ୍ୟୁନିଷ୍ଟ ପାର୍ଟି କ୍ଷମତାରୁ ଅପସାରିତ ହେବା ପରେ ପରେ ଆମେରିକା ପ୍ରଶାସନ 'ନୂତନ ବିଶ୍ୱ ବ୍ୟବସ୍ଥା ସୂଚନା' ଘୋଷଣା କଲା। ସେପଟେ ଆଫଗାନିସ୍ତାନରେ ବର୍ଦ୍ଧିତ ସନ୍ତ୍ରାସ ଓ ବିରୋଧ ଯୋଗୁ ସରକାର ପଦତ୍ୟାଗ କଲା। ସୋଭିଏତ୍ ୟୁନିୟନର ପତନ ପରେ ମିଳିତ ଜାତିସଂଘ ୧୯୯୨ରେ ଆଫଗାନିସ୍ତାନରେ ଶାନ୍ତି ପ୍ରଚେଷ୍ଟାରେ ସମସ୍ତ ଆଫଗାନ୍ ଗୋଷ୍ଠୀକୁ ନେଇ ଏକ ସମ୍ମିଳନୀ କରିଥିଲା। ଏହା ବାହାରକୁ ଫଳପ୍ରସୂ ହେଲେ ମଧ୍ୟ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଅନ୍ତଃ-ସଂଘର୍ଷ ବଢ଼ି ଚାଲିଥିଲା।

୧୯୯୬ରେ ଏହି ସମୟରେ ତାଲିବାନ୍ କ୍ଷମତା ଦଖଲ କରିନେଲା। ଆମେରିକା-ପାକିସ୍ତାନ ତାଲିବାନ୍‌କୁ ସମର୍ଥନ କଲେ। ନିର୍ବାଚିତ ରାଷ୍ଟ୍ରପତି ଡକ୍ଟର ନଜିବୁଲ୍ଲାଙ୍କୁ ରାଷ୍ଟ୍ରପତିଭବନ ସାମ୍ନାରେ ବତିଖୁଣ୍ଟରେ ବାନ୍ଧି ଖୋଲାଖୋଲି ଗଣମାଧ୍ୟମ ସମ୍ମୁଖରେ ହତ୍ୟା କରାଗଲା ଓ ଶରୀରରୁ ମାଂସ ଗଳିବା ପର୍ଯ୍ୟନ୍ତ ଝୁଲାଇ ରଖାଗଲା। ୧୯୯୬ରୁ ୨୦୦୧ ପର୍ଯ୍ୟନ୍ତ ଆମେରିକା ମଦ ପୁଷ୍ଟ ତାଲିବାନୀଙ୍କ ପାଶବିକ ଶାସନ ଏହି ଦୁଇ ବୈପରିତ୍ୟ ଦେଖିବାକୁ ମିଳେ।

୨୦ ବର୍ଷ ଆମେରିକା ଯୁଦ୍ଧରେ ଧ୍ୱଂସାତ୍ମକ ଅଭିଯାନ ଚଳାଇ ଶେଷରେ ଏହି ତାଲିବାନୀଙ୍କ ହାତରେ ଶାସନକୁ ଟେକି ଦେଇଛି। ସାମ୍ପ୍ରତିକ ଘଟଣାବଳୀ ଆମେରିକା ସାମ୍ରାଜ୍ୟବାଦର ମିଥ୍ୟାଚାରକୁ ଉନ୍ମୋଚିତ କରିଛି। ଆଜି ତାଲିବାନ୍‌ର ଉତ୍‌ଥାନର ପଥକୁ ପ୍ରଶସ୍ତ କରିଛି ଆମେରିକା। ତାଲିବାନୀଙ୍କ ଉତ୍‌ଥାନ ପାଇଁ ଆମେରିକା ଯେତିକି ଦାୟୀ, ଏହାର ସହଯୋଗୀ ପାକିସ୍ତାନ ଓ ସାଉଦି ଆରବ ମଧ୍ୟ ସେତିକି ଦାୟୀ।

**ଉତ୍କଳମଣି ମାର୍ଗ, ଚାଉଳିଆଗଞ୍ଜ, କଟକ**
**ମୋ: ୯୪୩୭୩୮୪୮୬୭**

# ଖଟ ମୁଣ୍ଡେଇବା ଓ ମୁଣ୍ଡ ଖଟେଇବା

ଉମାଶଙ୍କର ପ୍ରସାଦ

ଆଲେଖ୍ୟର ଶିରୋନାମା ପାଠକମାନଙ୍କୁ ନିଶ୍ଚୟ ଆଚମ୍ବିତ କରୁଥିବ। ମାତ୍ର ଆଜିର ସମାଜରେ ରାଜନେତାଠୁ ପ୍ରଶାସକ ପର୍ଯ୍ୟନ୍ତ ସମସ୍ତେ ଖଟ ମୁଣ୍ଡେଇବା ପ୍ରକ୍ରିୟାକୁ ଆପଣେଇ ନେଇଛନ୍ତି। ମାତ୍ର ଅନ୍ୟପକ୍ଷରେ ମୁଣ୍ଡ ଖଟେଇବା କଳାକୁ ପ୍ରାୟ ସମସ୍ତେ ଭୁଲିଗଲେଣି। ଅପାଠୁଆ ଲୋକଟିଏ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଖଟଟିଏ ନେବାକୁ ହେଲେ ସେ ନିଜେ ମୁଣ୍ଡେଇ ଯାଇଥାଏ। ମାତ୍ର ଶିକ୍ଷିତ, ବିବେକବାନ ବ୍ୟକ୍ତି ଖଟଟିକୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ନିଜର ମୁଣ୍ଡ ଖଟେଇବା ସହ ଶ୍ରମ ଓ ଶ୍ରମିକ ଉଭୟଙ୍କ ବିନିଯୋଗରେ ଖଟଟିର ସ୍ଥାନାନ୍ତରିତ କରିଥାଏ। ମାତ୍ର ଦୁଃଖର ବିଷୟ ଆଜିକାର ସମାଜରେ ରାଜନେତା ସେ ବଡ଼ ହେଉ କି କୁଜି ହେଉ ଖାଲି ପଦପଦବୀର ଖଟ ମୁଣ୍ଡେଇବାରେ ବ୍ୟଗ୍ର, ମାତ୍ର ଯେଉଁ ପଦପଦବୀକୁ ସେମାନେ ମୁଣ୍ଡାଇଥାନ୍ତି ସେ ପଦର କାର୍ଯ୍ୟଧାରାକୁ ସ୍ୱଚ୍ଛ, ସତ୍ୟ, ନିଷ୍ଠାର ଆଧାରରେ ମୁଣ୍ଡ ଖଟେଇ କରିବାରେ ଅକ୍ଷମ ବା ଜାଣିଶୁଣି କରୁନାହାନ୍ତି। ସେମାନଙ୍କ ଆହ୍ୱାନ ଓ ପ୍ରତିଶ୍ରୁତିର ଅଭାବ ନାହିଁ। ଦାରିଦ୍ର୍ୟ ଓ ଅନଗ୍ରସରତାର ତାଡନାରେ ବ୍ୟତିବ୍ୟସ୍ତ ଜନସାଧାରଣ ଏ ଭଳି ଭାଷଣ ଶୁଣି ଓ ଖବରକାଗଜରେ ପଢ଼ି ନୟାନ୍ତ ହେଲେଣି। ବର୍ତ୍ତମାନ ଆସନ୍ତୁ ଆଲୋଚନା କରିବା ଆଜିର ଶିକ୍ଷା ସମସ୍ୟା ବିଷୟରେ। ପୂର୍ବରୁ ମ୍ୟାକଲେଙ୍କ ଘୋଷିତ ଶିକ୍ଷାନୀତିକୁ ଧୋଇ ଶୁଖାଇ ଶିକ୍ଷାନୀତି ଘୋଷିତ ହେଉଛି। ମାତ୍ର ବର୍ତ୍ତମାନ ସରକାର ନୂତନ ଶିକ୍ଷାନୀତି ଘୋଷଣା କରିବାରେ ଚେଷ୍ଟିତ। ମାତ୍ର ଉକ୍ତ ନୀତିରେ ସରକାର ବା ଶିକ୍ଷା ବିଭାଗର ବଡ଼ବାବୁ ମାନେ ମୁଣ୍ଡଖଟେଇ ଛାତ୍ରୀଛାତ୍ରମାନଙ୍କର ଭବିଷ୍ୟତ ସହିତ ସମାଜର ଉନ୍ନତି କ୍ଷେତ୍ରରେ ନୀତି ପ୍ରଣୟନ କଲାଭଳି ଲାଗୁନି। ବର୍ତ୍ତମାନ ଦୀର୍ଘ ସମୟ ଅତିବାହିତ ପରେ କେନ୍ଦ୍ର ସରକାର ଶିକ୍ଷାରେ ଧନ୍ଦାମୂଳକ ବ୍ୟବସ୍ଥା ସହିତ ମାତୃ-ଭାଷାକୁ ଗୁରୁତ୍ୱ ଦେଇ ଜାତୀୟ ଶିକ୍ଷାନୀତି କାର୍ଯ୍ୟ କରିଛନ୍ତି, ମାତ୍ର ସେଥିରେ ସେ କେତେଦୂର ମୁଣ୍ଡ ଖଟେଇଛନ୍ତି ନା ଖାଲି ନୀତି ନିୟମର ଖଟ ମୁଣ୍ଡେଇଛନ୍ତି, ଯାହା ଆଗାମୀ ଭବିଷ୍ୟତ କହିବ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ରାଜ୍ୟର ୫୦ ହଜାର ସରକାରୀ ବିଦ୍ୟାଳୟରେ ଇଣ୍ଟରନେଟ୍ ସୁବିଧା ଉପରେ ଗୁରୁତ୍ୱ ଦିଆଯିବାର ପ୍ରସ୍ତାବ ଗ୍ରହଣ କଲାବେଳେ ଟିକେ ମୁଣ୍ଡ ଖଟେଇବା ଦରକାର ଯେ ଏହି ସୁବିଧାକୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିସ୍ତୃତ ଭାବରେ ବିକାଶ କରିବା ଦିଗରେ ଆମର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ କେତେଦୂର ପାରଙ୍ଗମ? ବର୍ତ୍ତମାନ ଶିକ୍ଷା ବିଭାଗ ମୁଣ୍ଡ ଖଟେଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ ଚିନ୍ତା କରିବାର ସମୟ ଆସିଛି। ଶିକ୍ଷା ହେଉଛି ଉଭୟ କେନ୍ଦ୍ର ଓ ରାଜ୍ୟର ପ୍ରସଙ୍ଗ, ତେଣୁ ଉଭୟ ସରକାର ନିଜ ଦେଶ ତଥା ରାଜ୍ୟର ଛାତ୍ରୀଛାତ୍ର କିପରି ସ୍ୱାବଲମ୍ବୀ ହେବାସହ ଆତ୍ମନିର୍ଭର ହୋଇପାରିବେ ସେଥିପାଇଁ ମୁଣ୍ଡଖଟେଇ କାର୍ଯ୍ୟ କରିବା ଦରକାର; ଯାହା ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ।

ବର୍ତ୍ତମାନ ଓଡ଼ିଶା ନାନାଦି ସମସ୍ୟା ଦେଇ ଗତିକରୁଛି। ପ୍ରାକୃତିକ ଦୁର୍ବିପାକ, ମହାମାରୀ କରୋନା ସାଙ୍ଗକୁ ଉତ୍କଟ ଦାରିଦ୍ର୍ୟ ଓ ବେକାରି, ଅର୍ଥନୈତିକ ଓ ମାନବୀୟ ବିକାଶ କ୍ଷେତ୍ରରେ ଅନଗ୍ରସରତା, ଯାହା କି ଆମର ଚିରାଚରିତ ସମସ୍ୟା। ଅନାହାର ମୃତ୍ୟୁ, ସନ୍ତାନ ବିକ୍ରି, ଶିଶୁ ମୃତ୍ୟୁ ଓ ଦାରିଦ୍ର୍ୟର ସର୍ବାଧିକ ଅନୁପାତ ଏ ସବୁ କ୍ରମାଗତ ଭାବେ ଆମ ରାଜ୍ୟକୁ ନିନ୍ଦିତ କରିଆସିଛି। ଏ ଉଦ୍‌ବେଗଜନକ ସମସ୍ୟା ପ୍ରତି ରାଜ୍ୟର ନୀତି ନିୟମ ପ୍ରଣେତା କ'ଣ ଏହାର ସମାଧାନ ପାଇଁ ମୁଣ୍ଡ ଖଟେଇଛନ୍ତି ବା କେତେ ସଚେତନ? ଖାଲି ପଦପଦବୀର ଖଟମୁଣ୍ଡେଇ ନିଜର ମୁଣ୍ଡ ନ ଖଟେଇ କାର୍ଯ୍ୟ କରିବାର ଦୁଷ୍ପରିଣାମ ଓଡ଼ିଶା ଭୋଗୁଛି। ସର୍ବ ଭାରତୀୟ ସ୍ତରରେ ବିଭିନ୍ନ ସମୟରେ କରାଯାଉଥିବା ସର୍ବେକ୍ଷଣ ମଧ୍ୟ ଏ ଅଭିଯୋଗ ପ୍ରତିପାଦିତ କରେ। ନିକୃଷ୍ଟ ଭିତ୍ତିଭୂମି, ରାଜନୈତିକ ଓ ପ୍ରଶାସନିକ ଦୂରଦୃଷ୍ଟି ଏବଂ ପ୍ରତିବଦ୍ଧତାର ଅଭାବ, ମୁଣ୍ଡ ନ ଖଟେଇ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନେବାରେ ବିଳମ୍ବ, ହୋଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାରେ ଅଯଥା ସମୟ ଅପଚୟ, ଅନ୍ୟରାଜ୍ୟ ତୁଳନାରେ ଏଠାକାର ମାନବ ସମ୍ବଳର ମାନ ଓ ଉତ୍ପାଦିକା ଶକ୍ତିର ଅପେକ୍ଷାକୃତ ନ୍ୟୂନତା ଇତ୍ୟାଦି ଯୋଗୁ ଓଡ଼ିଶା ଆଜି ପଛୁଆ। ସେପରି ବିଭିନ୍ନ କାର୍ଯ୍ୟାଳୟରେ ଆମ ସରକାରୀ ବାବୁମାନେ ସରକାରଙ୍କ ନୀତି ନିୟମକୁ ମୁଣ୍ଡଖଟେଇ ବୁଝିବାରେ ସେତେଟା ପ୍ରଖର ନୁହନ୍ତି। ତା' ସାଙ୍ଗକୁ ବିଭିନ୍ନ କାର୍ଯ୍ୟାଳୟରେ ପରସେଣ୍ଟ ବ୍ୟାଧିରେ ବାତାବରଣ ସଂକ୍ରମିତ। ଏଥିଯୋଗୁ ପଦବୀ ଖଟ ମୁଣ୍ଡେଇଥିବା ଅଫିସରଙ୍କଠୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ପର୍ଯ୍ୟନ୍ତ ହାତଗୁଞ୍ଜା ନ ଧରିଲେ ଓ ଅଫିସରମାନେ ତାଙ୍କର ପରସେଣ୍ଟ ନ ପାଇଲେ ମୁଣ୍ଡ ଖଟେଇବା ପାଇଁ କୁଣ୍ଠାବୋଧ କରୁଛନ୍ତି। ତେଣୁ ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ନିଜ ନିଜର କର୍ତ୍ତବ୍ୟକୁ ସୁଚାରୁ ରୂପେ ବୁଦ୍ଧି, ବିବେକାନୁମୋଦିତ ଭାବେ ପାଳନ କଲେ ଆମ ରାଜ୍ୟର ପ୍ରଗତି ଅବଶ୍ୟମ୍ଭାବୀ।

**ମୋ:୬୩୭୦୬୭୫୫୬୨**

## ଏଇ ଭାରତରେ

ମେଟ୍ରୋ ସହରଗୁଡ଼ିକରେ ଜନସଂଖ୍ୟା ବୃଦ୍ଧି ପାଇବାରୁ ହଜାର ହଜାର ଲୋକ ସରକାରୀ ଜମି ଜବରଦଖଲ କରି ରହୁଛନ୍ତି। ଏମାନେ ପ୍ରାୟତଃ ନିମ୍ନମଧ୍ୟବିତ୍ତ କିମ୍ବା ଗରିବ ଶ୍ରେଣୀର, ଯେଉଁମାନଙ୍କ ପାଖରେ ଘର କିଣିବା ଲାଗି ଅର୍ଥର ଅଭାବ ରହିଛି। ଏଣୁ ଏଭଳି ସମସ୍ୟାର ସମାଧାନ ପାଇଁ ଆଗେଇ ଆସିଛନ୍ତି ଚେନ୍ନାଇର ଅରୁଣ ପ୍ରଭୁ। ତାଙ୍କ ବୟସ ୨୩। ସେ ଅଟୋରିକ୍ସା ଉପରେ ଏକ ଘର ନିର୍ମାଣ କରିଛନ୍ତି। ୬ ଫୁଟ ଚଉଡ଼ା, ୬ ଫୁଟ ଲମ୍ବ ଓ ପାଖାପାଖି ୧୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ଘରକୁ ଯେକୌଣସି ଗାଡ଼ି କିମ୍ବା ସ୍ଥାନରେ ମଧ୍ୟ ଫିଟ୍ କରାଯାଇପାରିବ। ଅରୁଣ ପେସାରେ ଜଣେ ଆର୍କିଟେକ୍ଟ ହୋଇଥିବାରୁ କମ୍ ଖର୍ଚ୍ଚରେ ସ୍କ୍ରାପ୍‌ରେ ଉକ୍ତ ଘର ନିର୍ମାଣ କରିଛନ୍ତି। ଏହି 'ରିକ୍ସା ଘର'ର ନାଁ ରଖିଛନ୍ତି 'ସୋଲେ ଜିରେ-୧'। ଉଚ୍ଚାରେ ତିନି ଥାକ ବିଶିଷ୍ଟ ଏହି ଘରକୁ ନିର୍ମାଣ କରିବାକୁ ଖର୍ଚ୍ଚ ହୋଇଛି ୧ ଲକ୍ଷ ଟଙ୍କା। ଏଥିରେ ଜଣେ ଆରାମରେ ରହିପାରିବ। ଉକ୍ତ ଘରେ ଖାଇବା ଘର, ଟଏଲେଟ୍ ଓ ବସିବା ପାଇଁ ଜାଗା ମଧ୍ୟ ରଖାଯାଇଛି। ରୋଷେଇ ପାଇଁ ମଧ୍ୟ ବ୍ୟବସ୍ଥା ଅଛି। ଗୃହହୀନ, ନିର୍ମାଣ ଶ୍ରମିକ, ଭେଣ୍ଡରମାନଙ୍କ ପାଇଁ ଉକ୍ତ ଘର ମହାନଗରରେ ଖୁବ୍ ଉପଯୋଗୀ ହୋଇପାରିବ ବୋଲି କହନ୍ତି ଅରୁଣ। 'ସୋଲେ ଜିରେ-୧' ଘରେ ୨୫୦ ଲିଟର ପାଣି ଗଚ୍ଛିତ ରହିବାର ବ୍ୟବସ୍ଥା ଅଛି ଓ ଏହା ସମ୍ପୂର୍ଣ୍ଣ ସୌରଶକ୍ତିରେ ଚାଲିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ସେପ୍ଟେମ୍ବର ୧୯୯୬

- ଆମେରିକାର ମହାକାଶଯାନ ଆଟଲାଣ୍ଟିସ ମହାକାଶରେ ଅବସ୍ଥାପିତ ମହାକାଶ କେନ୍ଦ୍ର 'ମୀର'ରେ ଅବତରଣ କରିଛି।
- ପଶ୍ଚିମବଙ୍ଗର ଉତ୍ତର ଚବିଶ ପ୍ରଗଣା ଅନ୍ତର୍ଗତ ବାସିରହାଟଠାରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୧୭ ଜଣଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### ଦୃଷ୍ଟିପତ୍ରୁ

ମହାଶୟ,

ରାଜସ୍ୱ ବିଭାଗରେ ଅନେକ ସମୟରେ ଦୁର୍ନୀତି ହେଉଥିବା ସରକାର ଅନୁଭବ କରି ରାଜସ୍ୱ ବିଭାଗକୁ 'ମୋ ସରକାର' ଅଧୀନକୁ ନେଇଥିଲେ, ତାହା ଅତ୍ୟନ୍ତ ସୁଖଦ ଖବର। ସାଧାରଣ ଲୋକମାନଙ୍କଠାରୁ ବିଭିନ୍ନ କାର୍ଯ୍ୟ ପାଇଁ ଦଲାଲ ଉଚିତ ମୂଲ୍ୟଠାରୁ ଊର୍ଦ୍ଧ୍ୱ ଟଙ୍କା ନେଉଥିଲେ। ସରକାରଙ୍କ ଇ-ରେଜିଷ୍ଟ୍ରେଶନ ମାଧ୍ୟମରେ କମ୍ ପଇସାରେ ତ୍ୱରିତ ସେବା ପାଉଛନ୍ତି। କିନ୍ତୁ ଦୁଃଖର କଥା, ମୁଁ ଜଣେ ଗରିବ ଲୋକ। ବିଜୁଳି ସଂଯୋଗ ନିମନ୍ତେ ୧୦ ଟଙ୍କିଆ ପେପର କିଣିବା ପାଇଁ ଜଟଣୀ ସବ୍-ରେଜିଷ୍ଟ୍ରି ଅଫିସ ଯାଇଥିଲି। ଭେଣ୍ଡର ମହାଶୟ ୧୦ ଟଙ୍କିଆ ଷ୍ଟାମ୍ପ ପେପର ପାଇଁ ୪୦ ଟଙ୍କା ଦାବି କରିଥିଲେ। ମୁଁ ତାଙ୍କୁ କହିଲି ଯେ, ୧୦ ଟଙ୍କିଆ ଷ୍ଟାମ୍ପ ପେପର ମୂଲ୍ୟଠାରୁ ତୁମ କମିଶନ ବାବଦ ୩-୫ ଟଙ୍କା ନେବ, ହେଲେ ୪୦ ଟଙ୍କା କ'ଣ ପାଇଁ? ସେ କହିଲେ କୋଭିଡ୍ ପାଇଁ ଅଧିକ ପଇସା ଦେଇ କିଣିବାକୁ ପଡୁଛି। ସରକାର ଷ୍ଟାମ୍ପପେପର ବାବଦ କମିଶନ କେତେ ସ୍ପଷ୍ଟ କରନ୍ତୁ, ନଚେତ୍ ସାଧାରଣ ଲୋକମାନେ ଏପରି ଦୁର୍ନୀତିର ଯନ୍ତ୍ରଣାରେ ଛଟପଟ ହେଉଥିବେ।

**-ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା**

### ଜବରଦଖଲ ଉଚ୍ଛେଦ ହେଉ

ସହର ତଥା ଉପକଣ୍ଠରେ ବେଆଇନ ଭାବରେ ଅଟ୍ଟାଳିକା ଏବଂ ଧର୍ମାନୁଷ୍ଠାନ ଗଢ଼ି ଉଠୁଅଛି। ବିନାନୁମତିରେ ଗୃହ ନିର୍ମାଣ କିମ୍ବା ଧର୍ମାନୁଷ୍ଠାନ ନ ହେଉ। ବିଧିବଦ୍ଧ ତଦନ୍ତ କରାଯାଇ ଉଚ୍ଛେଦ ପ୍ରକ୍ରିୟା ଚାଲୁ କରାଯାଉ। ଯାହା ପରବର୍ତ୍ତୀ ସମୟରେ ସମସ୍ୟା ବୃଦ୍ଧି ହେବ ନାହିଁ। ଏଥିପ୍ରତି ପ୍ରଶାସନିକ ସ୍ତରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏପରିକି ଗୋଚର ଜମିରେ ସୌଧ ହେଉଅଛି।

**-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସୁଦୂରର ପ୍ରିୟା ମୋର
ଡାକେ ପରା ତୁହାଇ
ଅନ୍ତର ଜଳ ତାର ବୁହାଇ!
ନୟନେ ଶିଶିର କଣା
କରିଦିଏ ପଥବଣା
ବସିଛି ସୁଦୂରେ ମଥା ନୁଆଁଇ
ଅନ୍ତର ଜଳ ତାର ବୁହାଇ! -(ଶିଶିର-ହାସ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**କରୋନା ଟିକା ନେଇ ଅସୁସ୍ଥ ଅଭିଯୋଗ**

କୋଲନରା,(ଡି.ଏନ୍.ଏ)- ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ପାଇକପଡ଼ା ଗ୍ରାମର ଅରଞ୍ଜତି ଆଚାର୍ଯ୍ୟ ନାମକ ଯୁବତୀ କରୋନା ଟିକା ନେବା ପରେ ଅସୁସ୍ଥ ହୋଇ ପଡ଼ିଥିବା ପରିବାର ଲୋକେ କହିଛନ୍ତି। ସୂଚନା ଅନୁଯାୟୀ, ଅରଞ୍ଜତି ୮ ଦିନ ତଳେ ପ୍ରଥମ ଡୋଜ୍ ଟିକା ନେଇଥିଲେ। ଶନିବାର ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ କୋରାପୁଟ ସ୍ଥାନାନ୍ତର କରାଯାଇଛି। ତେବେ ପରିବାର ଲୋକେ ଟିକା କାରଣରୁ ଅସୁସ୍ଥ ହୋଇଥିବା ନେଇ ଅଭିଯୋଗ କରିଥିଲେ ମଧ୍ୟ ଏ ନେଇ ଡାକ୍ତରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

### ବିଜୁ ଶ୍ରମିକ ସାମ୍ଖ୍ୟର ବୈଠକ




ପଦ୍ମପୁର,୧୯।୯(ଡି.ଏନ୍.ଏ.)- ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ କେନ୍ଦୁଗୁଡ଼ାଠାରେ ବିଜୁ ଶ୍ରମିକ ସାମ୍ଖ୍ୟ ରାୟଗଡ଼ା ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୁ ଶ୍ରମିକ ସାମ୍ଖ୍ୟ ସହ ବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମୁଖ୍ୟ ପଦ୍ମପୁର ବ୍ଲକ ଶାଖା ଗଠନ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଥିଲା। ଅବିଭକ୍ତ କୋରାପୁଟ ବିଜୁ ଶ୍ରମିକ ସାମ୍ଖ୍ୟର ସଙ୍ଗଠନ ସମ୍ପାଦକ ନିରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଗାମୀ ଦିନରେ ପଦ୍ମପୁରରେ ଶାଖା ଗଠନ, ପରିଚାଳନା କମିଟି ଗଠନ ଏବଂ ଅଙ୍ଗନୱାଡି କର୍ମୀଙ୍କ ବିଭିନ୍ନ ଦାବି ବିଷୟରେ ଆଲୋଚନା କରାଯାଇଥିଲା। ଆଗାମୀ ୨୩ ତାରିଖରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କୁ ଭେଟି ବିଭିନ୍ନ ଦାବି ଉପସ୍ଥାପନ କରିବା ନିମନ୍ତେ ମଧ ପ୍ରସ୍ତୁତି କରାଯାଇଥିଲା। ଏହି ଅବସରରେ ଭାରତୀୟ ମଜଦୁର ସଂଘକୁ ପରିତ୍ୟାଗ କରି ବିଜୁ ଶ୍ରମିକ ସାମ୍ଖ୍ୟରେ ୩୦ ଅଙ୍ଗନୱାଡି କର୍ମୀ ଓ ସହାୟିକା ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଡାରି ଓ କୋଲନରା ବ୍ଲକ ସଙ୍ଗଠନ ସଦସ୍ୟମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ପଦ୍ମପୁର ବ୍ଲକର ସୁମତି ମିଶ୍ର, କୋୱାଡି ରାଓ ଓ ଯାଜ୍ଞସିନି ପାଢ଼ୀ ପରିଚାଳନା କରିଥିଲେ।

### ଆଇନ ସଚେତନତା କାର୍ଯ୍ୟକ୍ରମ

ଗୁଣପୁର,୧୯।୯(ଡି.ଏନ୍.ଏ)-ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ କୁନ୍ଦେଡ଼ିପଡ଼ିର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତଥା ତାଲୁକ ଆଇନ ସେବା ସଂସ୍ଥାର ଅଧ୍ୟକ୍ଷ ଅଜୟ କୁମାର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିବାବେଳେ ସବ୍‌ଜଜ୍ ସଙ୍ଗୀତା ମଲିକ, ଏସ୍‌ଡିଜେଏମ୍ ବିଭୁତି ଭୂଷଣ ନାୟକ, ଜେଏମ୍‌ଏଫ୍‌ସି ବର୍ଷା ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଘରୋଇ ହିଂସା ଆଇନ, ବୀମା ଆଇନ, ଶିକ୍ଷା ଆଇନ, ମୋଟର ଦୁର୍ଘଟଣା ମାମଲା ସହ ଅନ୍ୟ ଆଇନରେ କେଉଁମାନେ ମାଗଣା ଆଇନ ସେବା ପାଇବେ, ଲୋକ ଅଦାଲତ କ'ଣ ଏସବୁ ବିଷୟରେ ଆଲୋକପାତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାମନାଗୁଡ଼ା ବିଡିଓ ବେଣୁଧର ଶବର, ଆଇନଜୀବୀ ରମେଶ ଚନ୍ଦ୍ର ଲିମା, ସରକାରୀ ଓକିଲ ସୁଜିତ ପ୍ରଭା ପଟ୍ଟନାୟକ ମଧ ମଞ୍ଚାସିନ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପି. ଦିବାକର ରାଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପ୍ରଦୀପ ମାଝିଙ୍କୁ ସହଯୋଗ କରିବ ବ୍ଲକ କଂଗ୍ରେସ



ତେନ୍ତୁଳିଖୁଣ୍ଟି, ୧୯।୯(ଡି.ଏନ୍.ଏ.)- ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ କମିଟିର ସାଙ୍ଗଠନିକ ବୈଠକ ବ୍ଲକ ସଭାପତି ପ୍ରହ୍ଲାଦ ହିଆଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କଂଗ୍ରେସ କମିଟି ସଭାପତି ମୁନା ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପି.ନାଗା ରତ୍ନାମା ଯୋଗ ଦେଇଥିଲେ। ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ଗତ ୧୭ତାରିଖ ବୟାନକୁ ଦଳ ସମର୍ଥନ କରିଛି। ପ୍ରଦୀପ ଦଳ ଛାଡ଼ିବା ନେଇ ଯେଉଁମାନେ ମିଛ ପ୍ରଚାର କରୁଛନ୍ତି ସେମାନଙ୍କୁ ବାହାର ରାସ୍ତା ଦେଖାଇ ଦିଆଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ବ୍ଲକ କଂଗ୍ରେସ ସାଙ୍ଗଠନିକ କାର୍ଯ୍ୟରେ ପ୍ରଦୀପ ବାବୁଙ୍କୁ ସହଯୋଗ କରୁଛି ଏବଂ ଆଗକୁ ମଧ କରିବ ବୋଲି ନିଷ୍ପତ୍ତି ହୋଇଛି। ସଙ୍ଗଠନ ପଞ୍ଚାୟତ ନିର୍ବାଚନ ପାଇଁ ନିଜର ପ୍ରସ୍ତୁତି ଜାରି ରଖିବ। ବୈଠକରେ ଭୀମସେନ ପାଣିଗ୍ରାହୀ, କୁମର ପୂଜାରୀ, ମୃତ୍ୟୁଞ୍ଜୟ ନାୟକ, ଦୁର୍ଲଭ ଗୌଡ଼, ବାରିଜ ପଟ୍ଟନାୟକ, ଚିଦାନନ୍ଦ ସାହୁ, ସୁବାସ, ରମେଶ ପାତ୍ର ବାଘ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଦ୍ୱାରିକା ମହାପାତ୍ର, ପ୍ରମିଳା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ।

### ଦାମନଯୋଡିରେ ଖୁଦୁରୁକୁଣୀ ପୂଜା

ଦାମନଯୋଡି,୧୯।୯(ଡି.ଏନ.ଏ.)-ଭାଦ୍ରବ ମାସ ଶେଷ ରବିବାର ଦାମନଯୋଡିର ବିଭିନ୍ନ ସ୍ଥାନରେ ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ ହୋଇଯାଇଛି। କୋଭିଡ କଟକଣା ପାଳନ କରି ବାଳିକାମାନେ ଘରକୁ ଲିପାପୋଛା କରି ସନ୍ଧ୍ୟାରେ ମା ମଙ୍ଗଳାଙ୍କ ପୂଜା କରିଥିଲେ। ଓଡିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ନେଇ ଏହି ବ୍ରତ ପାଳିତ ହୋଇଆସୁଛି। ତଅପୋଇ ନିଜର ଧୈର୍ଯ୍ୟ, ସାହସ ଯୋଗୁ ଭାଉଜମାନଙ୍କ ନିର୍ଯାତନା ସହି ମା' ମଙ୍ଗଳାଙ୍କୁ ଭକ୍ତି ବଳରେ ନିଜ ଭାଇମାନଙ୍କ ସହିତ ସୁଖଶାନ୍ତି ଫେରି ପାଇଥିଲେ।

# ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିବ ସ୍ମାର୍ଟ ହେଲ୍‌ଥ କାର୍ଡ

**■ ନୋଡାଲ୍ କମିଟି ବୈଠକ**

**■ ନବରଙ୍ଗପୁରରେ ବିଏସ୍‌କେୱାଇ କାର୍ଡ ବଣ୍ଟନ ପ୍ରସ୍ତୁତି**

ନବରଙ୍ଗପୁର,୧୯।୯(ବି.ପ୍ର.)

ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ନୋଡାଲ କମିଟି ବୈଠକ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଏସ୍‌କେୱାଇ ସ୍ମାର୍ଟ ହେଲ୍‌ଥ କାର୍ଡ ନବରଙ୍ଗପୁର ଜିଲାର ଯୋଗ୍ୟ ହିତାଧିକାରୀଙ୍କ ନିକଟରେ କିପରି ସୁଚାରୁ ରୂପେ ପହଞ୍ଚିପାରିବ ସେ ନେଇ ଆଲୋଚନା ହୋଇଥିଲା। ନବରଙ୍ଗପୁର ଜିଲାରେ କାର୍ଡର ସୁବଣ୍ଟନ ସମୟରେ ଜିଲାସ୍ତରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ କେଉଁ ଅଧିକାରୀଙ୍କ କେଉଁ ଦାୟିତ୍ୱ ରହିବ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲାରେ ୩,୧୮,୬୧୭ ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ହିତାଧିକାରୀଙ୍କ ମଧ୍ୟରେ ବଣ୍ଟନ ପାଇଁ ସ୍ଥିର କରାଯାଇଛି।



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

ବୈଠକରେ ନୋଡାଲ ଅଧିକାରୀ, ଡିଆରଡିଏ ପିଡି ରତ୍ନାକର ସାହୁ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପ ଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନିଲ, ଆଇଟିଡିଏ ପିଏ ଅଭିମନ୍ୟୁ ମାଝି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର କୁମାର ଗାଇପାଇ, ଓଡ଼ିଆ ଗ୍ରାମୀଣ ଉନ୍ନତି ଓ ବିପଣନ ସଂସ୍ଥାର ଉପ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମା ମହେଶ, ଜିଲା ନିଯୋଜନ ଅଧିକାରୀ ତନ୍ମୟ ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ସ୍ମୃତି ରଞ୍ଜନ ସାମନ୍ତରାୟ, ଆରଡବ୍ଲ୍ୟୁଏସ୍‌ଏସ୍‌ର ଅଧୀକ୍ଷଣ ଯନ୍ତ୍ରୀ ଅମରେନ୍ଦ୍ର ପାଢ଼ୀଙ୍କ ସମେତ ଜିଲାର ସମସ୍ତ ବିଡିଓ, ତହସିଲଦାର, ସିଡିଏମ୍‌ଓ ଚୌଧୁରୀ ଶୋଭାରାଣୀ ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଡିଇଓ ଚନ୍ଦ୍ରଶେଖର ପାଣିଗ୍ରାହୀ, ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ, ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର, ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଦାମ ଚରଣ ମହାପାତ୍ର, ଡିଆଇପିଆର୍‌ଓ ହଳଧର ନିହାଲ, ଜିଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ଏ. ବାଣେଶ୍ୱର ରାଓ ସୁବୁଦ୍ଧି, ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ସନ୍ତୋଷ କୁମାର ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ କାର୍ଡର ସୁବଣ୍ଟନ ନେଇ ଆଲୋଚନା କରିଥିଲେ।

# ନବରଙ୍ଗପୁରରେ ରାଷ୍ଟ୍ରୀୟ ୩ୟ ଲୋକ ଅଦାଲତ




ଲୋକ ଅଦାଲତରେ ଶୁଣାଣି ହେଉଛି ।

ନବରଙ୍ଗପୁର,୧୯।୯(ବି.ପ୍ର.)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ଜିଲା କୋର୍ଟ ପରିସରରେ ଜିଲାଜଜ୍ ଅଶୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାଜଜ୍ ଗୋଟିଏ ଏମ୍‌ଏସିଟି ମାମଲାର ଫଇସଲା କରି ୫ ଲକ୍ଷ ୧୦ ହଜାର ଟଙ୍କା କ୍ଷତିପୂରଣ ରାଶି ଧାର୍ଯ୍ୟ କରିଛନ୍ତି ଓ ୨ ଏକ୍‌ଜେକ୍ୟୁସନ ପିଟିଶନର ମଧ ଫଇସଲା କରିଛନ୍ତି। ପରିବାର ଅଦାଲତର ବିଚାର ବିଭାଗୀୟ ଜଜ୍ ସଞ୍ଜୟ କୁମାର ସାହୁ ୭ ପାରିବାରିକ ମାମଲାର ଆପୋସ ମିଳାମିଶା କରାଇଛନ୍ତି। ଏହି ୭ ମାମଲା ମଧ୍ୟରୁ ଗୋଟିଏ ମାମଲାରେ ପରିବାର ବିଚାର ବିଭାଗୀୟ ଜଜ୍ ସଞ୍ଜୟ କୁମାର ସାହୁ ଓ ଆଇନଜୀବୀ ଗୋପାଳ ଶତପଥୀଙ୍କ ପ୍ରୟାସ କ୍ରମେ ଦୀର୍ଘ ୮ ବର୍ଷ ପରେ ସ୍ୱାମୀ ଶରତ ପଣ୍ଡା ଓ ସ୍ତ୍ରୀ ନମିତା ପଣ୍ଡାଙ୍କ ମଧ୍ୟରେ ଆପୋସ ମିଳାମିଶା ହୋଇପାରିଛି। ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁଦାମ ଚରଣ ଦାସ ୫ ମକଦ୍ଦମାର ଫଇସଲା କରିଛନ୍ତି। ବରିଷ୍ଠ ଦେୱାନୀ ଜଜ୍ ରାଜ କିଶୋର ଜେନା ୨ ଦେୱାନୀ ମାମଲାର ଫଇସଲା କରିଛନ୍ତି। ଜିଲା କୋର୍ଟର ରେଜିଷ୍ଟ୍ରାର ଅପର୍ଣ୍ଣା ମହାପାତ୍ର ୬ ଟି କେସର ଫଇସଲା କରିଛନ୍ତି। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଅନ୍ନପୂର୍ଣ୍ଣା ନାୟକ ୨ ପ୍ରାକ ମକଦ୍ଦମାରେ ଆପୋସ ମିଳାମିଶା କରାଇଛନ୍ତି। ସେହିଭଳି ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ପ୍ରିୟ ରଞ୍ଜନ ଓଝା ୩୫ ଫୌଜଦାରୀ ମକଦ୍ଦମାର ଫଇସଲା କରିଛନ୍ତି। ଲୋକ ଅଦାଲତରେ ବ୍ୟାଙ୍କର ୫୫ ପ୍ରାକ୍‌ମକଦ୍ଦମା ଫଇସଲା କରାଯାଇ ୨୨,୮୨,୬୪୧ ଟଙ୍କା ଋଣ ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ମୋଟ ୮୮ କୋର୍ଟମାମଲାର ଫଇସଲା କରାଯାଇଛି। ଅତିରିକ୍ତ ଜିଲାଜଜ୍ ପ୍ରଣୟ କୁମାର ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁମନ୍ତ କୁମାର ପଟ୍ଟନାୟକ ଓ ରାଜଶ୍ରୀ ଅବଧଲା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଡିଏଲ୍‌ଏସ୍‌ଏର ସମ୍ପାଦିକା ଅନ୍ନପୂର୍ଣ୍ଣା ନାୟକ ଲୋକ ଅଦାଲତକୁ ପରିଚାଳନା କରିଥିବାବେଳେ କୋର୍ଟର ଆଇନଜୀବୀ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# ଆଜିଠୁ ସମୂହ ଛୁଟିରେ ରହିବେ ଆତ୍ମା କର୍ମଚାରୀ

**■ ୬ ମାସ ହେଲା ପାଉନାହାନ୍ତି ଦରମା**

**■ ନିୟମିତ ଦରମା, ମହଙ୍ଗାଭତ୍ତା ପ୍ରଦାନ ଦାବି**

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୧୯।୯(ବି.ପ୍ର./ଡି.ଏନ୍.ଏ.)

କୃଷି ଓ ବୈଷୟିକ ପରିଚାଳନା ସଂସ୍ଥା(ଆତ୍ମା) କାର୍ଯ୍ୟାଳୟର କର୍ମଚାରୀମାନେ ମାସ ହେଲା ଦରମା ପାଉନାହାନ୍ତି। ୨୦୧୨ରୁ କାର୍ଯ୍ୟ କରିଆସୁଥିବା ଏହି କର୍ମଚାରୀମାନେ ପ୍ରଧାନମନ୍ତ୍ରୀ କିଷାନ ଯୋଜନା, କାଳିଆ, ବଳରାମ, ଇ-ପେଷ୍ଟ, ପ୍ରଧାନମନ୍ତ୍ରୀ ଫସଲ ବୀମା, ମୃତ୍ତିକା ହେଲ୍‌ଥ କାର୍ଡ, କୃଷି ଓଡ଼ିଶା(ଡାଟାବେସ୍) ପ୍ରଭୃତି, ସିଧାସଳଖ ଚାଷୀଙ୍କ ଖାତାକୁ ଅନୁଦାନ ଚଢ଼ାଇବା ଭଳି କାର୍ଯ୍ୟ କରି ଆସୁଛନ୍ତି। କରୋନା ମହାମାରୀ ଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ମଧ୍ୟ ଆତ୍ମା କର୍ମଚାରୀମାନେ ନିଜ ଜୀବନକୁ ବିପଦରେ ପକାଇ ସମସ୍ତ ଦାୟିତ୍ୱ ତୁଲାଇ ଆସିଥିଲେ। ହେଲେ କର୍ମଚାରୀ ମାନେ ଦରମା ନ ପାଇ ବହୁ ହଇରାଣ ହେଉଛନ୍ତି। ତେଣୁ ସେପ୍ଟେମ୍ବର ୨୦ରୁ କର୍ମଚାରୀମାନେ ସମୂହ ଛୁଟିରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ନିୟମିତ ଦରମା ଏବଂ ମହଙ୍ଗା ଭତ୍ତା ପ୍ରଦାନ ନିମନ୍ତେ କର୍ମଚାରୀମାନେ ଦାବି କରିଛନ୍ତି। ଦୁଇ ପ୍ରମୁଖ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କର୍ମଚାରୀମାନେ ଛୁଟିରେ ରହିବେ ବୋଲି ଜଣାପଡ଼ିଛି। ଏ ନେଇ ନବରଙ୍ଗପୁର ଜିଲ୍ଲା କୃଷି ଓ ବୈଷୟିକ ପରିଚାଳନା ସଂସ୍ଥା(ଆତ୍ମା) କାର୍ଯ୍ୟାଳୟର କର୍ମଚାରୀମାନେ ରବିବାର ନବରଙ୍ଗପୁର ଇମେଲ୍ ନିର୍ଦ୍ଦେଶକ, ରାଜ୍ୟ ନୋଡାଲ ଅଧିକାରୀ ଓ କୃଷି ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଟଙ୍କଧର ସାହୁଙ୍କୁ ପ୍ରଦାନ କରିଛନ୍ତି। ନବରଙ୍ଗପୁର ଜିଲ୍ଲାର ୧୦ଟି ବ୍ଲକରେ କାର୍ଯ୍ୟରତ ୩୭ କର୍ମଚାରୀ ଦରମାରୁ ବଞ୍ଚିତ ଅଛନ୍ତି। ତେଣୁ ଦରମା ଏବଂ ମହଙ୍ଗା ଭତ୍ତା ଶୀଘ୍ର ପ୍ରଦାନ ନିମନ୍ତେ ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବାଳଗୋବିନ୍ଦ ସାହୁ, ରାଜେଶ ମିଶ୍ର, ଅବିନାଶ ପଟ୍ଟନାୟକ, ଶ୍ରୀକାନ୍ତ ସାହୁ, ସଞ୍ଜୟ କୁମାର ପ୍ରଧାନ, ମାନସ ନାୟକ, ସରୋଜ ମହାରଣା, ପ୍ରଦୀପ ମହାପାତ୍ର, ସୁନୀଲ କୁମାର ନାୟକ, ସ୍ମିତାରାଣୀ ମହାନ୍ତି, ମନୋଜ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଓଭର ବ୍ରିଜ୍‌ର ଶୀଘ୍ର ମରାମତି ଦାବି

## ବିକାଶ ମଞ୍ଚର ଦାବିପତ୍ର

ରାୟଗଡ଼ା ଅଫିସ,୧୯।୯

ରାୟଗଡ଼ା ଓଭର ବ୍ରିଜ୍ ଓ ଜେକେପୁର ରାସ୍ତା ଅବ୍ୟବସ୍ଥାର ସମାଧାନ ନିମନ୍ତେ ଶୀଘ୍ର ପଦକ୍ଷେପ ନେବାପାଇଁ ଜିଲ୍ଲା ବିକାଶ ମଞ୍ଚ ପକ୍ଷରୁ ରାୟଗଡ଼ା ଜିଲ୍ଲାପାଳ ଓ ଜାତୀୟ ରାଜପଥ ଅଧିକାରୀଙ୍କୁ ରବିବାର ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ସ୍ଥାୟୀ ସମାଧାନ ନ କରାଯାଇ କେବଳ ପେଚ୍ ମରା କାମ କରାଯାଉଛି। ଓଭର ବ୍ରିଜ୍‌ରେ ଅନେକ ଗର୍ତ୍ତ ରହିଥିବାରୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯିବା ସହ ଅନେକ ଗୁରୁତର ହେଉଛନ୍ତି। ବିଶେଷକରି ବର୍ଷା ଦିନେ ଜନ ସାଧାରଣଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ତେଣୁ ତୁରନ୍ତ ଓଭର ବ୍ରିଜ୍‌ର ମରାମତି ନିମନ୍ତେ ଦାବି ହୋଇଛି। ଦାବିପତ୍ର ପ୍ରଦାନବେଳେ ସଂଘର ସଭାପତି ଦୟା ନନ୍ଦ ଖାଡ଼ଙ୍ଗା, ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ, କୋଷାଧ୍ୟକ୍ଷ ସୁରେଶ ସାହୁ, ଉପଦେଷ୍ଟା ନନ୍ଦ କିଶୋର ଚୌଧୁରୀ, ସାରଥୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଗଣ୍ଡ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ



ଭେଟଘାଟ ପାଇଁ ବାହାରିଥିବା ଗ୍ରାମବାସୀ ।

ଚନ୍ଦାହାଣ୍ଡି,୧୯।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ଅଧୀନ ପୂଜାରୀଗୁଡ଼ା ଗ୍ରାମରେ ଗଣ୍ଡ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ ରବିବାର ଅନୁଷ୍ଠିତ ହୋଇଛି। ପ୍ରଥମେ ପୂଜାରୀଙ୍କ ଘରୁ ପୂଜାର୍ଚ୍ଚନା ପରେ ବିରାଟ ପଟୁଆରରେ ସାମାଜିକ ନୃତ୍ୟରେ ଭେଟଘାଟ ସ୍ଥଳକୁ ପହଞ୍ଚିଥିଲେ। ସେଠାରେ ପ୍ରଥମେ ଗଣ୍ଡ ସମାଜର ଆରାଧ୍ୟ ଦେବତା ବୁଢ଼ାଦେବଙ୍କ ପୂଜାର୍ଚ୍ଚନା କରିବା ପରେ ସମସ୍ତେ ନବାନ୍ନ ଖାଇଥିଲେ। ବ୍ଲକ ସଭାପତି ଯଦୁନାଥ ପୂଜାରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଭେଟଘାଟ କାର୍ଯ୍ୟକ୍ରମରେ ଖମେଶ୍ୱର ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ଭାବେ ଛତିଶଗଡ଼ ରାଜ୍ୟ ପୂର୍ବତନ ବିଧାୟକ ଗୋବର୍ଦ୍ଧନ ମାଝି, ବ୍ଲକ ଅଧ୍ୟକ୍ଷ ଗୋରେଖ ନାଥ ପୂଜାରୀ, ପୂର୍ବତନ ଜିଲ୍ଲା ସମ୍ପାଦକ ମନଧର ଧ୍ରୁବ୍ଆ, ପୂର୍ବତନ ବ୍ଲକ ସଭାପତି ସୁପେତ ପୂଜାରୀ, ରାଇଘର ବ୍ଲକ ସଭାପତି ହୀରାସିଂ ନେତାମ, ନୂଆପଡ଼ା ଜିଲ୍ଲା ସଭାନେତ୍ରୀ ରମାକାନ୍ତି ମାଝି, ଜିଲ୍ଲା ସଭାପତି ପ୍ରସନ୍ନ ମାଝୀ, ପୂର୍ବତନ ତହସିଲଦାର ହୃଦାନନ୍ଦ ମାଝି, କଳାହାଣ୍ଡି ସଭାପତି ଟଙ୍କଧର ଅଣ୍ଟି, ଜିଲ୍ଲା ସମ୍ପାଦକ ସନ୍ତୋଷ ମାଝି ପ୍ରମୁଖ ଯୋଗଦେଇ ନୂଆଁଖାଇ ପରମ୍ପରା ବିଷୟରେ ଆଲୋଚନା କରିଥିଲେ। ନୂଆଁଖାଇ ଭେଟଘାଟ ସମସ୍ତଙ୍କ ଜୀବନରେ ମୈତ୍ରୀ ଓ ସଦ୍‌ଭାବନାର ଆନନ୍ଦ ଆଣିଦିଏ ବୋଲି ମୁଖ୍ୟ ଅତିଥି ଏଠାରେ କହିଥିଲେ। କାର୍ଯ୍ୟକ୍ରମରେ ଛତିଶଗଡ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି ଜିଲ୍ଲାର ବହୁ ସାମାଜିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିବାବେଳେ ସୋମନାଥ ମାଝି, ତିରଣ ମାଝି, କୁମର ଗାଉଡିଆ, ଗଙ୍ଗାରାମ ଅଣ୍ଟି, ଅଜିତ ପୋଟା, ଅଭିରାମ ପୂଜାରୀ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ ।

# କୁଡୁମୁଲୁଗୁମ୍ମାରେ ବ୍ୟାସକବି ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

କୁଡୁମୁଲୁଗୁମ୍ମା,୧୯।୯(ଡି.ଏନ.ଏ.)

ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମାସ୍ଥିତ ତାରଙ୍ଗିନ ସ୍ନାତକ ମହାବିଦ୍ୟାଳୟରେ ବାଲେଶ୍ୱର ଜିଲ୍ଲା ନୀଳଗିରିସ୍ଥିତ ବ୍ୟାସକବି ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବି ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ଯତୀନ୍ଦ୍ର ସ୍ୱାଇଁ ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ସତନ୍ତ୍ର ଅତିଥି ଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମୁଖ୍ୟବକ୍ତା ରୂପେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କାଳୀପଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର, ସଂସଦ ଉପସଭାପତି ଗୋଦାବରୀଶ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବ୍ୟାସକବିଙ୍କ ଜୀବନୀ ଓ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ। ପ୍ରଥମ ଅଧିବେଶନରେ ବୃକ୍ଷ ରୋପଣ ସହ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ବଳରାମ ପୂଜାରୀ ସଭାପତିତ୍ୱ କରିଥିଲେ। ଉକ୍ତ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ନିରଞ୍ଜନ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜ୍ଞାନେନ୍ଦ୍ର ଭୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ଓଡ଼ିଆ ସାହିତ୍ୟରେ ଆଞ୍ଚଳିକ ଭାଷାର ପ୍ରୟୋଗ' ଶୀର୍ଷକ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ତୃତୀୟ ଅଧିବେଶନରେ କବିତା ଆସର କରାଯାଇଥିଲା। ଏହାକୁ ପ୍ରିୟମ୍ବଦା ରାଉତ ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ କବୟିତ୍ରୀ ଓ କବିଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମାଲକାନଗିରି ଜିଲା ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଓ ସମ୍ପାଦକ ଭଗବାନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ଗୋବିନ୍ଦପାଲି ନିର୍ମୁକ୍ତା ସାହିତ୍ୟ ସଂସଦ ତରଫରୁ ଯତୀନ୍ଦ୍ର ସାଇଁ, ନୀଳଗିରି ବ୍ୟାସକବି ସାହିତ୍ୟ ସଂସଦ ସଭାପତି ବିପିନ ବିହାରୀ ବାରିକଙ୍କୁ ପୂର୍ବାଞ୍ଚଳ ସାହିତ୍ୟ ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା।




ଅତିଥିମାନେ ଜଣେ ପ୍ରତିଭାଙ୍କୁ ସମ୍ମାନିତ କରୁଛନ୍ତି ।

# ସ୍ଥାୟୀ ଲୋକ ଅଦାଲତର ଗୁରୁତ୍ୱପୂର୍ଣ୍ଣ ରାୟ



ରାୟଗଡ଼ା ଅଫିସ,୧୯।୯

ସ୍ଥାୟୀ ଲୋକ ଅଦାଲତ ରାୟଗଡ଼ାର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ହିମାଂଶୁ ଶେଖର ବ୍ରହ୍ମା ସଭାପତିତ୍ୱ କରିଥିଲେ। ସ୍ଥାୟୀ ଲୋକ ଅଦାଲତର ସଦସ୍ୟ ଦୁଷ୍ମନ୍ତ କୁମାର ମହାନ୍ତି, ଡ ସାଲବା ରାଜୁଙ୍କ ଉପସ୍ଥିତରେ ୩ ଭତ୍ତା ସମ୍ବନ୍ଧୀୟ ଓ ୨ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ ସମ୍ବନ୍ଧୀୟ ମକଦ୍ଦମାର ସମାଧାନ କରାଯାଇ ପାରିଛି। ସ୍ଥାୟୀ ଲୋକ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ବିଡିଓ ୨ ହିତାଧିକାରୀଙ୍କୁ ଅବିବାହିତ ଭତ୍ତା ଓ ଜଣକୁ ବାର୍ଦ୍ଧକ୍ୟ ଭତ୍ତା ଅଦାଲତରେ ପ୍ରଦାନ କରିଛନ୍ତି। ସେହିପରି ୨ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରିଛନ୍ତି। ଏତଦ୍ ବ୍ୟତୀତ ଅଦାଲତଙ୍କ ନିର୍ଦ୍ଦେଶରେ ରାୟଗଡ଼ା ବ୍ରାହ୍ମଣ ସାହିରେ ଦୀର୍ଘ ଦିନରୁ ଜମା ହୋଇଥିବା ଅଳିଆ ଆବର୍ଜନା ପୌର ପରିଷଦ ପକ୍ଷରୁ ସଫେଇ କରାଯାଇଛି। ରାୟଗଡ଼ା ଜିଲ୍ଲା ସ୍ଥାୟୀ ଲୋକ ଅଦାଲତ ଜନ ସାଧାରଣଙ୍କୁ ସାଧାରଣ ସେବା ଓ ସୁବିଧା ଯଥା ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସେବା, ରାଶନ, ବାର୍ଦ୍ଧକ୍ୟ ଭତ୍ତା, ଆଧାର କାର୍ଡ ପ୍ରଦାନ ଆଦି କ୍ଷେତ୍ରରେ ନ୍ୟାୟ ପ୍ରଦାନ ପାଇଁ ଉଦ୍ଦିଷ୍ଟ। ଜନ ସାଧାରଣ ବିନା ଖର୍ଚ୍ଚରେ ଏହାର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଇଛି।

# ରାୟଗଡ଼ାରେ ୬୩, ଗୁଣପୁରରେ ୫ ମାମଲାର ଫଇସଲା

**ରାଷ୍ଟ୍ରୀୟ ଲୋକ ଅଦାଲତ**

ରାୟଗଡ଼ା ଅଫିସ/ଗୁଣପୁର, ୧୯।୯(ଡି.ଏନ୍.ଏ.)–

ରାୟଗଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ପକ୍ଷରୁ ଜିଲ୍ଲା ସିଭିଲ୍ କୋର୍ଟ ପରିସରରେ ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ମୁଖ୍ୟ କୋର୍ଟ ସମେତ ଗୁଣପୁର, ବିଷମକଟକ, କାଶୀପୁରରେ ଦୀର୍ଘ ଦିନ ଧରି ପଡ଼ିରହିଥିବା ୬୩ ଟି ମାମଲାର ଫଇସଲା ହୋଇ ୫୧ଲକ୍ଷ ୪୦ ହଜାର ୬୯୩ ଟଙ୍କା ଓ ପ୍ରିଲିଟିଗେସନ ସମ୍ବନ୍ଧିତ ୨୨ ମାମଲାର ଫଇସଲା କରାଯାଇ୧ଲକ୍ଷ ୫୦ ହଜାର ଟଙ୍କା ଆଦାୟ କରାଯାଇଛି। ଡିଏଲ୍‌ଏସ୍‌ଏର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ବିକ୍ରମ କେଶରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଡିଏଲ୍‌ଏସ୍‌ଏର ସମ୍ପାଦକ ମନୋରଞ୍ଜନ ମିଶ୍ର ଏହାର ପରିଚାଳନା କରିଥିଲେ। ଏଥିରେ ପରିବାର ଅଦାଲତର ବିଚାରପତି ଆଶିଷ କୁମାର ତ୍ରିପାଠି, ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ହିମାଂଶୁ ଶେଖର ବ୍ରହ୍ମା, ରେଜିଷ୍ଟ୍ରାର ପ୍ରତିମା ପାନ, ବରିଷ୍ଠ ଦଣ୍ଡାଧିକାରୀ ମନୋରଞ୍ଜନ ଦାସ, ବରିଷ୍ଠ ଦେୱାନୀ ବିଚାରପତି ସତରୁପା ଶତପଥୀ, ମହିଳା କୋର୍ଟରେ ବିଚାରପତି ସୋନାଲ ଶର୍ମା, ଅନୁବିଭାଗୀୟ ଦଣ୍ଡାଧିକାରୀ ରାଜେନ୍ଦ୍ର କୁମାର ଦାସ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ଗୁରିଚରଣ ଜେନାମଣି, ଗ୍ରାମ୍ୟ ନ୍ୟାୟାଧିକାରୀ ଯୁଧିଷ୍ଠିର ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ଡିଏଲ୍‌ଏସ୍‌ଏ ତଥା ଜିଲ୍ଲା ଅଦାଲତର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।



ଗୁଣପୁର କୋର୍ଟରେ ମଧ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଡିଜେ ଅଜୟ କୁମାର ପ୍ରଧାନ ୨ଟି ମୋଟର ଜନିତ ଦୁର୍ଘଟଣା ମାମଲର ଫଇସଲା କରି ୬ ଲକ୍ଷ ୬୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ଜେଏମ୍‌ଏଫ୍‌ସି ବର୍ଷା ମହାନ୍ତି ଗୋଟିଏ ଫୌଜଦାରି ମାମଲାର ଫଇସଲା କରିଥିଲେ। ଏସ୍‌ଡିଜେଏମ୍ ବିଭୁତି ଭୂଷଣ ନାୟକ ୨ ମାମଲାର ଫଇସଲା କରିଥିଲେ। ସବ୍‌ଜଜ୍ ସଙ୍ଗୀତା ମଲିକଙ୍କ କୋର୍ଟରେ ମଧ ବିଭିନ୍ନ ମାମଲାର ଶୁଣାଣି ହୋଇଥିଲା। ବରିଷ୍ଠ ଏବଂ କନିଷ୍ଠ ଓକିଲମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

**OFFICE OF THE EXECUTIVE ENGINEER**
**RWS&S DIVISION, BHADRAK**
**Tel: 06784-240979, e-mail: rwssdivisionbhadrak@gmail.com**
**NATIONAL COMPETITIVE BIDDING THROUGH e-Tendering**
No.O-712:- **Identification No. 07 dt. 09.09.2021**

| | | | |
|---|---|---|---|
| 1 | Name & nos. of work | : | 06 Nos. Clubup 17 Nos PWSS Schemes |
| 2 | Estimated cost | : | Rs. 308.67 to 480.28 lakhs |
| 3 | Class of contractor | : | A & Spl. |
| 4 | Cost of tender paper | : | As per DTCN |
| 5 | Period of completion | : | 11 months |
| 6 | Mode of submission | : | Tenders should be submitted only online in www.tenderorissa.gov.in |
| 7 | Period of availability of tenders online | : | 10.00 hours of dt. 22.09.2021 to 17.00 hours of date 04.10.2021 |
| 8 | Last date & time of seeking clarification | : | Date 01.10.2021 upto 5.30 P.M. |
| 9 | Last date & time of bidding online | : | Date 04.10.2021 upto 5.30 P.M. |
| 10 | Date & time opening of tender bid | : | Date 05.10.2021 at- 11.00 A.M. |
| 11 | Name and address of the officer inviting tender | : | Superintending Engineer, RWS&S Division, Bhadrak |
| 12 | Further details can be seen from the e-Procument portal www. tendersorissa.gov.in (https/tendersodisha.gov.in) | | |
| 13 | Subsequent modification/ corrigendum/ Addendum if required shall appear in website only. | | |
| 14 | Further details can be seen from the e-Procument portal www. tendersorissa.gov.in (https/tendersodisha.gov.in) | | |

**Superintending Engineer,**
**RWS&S Division, Bhadrak**
OIPR-25020/11/0008/2122

# ସ୍ୱଚ୍ଛ, ସୁସ୍ଥ ପରିବେଶ ନୀରୋଗୀ କରିଥାଏ

ପଦ୍ମପୁର,୧୯।୯(ଡି.ଏନ୍.ଏ.)

ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଶରୀରକୁ ନିରୋଗୀ କରିଥାଏ। ନିଜକୁ ସ୍ୱଚ୍ଛ ରଖିବା ସହ ପରିବେଶକୁ ସ୍ୱଚ୍ଛ ରଖିପାରିଲେ ସୁସ୍ଥ ସମାଜ ଗଠନ ହୋଇପାରିବ। ପଦ୍ମପୁର ବିଡିଓ ଦୟାମୟ ପାଢ଼ୀ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ୧୦୦ ଦିନିଆ ବାହ୍ୟ ମଳମୁକ୍ତ ଅଭିଯାନ ବୈଠକରେ ଯୋଗଦେଇ ଏହା କହିଛନ୍ତି। ବ୍ଲକର ୧୩ ପଞ୍ଚାୟତର ପଞ୍ଚାୟତ ଅଧିକାରୀ, ଆଶା, ଅଙ୍ଗନୱାଡି କର୍ମୀ ଏବଂ ବ୍ଲକର ବହୁ କର୍ମଚାରୀଙ୍କୁ ନେଇ ଶନିବାର ବୈଠକ ହୋଇଥିଲା। ଏଥିରେ ଜିପିଓ ଅଜୟ ଦାସ, ଯୋଗାଣ ଅଧିକାରୀ ପ୍ରଭାକର ମଲିକ, ଏପିଓ ଅକ୍ଷୟ ମହାନ୍ତି, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଆର୍‌ସି ନରକାନ୍ତ ଶବର, ସଂଯୋଜକ ରାଜେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ତେତେକ ପଞ୍ଚାୟତର ଜଳ ସମସ୍ୟା ଥିବାରୁ ଲୋକେ ପାଇଖାନା ବ୍ୟବହାର କରିପାରୁ ନ ଥିବା ଅଭିଯୋଗ କରିଥିଲେ। ତେଣୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଏବଂ ପଞ୍ଚାୟତ ପକ୍ଷରୁ ଜଳ ଯୋଗାଣ ନେଇ ପଦକ୍ଷେପ ନେଲେ ସାଧାରଣ ଲୋକେ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି।




ବାହ୍ୟ ମଳମୁକ୍ତ ଅଭିଯାନରେ ବାହାରିଥିବା ଆଶା ଓ ଅଙ୍ଗନୱାଡି କର୍ମୀମାନେ ।

No.O-718:-
**Annexure**
**IFB IDENTIFICATION NO. EEBLGR.online-02/2021-22**

| | | | |
|---|---|---|---|
| 1 | Name of work | : | Procurement & Fixing of road sign ages of R.W. Division, Bolangir |
| 2 | Total No. of works | : | 1 (One) No. |
| 3 | Approximate estimated cost | : | Rs.98.46 lakhs |
| 4 | Time for completion | : | 2 (Two) calendar months |
| 5 | Mode of submission of tender | : | Tender should be submitted online in www.tenders.ori.nic.in |
| 6 | Other details are as follow | : | As per TCN No. EEBLGR-online-2/2021-22 |

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division, Bolangir | Online Tender / 02/BLGR | 22.09.2021 at 11.00 A.M. | 29.09.2021 upto 5.00 P.M. | 28.09.2021 upto 1.00 P.M. | 30.09.2021 at 11.00 A.M. |

- Further details can be seen from the website www.tenders.ori.nic.in
- Any corrigendum / addendum will be displayed in the above e tender website only.

**Sd./- Executive Engineer, R.W. Division, Bolangir**
OIPR-25068/11/0002/2122

# ମେଦବହୁଳତା ଓ ଅମୃତଭଣ୍ଡା



ଅମୃତଭଣ୍ଡାର ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ରହିଛି, ଯାହା ଆମକୁ ଅନେକାଂଶରେ ସୁସ୍ଥ ତଥା ସବଳ ରଖିଥାଏ। ଏଥିରେ ଥିବା ପପେନ୍ ଏଞ୍ଜାଇମ୍ ତତ୍ତ୍ୱ ଆମ ଶରୀରର ଓଜନ କମାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଅମୃତଭଣ୍ଡାରେ କ୍ୟାଲୋରୀ ପରିମାଣ କମ୍ ଥାଏ ଓ ଫାଇବର୍ ଅଧିକ ଥାଏ। ଏହାକୁ ଖାଇବା ଦ୍ୱାରା ଆମ ଶରୀରର ଓଜନ କମିଥାଏ। ୟୁନିଭର୍ସିଟି ଅଫ ୱାଶିଂଟନର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ ନିୟମିତ ଅମୃତଭଣ୍ଡା ଖାଇଲେ ତାହା ମେଦବହୁଳତା କମାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଣ ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଅନ୍ୟପକ୍ଷରେ ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ ଅମୃତଭଣ୍ଡା।



# ସ୍ୱାସ୍ଥ୍ୟୋପକାରୀ କଖାରୁ ଫୁଲ

**କଖାରୁ ଫୁଲରେ ଭିଟାମିନ୍ ବି-୯ ଅଧିକ ଥିବାରୁ ଏହା ଆମ ଶରୀର ପାଇଁ ବେଶ୍ ଉପଯୋଗୀ। ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ, ଯାହା ଶରୀରକୁ ବିଭିନ୍ନ ରୋଗରୁ ମଧ୍ୟ ରକ୍ଷା କରିଥାଏ। ଆସନ୍ତୁ ଜାଣିବା, କଖାରୁ ଫୁଲର କିଛି ବିଶେଷ ଗୁଣ ସମ୍ପର୍କରେ...**

**ଥଣ୍ଡା ପାଇଁ ବେଶ୍ ଉପଯୋଗୀ:** କଖାରୁ ଫୁଲରେ ଭିଟାମିନ୍ ସି ଭରିରହିଛି, ଯାହା ଥଣ୍ଡା, କାଶ, କଫ ଆଦି କମାଇବାରେ ସାହାଯ୍ୟ କରିଥାଏ। ଏହାକୁ ନିୟମିତ ଖାଇବା ଦ୍ୱାରା ଶରୀରରେ ଭିଟାମିନ୍ 'ସି'ର ପରିମାଣ ଅନେକାଂଶରେ ପୂରଣ ହୋଇଥାଏ। ଏହା ଶରୀରରେ ଲୌହ ଓ ଖଣିଜ ଲବଣ ମାତ୍ରାକୁ ସନ୍ତୁଳିତ ରଖେ, ଯାହା ଶରୀରକୁ ସୁସ୍ଥ ରଖିଥାଏ।

**ଦୃଷ୍ଟିଶକ୍ତି ବଢ଼ାଏ:** ଭିଟାମିନ୍ 'ଏ' ଦୃଷ୍ଟିଶକ୍ତି ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହି ଭିଟାମିନ୍ କଖାର ଫୁଲରେ ରହିଛି। ବେଳେବେଳେ ଆଲୋକର ରଙ୍ଗ ପରିବର୍ତ୍ତନ ହେବା ଦ୍ୱାରା ଏହାର ପ୍ରଭାବ ଆମ ଆଖି ଉପରେ ପଡ଼ିଥାଏ। ମାତ୍ର କଖାରୁ ଫୁଲ ଖାଇବା ଦ୍ୱାରା ଏହା କିଛି ମାତ୍ରାରେ ଆମକୁ ରକ୍ଷା କରିଥାଏ। ଏହା ଅନ୍ଧାରକଣା ସମସ୍ୟାକୁ କେତେକାଂଶରେ ଦୂର କରିଥାଏ।

**ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ କରେ :** ବେଳେବେଳେ ଆମେ ବାହାର ଜୀବାଣୁ ଯୋଗୁ କେତେକ ରୋଗର ଶିକାର ହୋଇଥାଉ। ଏହି ଜୀବାଣୁଗୁଡ଼ିକୁ ପ୍ରତିହତ କରିବାର କ୍ଷମତା କେତେକାଂଶରେ କଖାରୁ ଫୁଲର ରହିଛି।

**ଅସ୍ଥିକୁ ମଜଭୁତ କରାଏ :** କଖାରୁ ଫୁଲରେ କ୍ୟାଲସିୟମ୍ ଓ ଫସ୍‌ଫରସ୍ ପ୍ରଚୁର ପରିମାଣରେ ରହିଛି, ଯାହା ଅସ୍ଥି ଓ ଦାନ୍ତକୁ ମଜଭୁତ କରିବାରେ ସାହାଯ୍ୟ କରେ। ଆଣ୍ଠୁଗଣ୍ଠି ବାତ ଏବଂ ଅଷ୍ଟିଓପୋରୋସିସ୍ ଆଦି ରୋଗକୁ ଏହା କେତେକାଂଶରେ ପ୍ରତିହତ କରିଥାଏ।

## କ୍ୟାନ୍ସର ଆଶଙ୍କା କମାଏ ସୁସ୍ଥ ପରିବେଶ

କଥାରେ ଅଛି-'କ୍ୟାନ୍ସର ନୋ ଆନ୍ସର'। ହେଲେ ଏବେ ଉନ୍ନତ ଚିକିତ୍ସା ପ୍ରଣାଳୀ ଦ୍ୱାରା କ୍ୟାନ୍ସରକୁ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରାଯାଇପାରୁଛି ଏବଂ



କେତେକ ପ୍ରକାର କ୍ୟାନ୍ସରରୁ ଆରୋଗ୍ୟ ମିଳିପାରୁଛି। ହେଲେ ଏପରି ମାରାତ୍ମକ ରୋଗଠାରୁ ନିଜକୁ ଦୂରେଇ ରଖିବାରେ ସୁସ୍ଥ ପରିବେଶ କେତେକାଂଶରେ ସହାୟକ ହୋଇଥାଏ। ନିକଟରେ ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଗବେଷଣାରୁ ଏ ବିଷୟ ଜଣାପଡ଼ିଛି। ସୁସ୍ଥ ପରିବେଶରେ ରହିବା ଦ୍ୱାରା ଜଣେ ବ୍ୟକ୍ତିଙ୍କ ଶରୀରରେ କ୍ୟାନ୍ସର ଆଣ୍ଟିବଡି କେତେକାଂଶରେ ସୃଷ୍ଟି ହୋଇଥାଏ। ଏହି ପ୍ରଣାଳୀକୁ ସେମାନେ 'କମ୍ପ୍ଲିମେଣ୍ଟ କାଶକେଡ' ନାମରେ ନାମିତ କରିଛନ୍ତି। ସୁସ୍ଥ ପରିବେଶରେ ଅଧିକାଂଶ ସମୟ ରହିଲେ ସେଥିରେ ଥିବା ତତ୍ତ୍ୱ ଶ୍ୱାସକ୍ରିୟା ଦ୍ୱାରା ଶରୀର ଭିତରକୁ ଯାଇ ସୁସ୍ଥ କୋଷରେ କ୍ୟାନ୍ସର ଆଣ୍ଟିବଡି ସୃଷ୍ଟି କରେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଫିଟ୍ ରହିବା ପାଇଁ..

ଶରୀରକୁ ସୁସ୍ଥ, ସୁନ୍ଦର ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ। ଏହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଡାଇବେଟିସ, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, କ୍ୟାନ୍ସର ଭଳି ଅନେକ ମାରାତ୍ମକ ରୋଗଠାରୁ ନିଜକୁ ଦୂରେଇ ରଖିବାରେ ଯୋଗ କେତେକାଂଶରେ ସାହାଯ୍ୟ କରିଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ଶୋଇପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ଏହାକୁ ଦୂରେଇବାକୁ ହେଲେ ନିଜର ଦୈନନ୍ଦିନ ଜୀବନ ତାଲିକାରେ ଯୋଗକୁ ସାମିଲ କରିପାରନ୍ତି। ଅନ୍ୟପକ୍ଷରେ ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।



## ରୋଗ ଚିହ୍ନଟ କରିବାର ନୂଆ ଉପାୟ

ଦିନକୁ ଦିନ ଚିକିତ୍ସା ବିଜ୍ଞାନ ଉନ୍ନତ ହେବାରେ ଲାଗିଛି। ବିଶେଷଜ୍ଞମାନେ ନୂଆ ନୂଆ ଚିକିତ୍ସା ପ୍ରଣାଳୀ ଉଦ୍ଭାବନ କରୁଛନ୍ତି। ତାହାକୁ ଅନୁସରଣ କରି କେତେକ ରୋଗର ଚିକିତ୍ସା ଅତି ସହଜରେ କରିହେଉଛି। ତେବେ ନିକଟରେ ରୋଗ ଚିହ୍ନଟ କରିବାର ଏକ ନୂଆ ଉପାୟ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ। ନଖ ଉପରେ ଥିବା ଦାଗକୁ ଅନୁଧ୍ୟାନ କରି ସେମାନେ କେତେକ ରୋଗ ବିଷୟରେ ସୂଚନା ପାଇବାରେ ସକ୍ଷମ ହୋଇଛନ୍ତି। ବେଳେବେଳେ ନଖ ଉପରେ ବିଭିନ୍ନ ରଙ୍ଗର ଦାଗ ଦେଖିବାକୁ ମିଳିଥାଏ। ସେହି ଦାଗଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କରାଯାଇ ଲିଭର୍ ଏପରି କି କେତେକ ସଂକ୍ରମଣ ରୋଗ ବିଷୟରେ ପ୍ରାକ୍ ସୂଚନା ପାଇହେବ ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ତେବେ ଏ ନେଇ ଅଧିକ ତଥ୍ୟ ଜାଣିବା ପାଇଁ ସେମାନେ ଗବେଷଣା ଚାଲୁ ରଖିଛନ୍ତି।



# କୋଭିଡ୍-୧୯ ଟିକା : ବୁଷ୍ଟର ଡୋଜ୍




**"କୋଭିଡ୍-୧୯ ଭୂତାଣୁଗୁଡ଼ିକର ଦ୍ରୁତ ଧ୍ରୁବୀକରଣ ଘଟୁଛି। ଫଳରେ ନୂତନ ନୂତନ ଜିନୀୟ ପରିବର୍ତ୍ତିତ ପ୍ରଜାତିମାନଙ୍କ ଉଦ୍ଭବ ହେଉଛି। ଏହି ଟିକାଗୁଡ଼ିକ ଭୂତାଣୁ ବିରୋଧରେ କମ୍ ଫଳପ୍ରଦ ହେଉଥିବାର କୁହାଯାଉଛି। ପୁନଶ୍ଚ ଟିକାର ସୁରକ୍ଷା ପ୍ରଦାନକାରୀ ଶକ୍ତି ମଧ୍ୟ ସମୟକ୍ରମେ ହ୍ରାସ ପାଉଛି। ଏପରିସ୍ଥଳେ, ତୃତୀୟ ଡୋଜ୍ ରୂପେ ଏକ 'ସମ୍ବର୍ଦ୍ଧକ ପାନ' (ବୁଷ୍ଟର ଡୋଜ୍) ନେବା ପାଇଁ ପ୍ରକ୍ରିୟା ଆରମ୍ଭ ହେଲାଣି କିଛି ଦେଶରେ।"**



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ବିଗତ ପ୍ରାୟ ଦୁଇବର୍ଷ ଧରି ବିଶ୍ୱରେ ମୃତ୍ୟୁର ତାଣ୍ଡବଲୀଳା ରଚି ଚାଲିଥିବା କୋଭିଡ୍-୧୯ର ଏକମାତ୍ର ପ୍ରତିକାର ହେଲା ବ୍ୟାପକ ଟିକାକରଣ। ଶରୀରରେ ପ୍ରତିରୋଧ ଶକ୍ତି ଜାତ କରି ଏହାର ସଂକ୍ରମଣର ମୁକାବିଲା କରିବ ବୋଲି ଚିକିତ୍ସା ବିଜ୍ଞାନୀମାନେ ଆଶାବାଦୀ। ଏଥିପାଇଁ ଏବେ ଏକ ବର୍ଷ ପାଖାପାଖି ହେବ ବିଭିନ୍ନ ଔଷଧ କମ୍ପାନୀମାନଙ୍କ ଦ୍ୱାରା ପ୍ରସ୍ତୁତ ହେବାରେ ଲାଗିଛି ନାନା ପ୍ରକାର ଟିକା। ବିଶ୍ୱର ପ୍ରାୟ ସବୁ ଦେଶରେ ଏହାକୁ ବ୍ୟବହାର କରି ଟିକାକରଣ ଚାଲିଛି। ପ୍ରାୟ ୪ ସପ୍ତାହ ଅନ୍ତରାଳରେ ଏହାକୁ ଦୁଇ ଥର ନେବାକୁ ପଡୁଛି। ଫଳରେ ୭୦ରୁ ୯୦ ଶତାଂଶ ପର୍ଯ୍ୟନ୍ତ ରୋଗ ପ୍ରତିରୋଧକ ଶକ୍ତି ଜାତ ହେଉଛି ବୋଲି ଗଣନା କରାଯାଉଛି।

ଏହି କାର୍ଯ୍ୟକ୍ରମରେ ବିଶ୍ୱରେ ଅଗ୍ରଣୀ ହୋଇଥିବା ଦେଶଗୁଡ଼ିକ ହେଲେ ୟୁନାଇଟେଡ୍ ଆରବ ଏମିରେଟ୍ସ, ପର୍ତ୍ତୁଗାଲ୍ ଏବଂ ସିଙ୍ଗାପୁର। ଏଠାର ଜନସାଧାରଣଙ୍କ ମଧ୍ୟରୁ ଯଥାକ୍ରମେ ୭୪, ୭୪ ଏବଂ ୭୫ ଶତାଂଶ ଦୁଇ ଥର ଟିକା ନେଇ ସାରିଥିଲା ବେଳେ ଆହୁରି ୧୧, ୧୧ ଏବଂ ୩ ଶତାଂଶ ପ୍ରଥମ ଥର ତାହା ନେଇଛନ୍ତି। ଅନ୍ୟ ଯେଉଁ ଦେଶଗୁଡ଼ିକରେ ଏ କ୍ଷେତ୍ରରେ ବିଶେଷ ଅଗ୍ରଗତି ଘଟିଛି ସେଗୁଡ଼ିକ ମଧ୍ୟରେ ଅଛନ୍ତି ଚାଇନା (୬୨ ଓ ୧୩), ଫ୍ରାନ୍ସ (୫୯ ଓ ୧୩), ଇଂଲଣ୍ଡ (୬୩ ଓ ୮), ଇଟାଲୀ (୬୦ ଓ ୧୦), ଇସ୍ରାଏଲ୍ (୬୨ ଓ ୬), ସ୍ୱିଡେନ୍ (୫୪ ଓ ୧୩) ଏବଂ ଜର୍ମାନୀ (୬୦ ଓ ୫)। ଏଥିରେ ବେଶ୍ ପଛରେ ପଡ଼ିଛନ୍ତି ସିରିୟା (୦.୮ ଓ ୦.୪), ଆଫ୍ରିକା (୩ ଓ ୪), ମିଶର (୩ ଓ ୨), ବାଲାଂଦେଶ ( ୪ ଓ ୬), ପାକିସ୍ତାନ ( ୭ ଓ ୧୧), ଇରାନ୍ (୯ ଓ ୧୨) ଏବଂ ଭାରତ ( ୧୦ ଓ ୨୫)। ଆମେରିକାରେ ଏହା ଯଥାକ୍ରମେ ୫୨ ଏବଂ ୯ ଏବଂ ରୁଷିଆରେ ୨୫ ଏବଂ ୫ ଶତାଂଶ। ଅତଏବ ବିଶ୍ୱର ବହୁ ଦେଶରେ, ବିଶେଷକରି ଅର୍ଥନୈତିକ ଅନଗ୍ରସର ଦେଶମାନଙ୍କରେ ଟିକାକରଣ ବିଶେଷ ଅଗ୍ରଗତି କରିପାରିନାହିଁ। ଏହାର ମୁଖ୍ୟ କାରଣଗୁଡ଼ିକ ମଧ୍ୟରେ ରହିଛି ଯଥେଷ୍ଟ ଟିକାର ଅଭାବ ଏବଂ ଅର୍ଥ (ବିଶ୍ୱରେ ସମୁଦାୟ ମାତ୍ର ୧.୭ ଶତାଂଶ ଲୋକ ଟିକା ନେଇଛନ୍ତି)।

ଅନ୍ୟପକ୍ଷରେ, କୋଭିଡ୍-୧୯ ଭୂତାଣୁଗୁଡ଼ିକର ଦ୍ରୁତ ଧ୍ରୁବୀକରଣ ଘଟୁଛି। ଫଳରେ ନୂତନ ନୂତନ ଜିନୀୟ ପରିବର୍ତ୍ତିତ ପ୍ରଜାତିମାନଙ୍କ ଉଦ୍ଭବ ହେଉଛି। ଏ ଟିକାଗୁଡ଼ିକ ଭୂତାଣୁ ବିରୋଧରେ କମ୍ ଫଳପ୍ରଦ ହେଉଥିବାର କୁହାଯାଉଛି। ପୁନଶ୍ଚ ଟିକାର ସୁରକ୍ଷା ପ୍ରଦାନକାରୀ ଶକ୍ତି ମଧ୍ୟ ସମୟକ୍ରମେ ହ୍ରାସ ପାଉଛି। ଏପରିସ୍ଥଳେ, ତୃତୀୟ ଡୋଜ୍ ରୂପେ ଏକ 'ସମ୍ବର୍ଦ୍ଧକ ପାନ' (ବୁଷ୍ଟର ଡୋଜ୍) ନେବା ପାଇଁ ପ୍ରକ୍ରିୟା ଆରମ୍ଭ ହେଲାଣି କିଛି ଦେଶରେ। ଏମାନଙ୍କ ମଧ୍ୟରେ ସର୍ବାଗ୍ରେ ରହିଛି ଇସ୍ରାଏଲ୍। ସେଠାରେ ଏ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଲାଣି। ଆମେରିକା ଏବଂ ୟୁରୋପୀୟ ଦେଶମାନେ ଏହାକୁ ଅନୁସରଣ କରିବାକୁ ସ୍ଥିର କରିସାରିଲେଣି।

ଏବେ ବ୍ୟବହୃତ ହେଉଥିବା କୋଭିଡ୍-୧୯ ଟିକା ମୁଖ୍ୟତଃ ଦୁଇ ପ୍ରକାରର। ତହିଁରୁ ପ୍ରଥମଟି ଆଷ୍ଟ୍ରେଜେନିକା ଏବଂ ଜନ୍‌ସନ୍ ଏଣ୍ଡ ଜନ୍‌ସନ୍ ଭଳି କମ୍ପାନୀମାନଙ୍କ ଦ୍ୱାରା ସାଧାରଣ ଶର୍ଦ୍ଦି ସୃଷ୍ଟି କରୁଥିବା ନିଷ୍କ୍ରିୟ 'ଆଡେନୋ ଭୂତାଣୁ' ଏବଂ କୋଭିଡ୍-୧୯ ଭୂତାଣୁର କିଛି ଅଂଶ ନେଇ ତିଆରି ହୋଇଛି। ଆମ ପ୍ରତିରୋଧ ବ୍ୟବସ୍ଥାକୁ ଏହା ବିରୋଧରେ ସକ୍ରିୟ କରିବା ଲାଗି ତାହା ଉଦ୍ଦିଷ୍ଟ। ଆମ ଦେଶରେ ବହୁଳ ଭାବେ ବ୍ୟବହୃତ କୋଭିଶିଲ୍ଡରେ ଏପ୍ରକାର ପଦାର୍ଥ ଏବଂ କୋଭାକ୍ସିନ୍‌ରେ କେବଳ ନିଷ୍କ୍ରିୟ କୋଭିଡ୍ -୧୯ ଭୂତାଣୁ ବ୍ୟବହାର କରାଯାଉଛି। ଅନ୍ୟପକ୍ଷରେ, ଦ୍ୱିତୀୟ ପ୍ରକାରଟି ପ୍ରସ୍ତୁତ କରିଛନ୍ତି ଫାଇଜର୍ ଏବଂ ମଡର୍ନା ଭଳି କମ୍ପାନୀ। ଏଥିରେ ବ୍ୟବହୃତ ହୋଇଛି ଏମ୍-ଆର୍-ଏକ୍ସ, ଯାହାକି ଜୀବକୋଷକୁ କୋଭିଡ୍-୧୯ ଭୂତାଣୁର କିରୀଟ (ସ୍ପାଇକ୍)ରେ ଥିବା ପ୍ରୋଟିନ୍ ପ୍ରସ୍ତୁତ କରିବା ଏବଂ ତାହାକୁ ପ୍ରତିରୋଧ କରିବା ବ୍ୟବସ୍ଥାକୁ ଉଦ୍ଦୀପିତ କରି ଆମକୁ ସୁରକ୍ଷା ଦେବାକୁ ଶିକ୍ଷା ଦିଏ। ତେବେ ଏସବୁର ପ୍ରଭାବ କିଛି ମାସ ମଧ୍ୟରେ କମିଯାଉଥିବାର କହୁଛନ୍ତି ୟୁରୋପୀୟ ଚିକିତ୍ସା ବିଜ୍ଞାନୀମାନେ। ଉଦାହରଣ ସ୍ୱରୂପ, ଇଂଲଣ୍ଡରେ ହୋଇଥିବା ଏକ ଅଧ୍ୟୟନରୁ ଫାଇଜର୍ ଟିକାର ଦ୍ୱିତୀୟ ଡୋଜ୍ ନେବାର ୧୪ ଦିନ ପରେ ୯୨% ରୋଗ ପ୍ରତିରୋଧ ଶକ୍ତି ଜାତ ହେବାର ଦେଖାଗଲା। ହେଲେ ୯୦ ଦିନ ପରେ ତାହା ୭୮%କୁ ଖସି ଆସିବାର ଜଣାପଡ଼ିଛି। ସେହିପରି ଆଷ୍ଟ୍ରେଜେନିକା ଟିକା କ୍ଷେତ୍ରରେ ଏହା ଯଥାକ୍ରମେ ୬୯% ଏବଂ ୬୧%। ବିଶେଷ କରି ଡେଲ୍‌ଟା ରୂପାନ୍ତର କ୍ଷେତ୍ରରେ ଏହା ମୂଳ ଭୂତାଣୁଠାରୁ କମ୍ ଫଳପ୍ରଦ ହେବାର ଏଥିରେ ଦେଖାଯାଉଛି। ପୁନଶ୍ଚ ଇସ୍ରାଏଲ୍‌ରେ ହୋଇଥିବା ଅନ୍ୟ ଏକ ଅଧ୍ୟୟନରୁ ମଧ୍ୟ ଅନୁରୂପ ଫଳାଫଳ ମିଳିଥିବାର କୁହାଯାଉଛି। ଏପରି ସ୍ଥଳେ ସେମାନଙ୍କ ମତରେ ଦ୍ୱିତୀୟ ଡୋଜ୍ ପରେ ଏକ ସମ୍ବର୍ଦ୍ଧକ(ବୁଷ୍ଟର) ତୃତୀୟ ଡୋଜ୍ ଏକାନ୍ତ ଆବଶ୍ୟକ।

ଅନ୍ୟପକ୍ଷରେ, ଏହାର ବିରୋଧ ମଧ୍ୟ କରୁଛନ୍ତି କିଛି ଚିକିତ୍ସା ବିଜ୍ଞାନୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ସେମାନଙ୍କ ମତରେ ଏବର ଅଧ୍ୟୟନଗୁଡ଼ିକ ଯଥାଯଥ ଭାବେ କରାଯାଇ ନାହିଁ। ତେବେ ତୃତୀୟ ଡୋଜ୍ ଟିକା ଦିଆଗଲେ ଏଥିରୁ ଲାଭବାନ୍ ହେବେ ତାହା ତିଆରି କରୁଥିବା କମ୍ପାନୀମାନେ। ଅନ୍ୟପକ୍ଷରେ, ଦରିଦ୍ର ଦେଶଗୁଡ଼ିକରେ ଟିକାର ଅଭାବ ପଡ଼ିବ। ସେଠାରୁ କୋଭିଡ୍-୧୯ର ପ୍ରାଦୁର୍ଭାବ ହ୍ରାସ କରିବା ସମ୍ଭବ ହେବ ନାହିଁ। ପୁନଶ୍ଚ ଏହା ନୂଆ ନୂଆ ଧ୍ରୁବୀକରଣ ରୂପରେ ଆତ୍ମପ୍ରକାଶ କରିବ। ତେଣୁ ସେମାନେ ପ୍ରଶ୍ନ କରିଛନ୍ତି ଯେ ତୃତୀୟ ଡୋଜ୍ ଯଦି ଦୀର୍ଘସ୍ଥାୟୀ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରିବାକୁ ଅକ୍ଷମ ହୁଏ, ତା'ହେଲେ କ'ଣ ଚତୁର୍ଥ ଡୋଜ୍ ନେବାକୁ ହେବ ? ନା' ନିୟମିତ



ସମୟ ବ୍ୟବଧାନରେ କିଛି କିଛି ମାସ ପରେ ଏହା ବାରମ୍ବାର ନେବାକୁ ପଡ଼ିବ ? ଏ ପ୍ରଶ୍ନଗୁଡ଼ିକର ଜବାବ ବର୍ତ୍ତମାନ ଦେଇ ହେବ ନାହିଁ। କିନ୍ତୁ ସମ୍ଭବତଃ ଅନେକ ଦେଶ, ବିଶେଷ କରି ଯଥେଷ୍ଟ ଟିକା ଉପଲବ୍ଧ ଥିବା ଧନଶାଳୀ ଦେଶମାନଙ୍କରେ ଖୁବ୍‌ଶୀଘ୍ର ବ୍ୟାପକ ଭାବେ ତୃତୀୟ ସମ୍ବର୍ଦ୍ଧକ ଡୋଜ୍ ନେବା ବୋଧହୁଏ ଆରମ୍ଭ ହୋଇଯିବ।

*-ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର
ଭୁବନେଶ୍ୱର
ମୋ : ୯୯୩୭୯୮୫୭୬୭*




## ସ୍ୱାସ୍ଥ୍ୟ ସୂଚନା

- ଅଧିକ ତେଲଯୁକ୍ତ ଏବଂ ଛଣାଛଣି ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। ସପ୍ତାହକୁ ୨-୩ ଥର ମାଛ ଖାଆନ୍ତୁ। ମାଛରେ ଓମେଗା-୩ ଫ୍ୟାଟି ଏସିଡ୍ ଅଛି।
- ପ୍ରଚୁର ପନିପରିବା ଓ ଫଳମୂଳ ଖାଆନ୍ତୁ। କାରଣ ଏଗୁଡ଼ିକରେ ବହୁ ପରିମାଣର ଭିଟାମିନ୍, ମିନେରାଲ୍ସ ଏବଂ ଫାଇବର ଭରିରହିଛି।
- ସେଓକୁ ନିଜ ବ୍ରେକ୍‌ଫାଷ୍ଟ ତାଲିକାରେ ସାମିଲ କରନ୍ତୁ। ପ୍ରାୟ ପ୍ରତ୍ୟେକ ଫଳମୂଳରେ ପୋଷକ ତତ୍ତ୍ୱ ଅଛି। ବିଭିନ୍ନ ପ୍ରକାର ଫଳ ଆମ ଶରୀର ପାଇଁ ପୁଷ୍ଟିକର ସାବ୍ୟସ୍ତ ହୋଇଥାଏ।
- ଅଧିକ ଲୁଣଯୁକ୍ତ ଖାଦ୍ୟ ଖାଇଲେ ତାହା ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ତେଣୁ ଏପରି ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ।
- ଖାଦ୍ୟ ଖାଇବା ପରିମାଣ ଏବଂ ଏହାର ବ୍ୟବଧାନ ପ୍ରତି ଦୃଷ୍ଟି ଦିଅନ୍ତୁ। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ୨-୩ ଘଣ୍ଟା ଅନ୍ତରରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ। ଯେତେବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ ଖାଇବାକୁ ଭୁଲନ୍ତୁ ନାହିଁ। ଏହାର ତାଲିକାରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ।



ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୨୦ ସେପ୍ଟେମ୍ବର, ୨୦୨୧

## ବିଜେଡିରେ ସାମିଲ ହେଲେ ଭାଜପା, କଂଗ୍ରେସ କର୍ମୀ

ଚିତ୍ରକୋଣ୍ଡା,(ଡି.ଏନ.ଏ.)-ମାଲକାନଗିରି ଜିଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ସ୍ୱାଭିମାନ ଅଞ୍ଚଳର ବଡ଼ପଡା ଠାରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ଦଳର ଜିଲା ସଭାପତି ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ମାନସ ମାଡ଼କାମି, ପୂର୍ବତନ ଜିଲା ପରିଷଦ ଅଧକ୍ଷ ପଦ୍ମିନୀ ମୁଦୁଲି, ଏମ୍‌ପି ପ୍ରତିନିଧି ଜଗନ୍ନାଥ ମାଝୀ, କର୍ମୀ ରାଜେନ୍ଦ୍ର ପଣ୍ଡା, ଚିତ୍ରକୋଣ୍ଡା ବ୍ଲକ ବିଜେଡି ସଭାପତି ହରିମୋହନ ଖିଲ, ବିଧାୟକ ପ୍ରତିନିଧି ଅମିତ ଅଗ୍ରୱାଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ୧୮ଟି ପଞ୍ଚାୟତରୁ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀମାନେ ବିଜେଡିରେ ସାମିଲ ହୋଇଥିଲେ।



### ସଂକ୍ଷେପରେ

## ସାଇକେଲ ଚଲାଇ ଲୋକଙ୍କୁ ସଚେତନତା



ଜୟପୁର,୧୯।୯ (ନି.ପ୍ର.)- ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଓ୍ୱା ପକ୍ଷରୁ ସାଇକେଲ ଚଲାଇ ଲୋକଙ୍କୁ ସଚେତନ କରାଯାଇଛି। ଜୟପୁର ରଜାନହର ଛକଠାରୁ ସାଇକେଲ ଶୋଭାଯାତ୍ରା ବାହାରି ଦିଗାପୁର ପର୍ଯ୍ୟନ୍ତ ଯାଇଥିଲା। କୋଭିଡ ନିୟମ ଅନୁଯାୟୀ ସାଇକେଲ ଶୋଭାଯାତ୍ରା ବାହାରିଥିଲା। ବ୍ୟାୟାମର ଉପକାରିତା, କୋଭିଡ ନିୟମ ମାନିବା, ହାତ ଧୋଇବା, ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। କେ ମୋହନ ରାଓ, ପ୍ରତାପ ପଟ୍ଟନାୟକ, ବିଜୟ ମହାପାତ୍ର, ପ୍ରଦୀପ୍ତ ସାହୁ, ରବୀନ୍ଦ୍ର ସାହୁ, ସୁନୀଲ କୁମାର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ଜିଲାରେ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ଅବହେଳା ଅଭିଯୋଗ



ମାଲକାନଗିରି,୧୯।୯ (ଡି.ଏନ.ଏ.)- ମାଲକାନଗିରି ଜିଲାରେ ଆଦିବାସୀଙ୍କୁ ଅବହେଳା କରାଯାଉଥିବା ନେଇ ଅଭିଯୋଗ କରିଛି ଜିଲା ଆଦିବାସୀ ସଂଘ। ଚଳିତ ମାସ ୧୩ରେ ଜିଲାରେ ୨୧ ଜଣ ଗ୍ରାମ ରୋଜଗାର ସେବକ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତିରେ ଅନୁସୂଚିତ ଜାତି ତଥା ଜନଜାତି ପ୍ରାର୍ଥୀଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରାଯାଇନାହିଁ। ଆଦିବାସୀ ଶ୍ରେଣୀର ମହିଳାମାନଙ୍କ ପାଇଁ ମାତ୍ର ଗୋଟିଏ ପଦବୀ ରହିଛି। ସେହିପରି ଓବିସି ଶ୍ରେଣୀରେ ପୁରୁଷଙ୍କ ପାଇଁ କୌଣସି ପଦବୀ ନ ଥିବାବେଳେ ମହିଳାଙ୍କ ପାଇଁ ୨ଟି ପଦବୀ ରହିଛି। ମାତ୍ର ବିଜ୍ଞପ୍ତିରେ ସାଧାରଣ ବର୍ଗ ପୁରୁଷଙ୍କ ପାଇଁ ୭ ଓ ମହିଳାଙ୍କ ପାଇଁ ୧୧ଟି ପଦବୀ ରଖାଯାଇଛି। ଏହାକୁ ନେଇ ଜିଲାର ବେକାର ଆଦିବାସୀ ଯୁବତୀଯୁବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାହିଁକି ଜିଲାର ବେକାର ଆଦିବାସୀ ଯୁବତୀଯୁବକଙ୍କୁ ଅବହେଳା କରାଯାଉଛି ବୋଲି ସେମାନେ ଏକ ଖବରଦାତା ସମ୍ମିଳନୀରେ ପ୍ରଶ୍ନ ଉଠାଇଛନ୍ତି। ସରକାରଙ୍କ ନିୟମ ଅନୁସାରେ ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା କରିବା ସହ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରି ନୂତନ ବିଜ୍ଞପ୍ତି ପ୍ରକାଶ ଲାଗି ସେମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଜିଲା ଆଦିବାସୀ ଯୁବତୀଯୁବକମାନେ ଆନ୍ଦୋଳନ ପନ୍ଥା ଅପଣାଇବେ ବୋଲି ଆଦିବାସୀ ନେତା ଘନଶ୍ୟାମ ମାଡକାମୀ, ଘେନୁ ମୁଦୁଲି, ଲକ୍ଷ୍ମଣ ଘରାମି, ଜରା ଶବର ମାଡକାମି, ଦଶରଥ ମାଡକାମି ପ୍ରମୁଖ ପ୍ରକାଶ କରିଛନ୍ତି।

# ବଣ୍ଡାଘାଟିର ବୁଲେଟ୍ ଆମ୍ବୁଲାନ୍ସ ଗାଏବ୍

■ ଅନକାଡେଲିର ଏକ ଗ୍ୟାରେଜରେ ତାଲା ପକାଇ ରଖାଯାଇଛି
■ ଆମ୍ବୁଲାନ୍ସ କାଢ଼ି ବୁଲେଟ୍ ଧରି ବୁଲୁଛନ୍ତି ଜଣେ ଯୁବକ
■ କୁଆଡେ ଗଲା ତାହା ଜାଣିନାହିଁ: ସରପଞ୍ଚ

ମାଲକାନଗିରି,୧୯।୯ (ଡି.ଏନ.ଏ.)

ମାଲକାନଗିରି ଜିଲାରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଖଇରପୁଟ ବ୍ଲକ ବଣ୍ଡାଘାଟିର ମୁଦୁଲିପଡା ଓ ଅଣ୍ଡରାହାଲ ଦୁଇଟି ପଞ୍ଚାୟତରେ ଆରମ୍ଭ ହୋଇଥିଲା ବାଇକ ଅମ୍ବୁଲାନ୍ସ ସେବା। ପ୍ରାୟ ୩୨ ଖଣ୍ଡ ଗ୍ରାମର ୯ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ବଣ୍ଡା ଉନ୍ନୟନ ସଂସ୍ଥା ଏବଂ ଓପିଲିପି ସହାୟତାରେ ଗତ ମାର୍ଚ୍ଚରେ ଏହି ବୁଲେଟ ଆମ୍ବୁଲାନ୍ସ ଯୋଗାଯାଇଥିଲା। ଏହି ବୁଲେଟ ଆମ୍ବୁଲାନ୍ସ ଅଣ୍ଡରାହାଲ ପଞ୍ଚାୟତ ବାଲିପାହାଡର ଏକ ଯୁବକ ସଂଘକୁ ସେବା ଯୋଗାଇବା ଲାଗି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମାତ୍ର ଏହି ସେବା ଆରମ୍ଭ ହେବାର କିଛି ମାସ ପରେ ଏବେ ଏହି ଆମ୍ବୁଲାନ୍ସ ପଡ଼ୋଶୀ କୋରାପୁଟ ଜିଲା ଅନକାଡେଲିର ଏକ



ବଣ୍ଡାଘାଟିକୁ ମିଳିଥିବା ବୁଲେଟ୍ ଆମ୍ବୁଲାନ୍ସ।

ବନ୍ଦ ଗ୍ୟାରେଜରେ ତାଲା ପକାଇ ରଖାଯାଇଥିବା ଦେଖିବାକୁ ମିଳିଛି। ବୁଲେଟରୁ ଆମ୍ବୁଲାନ୍ସର ଅଂଶଟିକୁ କାଢି ଦେଇ ବୁଲେଟଟିକୁ ଅଣ୍ଡରାହାଲ ଗ୍ରାମରେ ଜଣେ ଯୁବକ ଚଳାଉଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଯେ, ବୁଲେଟ ଆମ୍ବୁଲାନ୍ସ ବିଷୟରେ ବଣ୍ଡାଘାଟିର ଅନେକ ଲୋକ ଜାଣିନାହାନ୍ତି। ବଣ୍ଡା ଜନଜାତିଙ୍କ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁ ଏଭଳି ଅନେକ ସେବାରୁ ବଞ୍ଚିତ ହେଉଛନ୍ତି ଅଞ୍ଚଳବାସୀ। ତେବେ ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ସେ ବୁଲେଟ ଆମ୍ବୁଲାନ୍ସ ଦୀର୍ଘ ଦୁଇ ମାସ ହେବ ଖରାପ ହୋଇଛି କି ଅନ୍ୟ କୁଆଡେ ଗଲା ତାହା ଜାଣିନାହିଁ। କେବଳ ଖାଲି ସେ ବୁଲେଟଟିକୁ ଦେଖିବାକୁ ପାଉଛନ୍ତି ବୋଲି ପ୍ରକାଶ କରିଥିଲେ। ବୁଲେଟ ଆମ୍ବୁଲାନ୍ସ ବିଷୟରେ ଓପିଲିପି ଦାୟିତ୍ୱରେ ଥିବା ବିକାଶ ନାମକ ଏନଜିଓର ଟିମ୍ ଲିଡ଼ର ସଦାନନ୍ଦ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ ଆମେ ଏ ବିଷୟରେ ଜାଣିନାହୁଁ। ତେବେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଲେ।

## କାମ କରୁନି ୟୁନିୟନ ବ୍ୟାଙ୍କ ଏଟିଏମ୍ କେନ୍ଦ୍ର

ସେମିଳିଗୁଡା, ୧୯।୯(ସ୍ୱ.ପ୍ର.)



ଏଟିଏମ ସମ୍ମୁଖ ପାଲଟିଛି ଗାଡ଼ି ପାର୍କିଂ ସ୍ଥଳ।

ସେମିଳିଗୁଡା ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଓସିସି ନଗର ଛକ ନିକଟରେ ୟୁନିୟନ ବ୍ୟାଙ୍କ କାର୍ଯ୍ୟ କରୁଛି। ଆନ୍ଧ୍ର ବ୍ୟାଙ୍କରୁ ୟୁନିୟନ ହୋଇଥିବା ଏହି ବ୍ୟାଙ୍କ ଲୋକଙ୍କୁ ସେବା ଯୋଗାଇ ଦେବାରେ ଅବହେଳା କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବ୍ୟାଙ୍କର ଏଟିଏମ୍‌ରେ ଅନେକ ସମୟରେ ଟଙ୍କା ରହୁନାହିଁ। ଏଟିଏମ ମେସିନ ମଧ୍ୟ ବେଳେବେଳେ କାମ କରୁ ନ ଥିବା ଦେଖିବାକୁ ମିଳୁଛି। ଫଳରେ ଟଙ୍କା ଉଠାଇବାକୁ ଆସିଥିବା ଲୋକମାନେ ଟଙ୍କା ଉଠାଇ ନ ପାରି ନିରାଶରେ ଫେରୁଛନ୍ତି। ଏବେ ଏଟିଏମ୍ କାଉଣ୍ଟର ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ତାଲା ପଡି ରହିଥିବାରୁ ଏହି ସ୍ଥାନ ଗାଡି ପାର୍କିଂ ସ୍ଥଳରେ ପରିଣତ ହୋଇଛି। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନି। କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବ୍ୟାଙ୍କ ଶାଖା ପରିଚାଳକ ତାପସ ରଞ୍ଜନ ବଣିଆଙ୍କୁ ପଚାରିବାରୁ ସେ କହିଲେ ଯେ, ଏଟିଏମ୍ ବିଷୟରେ ବ୍ୟାଙ୍କ ରିଜିଓନାଲ ଅଫିସ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଖୁବଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରାଯିବ।

## ସମ୍ମାନିତ ହେଲେ ବିଭିନ୍ନ ବିଭାଗର କରୋନା ଯୋଦ୍ଧା

ମାଲକାନଗିରି ,୧୯।୯(ଡି.ଏନ.ଏ.)

### ରୋଟାରି କ୍ଲବର ଅଧିଷ୍ଠାପନ ଦିବସ

ମାଲକାନଗିରି ଜିଲା ରୋଟାରି କ୍ଲବ ପକ୍ଷରୁ ସଦର ମହକୁମାସ୍ଥିତ ଏକ ହୋଟେଲରେ ଷଷ୍ଠତମ ଅଧିଷ୍ଠାପନ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ରୋଟାରି କ୍ଲବର ପ୍ରତିଷ୍ଠାତା ପଉଲ୍ ହରିଷିଙ୍କ ଫଟୋ ଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୁଖ୍ୟଅତିଥି ରୂପେ ଡିଏଫଓ ପ୍ରତାପ କତାପାଲି, ରୋଟାରି କ୍ଲବର ଗଭର୍ନର ଅଶୋକ ମିଶ୍ର, ଜୟପୁର ରୋଟାରି କ୍ଲବର ପ୍ରାଇଡ୍ ସମ୍ପାଦକ ରାମହରି ପଣ୍ଡା, ମାଲକାନଗିରି ଜିଲା ରୋଟାରି କ୍ଲବର ପୂର୍ବତନ ସଭାପତି ସୁରେନ୍ଦ୍ର ନାଥ ପାଢୀ, ପୂର୍ବତନ ସମ୍ପାଦକ ଜି.ସାମ୍ବାବୁ ଦୋରା , ସଭାପତି ଏ. ଈଶ୍ୱର ରାଓ , ସମ୍ପାଦକ ପ୍ରତାପ ମାରେଡ୍ଡୁ ଅନ୍ୟତମ ଅତିଥି ରୂପେ ଉପସ୍ଥିତ ଥିଲେ। ପୂର୍ବତନ ସମ୍ପାଦକ ଦୋରା ବିଗତ ବର୍ଷରେ ମାଲକାନଗିରି ଜିଲାରେ କ୍ଲବ ତରଫରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ନୂତନ ସଭାପତି ଈଶ୍ୱର ରାଓ ଏବଂ ସମ୍ପାଦକ ପ୍ରତାପ ରେଡ୍ଡୀଙ୍କୁ କାର୍ଯ୍ୟଭାର ଅର୍ପଣ କରାଯାଇଥିଲା। ନୂତନ ସଭାପତି ଦୋରା ଚଳିତବର୍ଷ ଜିଲାରେ ରୋଟାରି କ୍ଲବ ପକ୍ଷରୁ ଜନସାଧାରଣଙ୍କ ପାଇଁ କି ପଦକ୍ଷେପ ନିଆଯିବ ସେ ବିଷୟରେ ସୂଚନା ଦେଇଥିଲେ। ନୂତନ ସଭ୍ୟ ଭାବେ ଡ. ପ୍ରଫୁଲ ବେହେରା, କାମରାଜ କବାସିଙ୍କୁ ଗ୍ରହଣ କରାଯାଇଥିଲା। ଜିଲାରେ କୋଭିଡ୍ ରୋଗୀସେବା, ମୃତଦେହ ସତ୍କାର, ସଚେତନତା କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମାଲକାନଗିରି ତହସିଲଦାର ଡ. ଗୁଣନିଧି ନାୟକ, ଆଦର୍ଶ ଥାନା ଆଇଆଇସି ରାମ ପ୍ରସାଦ ନାୟକ, ଡାକ୍ତର ପ୍ରଫୁଲ କୁମାର ବେହେରା, ଡ. ସପନ କୁମାର ଦିଣ୍ଡା, ଡ. ନାରାୟଣ ପାତ୍ର, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ର, ସୁନୀଲ ସୋମାନି, ରବି ରାଜେଶ, ନର୍ସ ସଞ୍ଜିତା ନାୟକ, ଡ୍ରାଇଭର ନରସିଂହ ବେହେରା, ସଫେଇ କର୍ମଚାରୀ ଜୟନ୍ତ ଦାସଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରୋଟାରିଆନ୍ ସୁଶାନ୍ତ ସାମଲ୍ ପରିଚାଳନା କରିଥିଲେ।

## 'ରାସ୍ତା ଘାଟ ବିକାଶରେ ଠିକାଦାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ମାଲକାନଗିରି ,୧୯।୯(ଡି.ଏନ.ଏ.)

ମାଲକାନଗିରି ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ-୨ର ନିର୍ବାହୀଯନ୍ତ୍ରୀ କେ.ୱାରା ପ୍ରସାଦ ରାଓଙ୍କୁ ରବିବାର ଜିଲାର ଠିକାଦାର ସଂଘ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଂଘର ପ୍ରଭାକର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିର୍ବାହୀଯନ୍ତ୍ରୀ ରାଓଙ୍କ କାର୍ଯ୍ୟ ସମ୍ପାଦନା କ୍ଷେତ୍ରରେ ତାଙ୍କର ଆନ୍ତରିକତା ଉପରେ ଠିକାଦାରମାନେ ମତ ରଖିଥିଲେ। ରାଓ ନିଜ ବକ୍ତବ୍ୟରେ ମାଲକାନଗିରି ଜିଲାର ଠିକାଦାରମାନଙ୍କୁ ପ୍ରଶଂସା



କରଥିଲେ। ଅନେକ ଠିକାଦାର ମାଓବାଦୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ଅନେକ ଠିକାଦାର ମାଡ ଖାଇଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ସେମାନଙ୍କ ମୂଲ୍ୟବାନ ଯାନବାହନ ପୋଡି ମାଓବାଦୀମାନେ ନଷ୍ଟ କରି ଦେଇଥିଲେ ମଧ୍ୟ ଠିକାଦାରମାନେ ଏହାକୁ ଭ୍ରୂକ୍ଷେପ ନ କରି ଜିଲାର ମଙ୍ଗଳ ଓ ଉନ୍ନତି ପାଇଁ ନିର୍ମାଣ କାର୍ଯ୍ୟ ଜାରି ରଖୁଛନ୍ତି ବୋଲି ରାଓ କହିଥିଲେ। ସୂଚନାଯୋଗ୍ୟ, ରାଓ ପ୍ରଦୋନ୍ନତି ପାଇ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭାବେ ଭବାନୀପାଟଣା ବଦଳି ହୋଇଛନ୍ତି। ତାଙ୍କ ସ୍ଥାନରେ କୋରାପୁଟ ଜିଲା ଆର.ଡି. ବିଭାଗ ନିର୍ବାହୀ ଯନ୍ତ୍ରୀ ଡ. ପ୍ରଭାକର ବେହେରା ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମକୁ ଯନ୍ତ୍ରୀ ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ।

## ୨୧୬ କିଲୋ ଗଞ୍ଜେଇ ଜବତ, ୩ ଗିରଫ

କୋରୁକୋଣ୍ଡା ୧୯।୯(ଡି. ଏନ. ଏ)



ଜବତ ଗଞ୍ଜେଇ ଏବଂ ଗିରଫ ୩ ଅଭିଯୁକ୍ତ ।

ମାଲକାନଗିରି ଜିଲା ଓର୍କେଲ ପୋଲିସ ଶନିବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ୨୧୬ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ଏମଭି-୩୦ ଗ୍ରାମର ବରୁଣ ମଜୁମଦାର, ପୁରୁଣା ଓର୍କେଲ ଗ୍ରାମର ରାଜୁ ମାଡକାମୀ ଏବଂ ସୋରଲୁକୋଣ୍ଡା ଗ୍ରାମର ଭୀମସେନ ମାଡକାମୀ। ଶନିବାର ରାତିରେ ଏସଆଇ କ୍ରିଷ୍ଣା କୁମାରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ସୋରଲୁକୋଣ୍ଡା-ତେନ୍ତୁଳିଗୁଡା ମୁଖ୍ୟ ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ୨ଟି ବାଇକରେ ୩ ଜଣ ବ୍ୟକ୍ତି ତେନ୍ତୁଳିଗୁଡା ବସ୍ତାରେ କିଛି ଧରି ଆସୁଥିବା ଦେଖି ପୋଲିସ ସେମାନଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ପରେ ବସ୍ତାରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଏହାକୁ ସେମାନେ ଛତିଶଗଡ ଚାଲାଣ କରୁଥିଲେ। କେସ୍ ନଂ. ୧୭୩/୨୧ରେ ମାମଲା ରୁଜୁ ହୋଇ ରବିବାର ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସଡିପିଓ ଅଂଶୁମାନ ଦ୍ୱିବେଦୀ କହିଛନ୍ତି।

## ଶ୍ରମିକ ଚାଲାଣ କରୁଥିବା ଅଭିଯୋଗରେ ୩ ଗିରଫ

କାଳିମେଳା,୧୯।୯(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଉମରକୋଟ ଅଞ୍ଚଳରୁ କାଳିମେଳା ଏବଂ କାଳିମେଳାରୁ କରିମନଗରକୁ ୪ ଜଣ ଶିଶୁ ଶ୍ରମିକଙ୍କ ସମେତ ମୋଟ ୧୫ ଜଣ ଶ୍ରମିକଙ୍କୁ ବେଆଇନ ଭାବେ ଚାଲାଣ କରିବା ଅଭିଯୋଗରେ କାଳିମେଳା ପୋଲିସ ଚଢ଼ାଉ କରି ବସଷ୍ଟାଣ୍ଡରୁ ୩ ଜଣ ଶ୍ରମିକ ଦଲାଲଙ୍କୁ ଗିରଫ କରିଛି । ଏଥିସହ ଶ୍ରମିକ ଚାଲାଣ ହେଉଥିବା ଗୋଟିଏ କାରକୁ ପୋଲିସ ଜବତ କରିଛି । ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ କାଳିମେଳା ଥାନା ଅନ୍ତର୍ଗତ ଏମଭି-୫୭ ଗ୍ରାମର ଖୋକନ ମଣ୍ଡଳଙ୍କ ପୁଅ ତପନ ମଣ୍ଡଳ(୩୬),କାହ୍ନୁ ସରଦାରଙ୍କ ପୁଅ ସଚିନ ସରଦାର ଏବଂ ଉମରକୋଟ ଥାନା



ଗିରଫ ୩ ଅଭିଯୁକ୍ତ ଏବଂ ଜବତ କାର।

ଚିକଲପଦର ଗ୍ରାମର ମୋହନ ହରିଜନ । ଏମଭି-୫୭ ଗ୍ରାମର ତପନ ଏବଂ ସଚିନଙ୍କ କଥାରେ ମୋହନ ଉମରକୋଟ ଅଞ୍ଚଳରୁ ୧୫ ଜଣ ଶ୍ରମିକ ଆଣିବାକୁ କହିଥିଲେ । ସେମାନଙ୍କୁ ଅଧିକ ଅର୍ଥଦେବା ଲୋଭ ଦେଖାଇ କରିମନଗରରେ କାମ ଦେବାକୁ କହି ମୋହନ କାଳିମେଳା ନେଇଆସିଥିଲେ। ସଚିନ ଏବଂ ତପନ ମୋହନଙ୍କ ଠାରୁ ଏହି ୧୫ଜଣ ଶ୍ରମିକ ଗ୍ରହଣ କରୁଥିବା ସମୟରେ କାଳିମେଳା ମୁଖ୍ୟଛକଠାରେ ପାଟ୍ରୋଲିଂ ଦାୟିତ୍ୱରେ ଏଏସ୍‌ଆଇ କୁନାଲ କୁମାର ,ଏଏସ୍‌ଆଇ ହରି ଖରା, ହାବିଲଦାର ବନ୍ଧୁବିହ୍ଲାରଙ୍କ ସନ୍ଦେହ ହେବାରୁ ପୋଲିସ ସେମାନଙ୍କ ପାଖକୁ ଯାଇ ପଚରାଉଚରା କରିଥିଲା। ପରେ ଶ୍ରମିକ ଚାଲାଣ ହେଉଥିବା ଜାଣି ୩ ଜଣ ଦଲାଲଙ୍କୁ ଗିରଫ କରିଥିଲା। ୨୧୪/୨୧ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟଚାଲାଣ କରିଛି। ଉଦ୍ଧାର ଶ୍ରମିକମାନଙ୍କୁ ନିଜ ଅଞ୍ଚଳକୁ ଫେରିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଥାନା ଅଧିକାରୀ ଜଗଦୀଶ ବାରା କହିଛନ୍ତି।

## ଆଇନ ସଚେତନତା ଶିବିର

ଜୟପୁର,୧୯।୯ (ନି.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିଣୀପୁଟ ପଞ୍ଚାୟତର ବଡ଼ିଗୁଡ଼ା ଗ୍ରାମରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ତଥା ଲୋକ ଅଦାଲତର ବିଚାରପତି ଶୁଭଗୌତମ ମିଶ୍ର ମୁଖ୍ୟଅତିଥି,ପାନେଲ ଆଇନଜୀବୀ କେ. ଦିବାକର ରାଓ, ପାରା ଲିଗାଲ ସ୍ୱେଚ୍ଛାସେବୀ, ସୋମନାଥ ମହାନ୍ତି, ବାରିଣୀପୁଟ ପିଇଓ କ୍ଷୀତିଶ ଚନ୍ଦ୍ର ଦାସ, ସରପଞ୍ଚ ଡାଲିମ୍ବ ଜାନୀ, ପ୍ରଭାତିରାଣୀ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଉପସ୍ଥିତ ଜନସାଧାରଣଙ୍କୁ ପ୍ରାଧିକରଣ ମାଧ୍ୟମରେ କି ପ୍ରକାର ସାହାଯ୍ୟ ମିଳିପାରିବ ସେନେଇ ଆଲୋଚନା କରାଯାଇଥିଲା। କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ହେବାକୁ ଥିବା ସେବା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଯେଉଁ ହିତାଧିକାରୀ ଯେତେବେଳେ ଆଇନସେବା ପରାମର୍ଶ ଲୋଡିବେ ଓକିଲ ତାଙ୍କୁ ସେହି ସେବା ଯୋଗାଇବାରେ ସାହାଯ୍ୟ କରିବେ। ଦରଖାସ୍ତକୁ ଆବଶ୍ୟକସ୍ଥଳେ ଉଚ୍ଚଅଧିକାରୀଙ୍କ ନିକଟକୁ ପଠାଇବା ବ୍ୟବସ୍ଥା କରିବେ। ପାରାଲିଗାଲ ସ୍ୱେଚ୍ଛାସେବୀମାନେ ନିଜ ଅଞ୍ଚଳରେ ଲୋକଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର, କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ସଚେତନ କରିବେ ବୋଲି ଜନସାଧାରଣଙ୍କୁ ଅବଗତ କରାଯାଇଥିଲା।

## ଶବରୀ ନାରାୟଣ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ନେଇ ବୈଠକ

କୋରାପୁଟ,୧୯।୯(ସ୍ୱ.ପ୍ର.)- କୋରାପୁଟ ଜିଲାର ସେମିଳିଗୁଡା ତହସିଲ ଅଧୀନରେ ଥିବା ବିଲାପୁଟସ୍ଥିତ ନବନିର୍ମିତ ଶବରୀ ନାରାୟଣ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ନେଇ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେମିଳିଗୁଡା ତହସିଲଦାର ରଞ୍ଜିତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଟ୍ଟାଙ୍ଗି ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ବିଡିଓ ସବ୍ୟସାଚୀ ବେହେରା, ମନ୍ଦିର ପରିଚାଳନା କମିଟି ସମ୍ପାଦକ ଲଳିତ ମୋହନ ପଟ୍ଟନାୟକ, ନାରାୟଣ ପ୍ରଧାନୀ, ବିଶ୍ୱନାଥ ପ୍ରଧାନୀ, ସୁଶାନ୍ତ ପ୍ରଧାନୀ, କୃଷ୍ଣ ପ୍ରଧାନୀ, ଦୟା ଖିନବୁଡି, ଅର୍ଜୁନ କୁଲଦୀପ, କନିଷ୍ଠ ଯନ୍ତ୍ରୀ ରଶ୍ମିତା ରାଉତ ପ୍ରମୁଖ ଯୋଗଦେଇ ମନ୍ଦିର ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ମାର୍ଗଶିର ମାସରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିବାକୁ ନିଷ୍ପତ୍ତି ନେଇଥିଲେ। ବୈଠକରେ ଏକ ଲକ୍ଷ୍ମୀ ମନ୍ଦିର ନିର୍ମାଣ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ଯୋଜନା ପ୍ରସ୍ତୁତ କରିବାକୁ ସମ୍ପାଦକ ପଟ୍ଟନାୟକଙ୍କୁ କୁହାଯାଇଛି।

## ରାଷ୍ଟ୍ରୀୟ ଲୋକ ଅଦାଲତରେ ୩୩୯ ମାମଲା ସମାଧାନ

ଜୟପୁର, ୧୯।୯ (ନି.ପ୍ର.)

### ୬ ବର୍ଷ ପରେ ସ୍ତ୍ରୀ,ସ୍ୱାମୀ ଏକାଠି ହେଲେ

ଜୟପୁର କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ରବିବାର ଅନୁଷ୍ଠିତ ହୋଇଛି । ଜିଲା ଆଇନ ସେବା ପ୍ରାଧିକରଣ ତଥା ସ୍ଥାୟୀ ନିରନ୍ତର ଲୋକ ଅଦାଲତ ମାଧ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଦାଲତରେ ପଡ଼ି ରହିଥିବା ଭିନ୍ନ ଭିନ୍ନ ମକଦ୍ଦମାଗୁଡ଼ିକୁ ଆପୋସ ମିଳାମିଶା ମାଧ୍ୟମରେ ସମାଧାନ କରାଯାଇଥିଲା। ଦେଓାନି, ଫୌଜଦାରି, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ଆଦି ମାମଲାର ଆପୋସ ସହମତିରେ ସମାଧାନ ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା କୋରାପୁଟ ଜିଲା ଜୟପୁର ଜିଲାଜଜ୍ ସୌମେନ୍ଦ୍ର କୁମାର ରାଜଗୁରୁ, ସରୋଜ କୁମାର ସାହୁ, ସ୍ଥାୟୀ ଲୋକ ଅଦାଲତର ବିଚାରପତି, ଅତିରିକ୍ତ ଜିଲାଜଜ୍ ରାଜେଶ ନାୟାର, ପ୍ରଣତି ପଟ୍ଟନାୟକ, ଜିଲା କୋର୍ଟର ରେଜିଷ୍ଟ୍ରାର ଶରତ କୁମାର ଜେନା, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଶୁଭ ଗୌତମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଲୋକ ଆଦାଲତରେ କ୍ରିମିନାଲ କମ୍ପାଉଣ୍ଡେବଲ ମାମଲା ଏଲଆଇ ଆକ୍ଟ,ବ୍ୟାଙ୍କ ମାମଲା, ଏମ୍‌ଏସିଟି ମାମଲା, ଅନ୍ୟାନ୍ୟ ଦେଓାନି ମାମଲା ଏପରି ମୋଟ ୩୩୯ ମାମଲା ସମାଧାନ କରାଯାଇ ୧ କୋଟି ୬୭ଲକ୍ଷ ୧୨ ହଜାର ୯୭୦ ଟଙ୍କା ଧାର୍ଯ୍ୟ ହୋଇଛି। ପ୍ରି ଲିଟିଗେଶନ ମାମଲା ମଧ୍ୟରେ ବ୍ୟାଙ୍କ ବିବାଦ ଓ ଅନ୍ୟ ମକଦ୍ଦମା ୪୩ଟି ସମାଧାନ କରାଯାଇ ୩୪ ଲକ୍ଷ ୬୪ ହଜାର ୨୨୮ ଟଙ୍କା ଧାର୍ଯ୍ୟ କରାଯାଇଛି। ପରିବାର ଅଦାଲତ ବିଚାରପତି ପବିତ୍ର ମୋହନ ସାମଲଙ୍କ ପ୍ରଚେଷ୍ଟାରେ ବୋରିଗୁମ୍ମାର ୬ବର୍ଷ ଧରି ପରସ୍ପରଠାରୁ ଅଲଗା ରହୁଥିବା ଦମ୍ପତି ଏକାଠି ହୋଇଛନ୍ତି। ସେମାନେ ଏକାଠି ରହିବାକୁ ସହମତି ପ୍ରକାଶ କରିଥିବା ଜଣାପଡିଛି।

# ବିରଜାଇ ଜଙ୍ଗଲର କୃଷ୍ଣାପଲ୍ଲୀରୁ ଆସିଥିଲା କାଠକଡ଼ି

ଡ. ସୁରେନ୍ଦ୍ର କୁମାର ମିଶ୍ର




### (୭୨୦ଟି ଚାପ ଓ ନୌକା ତିଆରିରେ ହୋଇଥିଲା ବ୍ୟବହାର)

କୋଣାର୍କଠାରେ ମନ୍ଦିର ତୋଳା ଅବସରରେ ନିର୍ମିତ ବୟାଳିଶ ବାଟିର ଦେବୀ ଗଙ୍ଗେଶ୍ୱରୀ ମନ୍ଦିର ଐତିହ୍ୟ ଅନୁଶୀଳନ କାର୍ଯ୍ୟ ଓଡ଼ିଶା ଐତିହ୍ୟ ପରିଷଦ, କୋଣାର୍କ ଐତିହ୍ୟ ପରିଷଦ ଓ ବ୍ରହ୍ମଗିରି ଐତିହ୍ୟ ପରିଷଦ ପକ୍ଷରୁ ମିଳିତ ଭାବରେ କରାଯାଇଥିଲା। ୨୦୧୮ ଜୁନ୍ ୩ରେ ଦିନସାରା ଆମେ ସେଇ ପରିସରରେ ରହିଥିଲୁ। ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ୨୧୮ଟି ସଂରକ୍ଷିତ କୀର୍ତ୍ତିରାଜି ତାଲିକାରେ ଏହା ସ୍ଥାନ ପାଇଛି। ଭାସ୍କର୍ଯ୍ୟମୟ ମନ୍ଦିର ଉପରେ ୭୧ଟି ଗଛ ଉଠିଥିବା ଦେଖି ଯେତିକି ଦୁଃଖ ଅନୁଭବ ହେଲା ଏହାର ମୁଖଶାଳାରେ କମନୀୟ ବିଗ୍ରହମାନେ ଅନ୍ଧାରୁଆ କୋଣରେ ନାରଖାର ହୋଇ ପଡ଼ିଥିବା ଦେଖି ମନରେ ଭାବାନ୍ତର ସୃଷ୍ଟି ହେଲା। ସତରେ ଗୌରବମୟ ଐତିହ୍ୟକୁ ସାଇତିବାରେ ଆମେ ଆନମନା ହୋଇଛେ!

ଶିଳ୍ପୀମାନେ ରହୁଥିବା ଶିବିର ଦାଢ଼ଦେଇ ବହିଯାଇଥିଲା ପଥରବୁହା ନଦୀ; ଯେଉଁ ନଦୀପଥରେ ପଥର ଆସୁଥିଲା ଶ୍ରୀପଦ୍ମକେଶର ମନ୍ଦିର ପାଇଁ। ଶ୍ରୀ ବୀର ସମର୍ଥାଙ୍କ ତତ୍ତ୍ୱାବଧାନରେ ନିର୍ମିତ ୭୨୦ ଚାପ ଦିନେ ଏଇ ନଦୀପଥରେ ଚଳଚଞ୍ଚଳ ଥିଲା। ଏଥିମଧ୍ୟରୁ ୨୨ ହାତ ଲମ୍ବର ୪ଟି ନୌକା, ତିନିହାତ ଓସାରର ୧୨୧ ଚାପ ଦିନ ରାତି ପଥରବୁହାରେ ଲାଗିଥିଲେ (ବାୟାଚକଡ଼ା)। କେବଳ ପଥର ନୁହେଁ ବିରଜାଇ ଜଙ୍ଗଲର କୃଷ୍ଣାପଲ୍ଲୀରୁ ୧୪୦୧ ଖଣ୍ଡ ଶାଳକାଠର କଡ଼ି ଦଶରଥପୁର ବିଶୋଇଙ୍କ ମାଧ୍ୟମରେ ଆସି ପହଞ୍ଚିଥିଲା।

ଆମେ ଜାଣୁ ବିରଜାଇ ଜଙ୍ଗଲ କୁହାଯାଉଥିଲା କଙ୍ଗୋଦ ସାମ୍ରାଜ୍ୟର ରାଜଧାନୀ ବଙ୍କାଡ଼ଗଡ଼ର ଉତ୍ତରପାର୍ଶ୍ୱ ଅଞ୍ଚଳକୁ। ବଙ୍କାଡ଼ଗଡ଼ ବାଣପୁରର ଉତ୍ତର ଦିଗକୁ ୨୨/୨୩ କି.ମି. ଦୂରରେ ଥିଲା। ଭଗ୍ନାବଶେଷ ଅଛି। ରାଜଧାନୀର ଭବ୍ୟ ଶିବ ମନ୍ଦିର ଅଧା ଭାଙ୍ଗିଯାଇଛି। ଏଣେ ତେଣେ ପଡ଼ିରହିଛି ବିଶାଳ ବିଶାଳ ଶିଳାଲେଖ ଥିବା ପଥର। ଆମେ ୨୦୦୭ ମସିହାରେ ଅନୁସନ୍ଧାନରେ ଗଲାବେଳକୁ



ପାହାଡ଼ କୋଳରେ ଦେବୀ ବିରଜାଇଙ୍କ ନୂତନ ମନ୍ଦିର।

ପଥର ଦାଢ଼ରେ ମଳତ୍ୟାଗର ନମୁନା ଦେଖି ବିସ୍ମିତ ହେଲୁ। ଶିବ ମନ୍ଦିରରେ ଲିଙ୍ଗ ଅପୂଜା। ବିଶାଳକାୟ ଶିବଲିଙ୍ଗ, ସୂକ୍ଷ୍ମ ଭାସ୍କର୍ଯ୍ୟର ଧ୍ୱଂସସ୍ତୂପ ଯେମିତି ବାହୁନେଇ କାନ୍ଦୁଛି ତା'ର ପୂର୍ବ ଐତିହ୍ୟକୁ ନେଇ। ଏଇଠି ରହିଥିଲେ ହୁଏନ୍‌ସାଂ ମାସାଧିକ କାଳ।

ଶିବ ମନ୍ଦିରର ଅନତି ଦୂରରେ ରହିଛନ୍ତି ମା' ବିରଜାଇ। ଷଷ୍ଠ/ସପ୍ତମ ଶତାବ୍ଦୀ କଥା ଇୟେ। ପଶ୍ଚିମପଟକୁ ବହିଯାଇଛି



ବଙ୍କାଡ଼ଗଡ଼ ଭଗ୍ନ ଶିବ ମନ୍ଦିର। (ଫଟୋ: ଶଙ୍କର ବସ୍ତି)

ଶାଳିଆ ନଦୀ। କଣ୍ଟୁଆଳପୁର ସମତଳ ଅଞ୍ଚଳରୁ ବିରଜାଇ ପାହାଡ଼ ପଶ୍ଚିମ ଓ ଉତ୍ତର ଦିଗକୁ ଘେରି ରହିଛି। ବର୍ତ୍ତମାନ ଏହା 'ବାଣପୁର ମାଳ ଅଞ୍ଚଳ' ଭାବରେ ପ୍ରସିଦ୍ଧ। ଏଠି ବିରଜାଇଙ୍କ ପୂଜକ ହେଉଛନ୍ତି 'ଜାନି' ବନବାସୀମାନେ। ଶୈଳୋଦ୍ଭବବଂଶର ରାଜଧାନୀ ବିରଜାଇ ଜଙ୍ଗଲରୁ ଆସିଥିଲା ଶାଳକାଠର କଡ଼ି କୋଣାର୍କକୁ।

ବୟାଳିଶ ବାଟି ଦେଇ ବହିଯାଇଥିବା ପଥରବୁହା ନଦୀକୁ ବି ଆମେ ସଂରକ୍ଷିତ କଲାଭଳି ମନେହୁଏ ନାହିଁ। ବିରାଟ ପୁଷ୍କରିଣୀ (ଲମ୍ବା ଆକାରରେ) କେବଳ ଦୃଶ୍ୟ ହେଉଛି। ଆଗପଛ ପୋତି ହୋଇଗଲାଣି। ଗଜପତି ନରସିଂହଦେବ ଏହାକୁ ଖୋଳାଇଥିଲେ ବୋଲି ଐତିହ୍ୟ ଅଛି। ଓଡ଼ିଆ ଜାତି ନଦୀ ଖୋଳି, ୭୨୦ଟି ଚାପ ଓ ନୌକା ତିଆରି ଅଗନାଅଗନି ବନସ୍ତ ଭିତରୁ କେଉଁଠୁ ପଥର ତ କେଉଁଠୁ କାଠ ଓ କେଉଁଠୁ ବାଉଁଶ ଆଣି ଦେଉଳ ଗଢ଼ିଥିବାର ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ହେଉଛି ପଥରବୁହା ନଈ। ଆମେ ସେଇ ବାହାରିଆ ପଣ୍ଡିତ ପାଇଁ ସାଇତି ରଖିଛେ। ନିଜ ଡାହାଣହାତ ବାମକାନ୍ଧରେ ବାଢ଼େଇ କହିପାରିବା ତ ଦେଖ! ଆମର ମନ୍ଦିର ତୋଳିବାର ଅନ୍ୟତମ ପ୍ରମାଣ!

ଗଙ୍ଗେଶ୍ୱରୀ ମନ୍ଦିରରେ ଦୁଇଟି ବିଗ୍ରହ ସବୁଠାରୁ ନିଆରା। ସାବିତ୍ରୀ ସତ୍ୟବାନଙ୍କର କମନୀୟ ବିଗ୍ରହ, ଯାହା ସବୁଠାରେ ପରିଦୃଶ୍ୟ ହୁଏନାହିଁ, ସିୟେ ସନ୍ତସନ୍ତିଆ ପଥରଘରର ଅନ୍ଧାରୁଆ କୋଣରେ ବାହୁନେଇ ହୋଇ ପଡ଼ିଛନ୍ତି ଯେମିତି! ଆଉ ଗୋଟିଏ ଅଶ୍ୱ ଉପରେ ଯୁଦ୍ଧମୁଦ୍ରାରେ ଗଜପତି ଲାଙ୍ଗୁଳା ନରସିଂହଦେବ ଖଣ୍ଡା ଧରି ବସିଥିବା ବିଗ୍ରହ। ଗଜପତିଙ୍କର ଏଇ ବିଗ୍ରହ ଏଠାରେ ହୋଇଯାଇଛନ୍ତି ମନ୍ଦିରର ପୂର୍ବ ପାର୍ଶ୍ୱର ପାର୍ଶ୍ୱଦେବତା! ଆଗରୁ ପୂର୍ବ ପାର୍ଶ୍ୱରେ ବାରାହୀଙ୍କର ଦଣ୍ଡାୟମାନ ମୂର୍ତ୍ତି ପାର୍ଶ୍ୱଦେବୀ ଭାବରେ ଥିଲେ ବୋଲି ଦୁର୍ଗା ଚରଣ ପଣ୍ଡା ମତ ଦେଇଛନ୍ତି। ସମ୍ଭାବନା ହୁଏ ମୂର୍ତ୍ତି ନଷ୍ଟ ହୋଇଯିବା ପରେ ଗଜପତିଙ୍କ ଏଇ ଯୁଦ୍ଧମୁଦ୍ରାର ମୂର୍ତ୍ତି ଏଠାରେ ସ୍ଥାନିତ ହୋଇଛନ୍ତି।

## ଚଳିତ ବର୍ଷ ଆସି ନ ପାରେ ଶ୍ରମ କୋଡ୍

ନୂଆଦିଲ୍ଲୀ: ଚଳିତ ଆର୍ଥିକ ବର୍ଷରେ ୪ ଶ୍ରମ କୋଡ୍ ଲାଗୁ ହୋଇ ନ ପାରେ। ରାଜ୍ୟଗୁଡ଼ିକ ସ୍ତରରେ ନିୟମ ଡ୍ରାଫ୍ଟ କରିବା ପ୍ରକ୍ରିୟା ବର୍ତ୍ତମାନ ବିଳମ୍ବ ହେଉଛି। ସେହିଭଳି ଉତ୍ତର ପ୍ରଦେଶ ନିର୍ବାଚନ ମଧ୍ୟ ଏକ ରାଜନୈତିକ କାରଣ ଭାବେ ଉଭା ହୋଇଥିବା ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। ନୂଆ ନିୟମ ଲାଗୁ ହେଲେ କର୍ମଚାରୀ ଘରକୁ ନେଉଥିବା ବେତନ ହ୍ରାସ ହେବ। ଏହାବାଦ କମ୍ପାନୀଗୁଡ଼ିକର ଭବିଷ୍ୟନିଧି ଦେୟ ନେଇ ଉତ୍ତରଦାୟିତ୍ୱ ବଢ଼ିବ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ବିମାନ କମ୍ପାନୀଗୁଡ଼ିକୁ ଆଶ୍ୱସ୍ତି


**ନୂଆଦିଲ୍ଲୀ,୧୯।୯:** ସରକାର ବିମାନ କମ୍ପାନୀଗୁଡ଼ିକୁ ଆଶ୍ୱସ୍ତି ପ୍ରଦାନ କରିବା ସହ ଯାତ୍ରୀ ପରିବହନ କ୍ଷମତା ୭୨.୫%ରୁ ୮୫%କୁ ବୃଦ୍ଧି କରିଛନ୍ତି। ଏହା ସହ ବିମାନ ଭଡ଼ା ସମ୍ପର୍କିତ ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ବିମାନ ଭଡ଼ା କ୍ଷେତ୍ରରେ ସର୍ବନିମ୍ନ ଏବଂ ସର୍ବୋଚ୍ଚ ଲିମିଟ୍ ମାସରେ କେବଳ ୧୫ ଦିନ ଲାଗି ଲାଗୁ ହେବ। ଏହା ମାସର କୌଣସି ସମୟରେ ୧୫ ଦିନ ଯାଏ ଲାଗୁ ହେବ। ବିମାନ କମ୍ପାନୀଗୁଡ଼ିକ ୧୬ ଦିନଠାରୁ ବିନା କୌଣସି ସୀମାରେ ଭଡ଼ା ଲାଗୁ କରିପାରିବେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଗତ ବର୍ଷ ଲକ୍‌ଡାଉନ ପରେ ମେ ମାସରେ ବିମାନ ଭଡ଼ାର ସୀମା ନିର୍ଦ୍ଧାରଣ କରାଯାଇଥିଲା। ସେହି ସମୟରେ କମ୍ ବିମାନ ଦେଶ ମଧ୍ୟରେ ଚଳାଚଳ କରୁଥିଲା। ଫଳରେ କମ୍ପାନୀଗୁଡ଼ିକ ଟିକେଟ ଉପରେ ଅଧିକ ଭଡ଼ା ନେଉଥିଲେ। ନୂଆ ନିୟମ ଅନୁସାରେ ବିମାନ କମ୍ପାନୀଗୁଡ଼ିକ ଏବେ ୮୫% କ୍ଷମତାରେ ବିମାନ ସେବା ପ୍ରଦାନ କରିବେ। ଚଳିତ ବର୍ଷ ଅଗଷ୍ଟ ୧୨ରେ ଦେଶ ମଧ୍ୟରେ ଉଡ଼ାଣ କ୍ଷେତ୍ରରେ ଯାତ୍ରୀ କ୍ଷମତାକୁ ୬୫%ରୁ ୭୨.୫%କୁ ବୃଦ୍ଧି କରାଯାଇଥିଲା। ଜୁଲାଇ ଶେଷ ସପ୍ତାହ ତୁଳନାରେ ଅଗଷ୍ଟ ଶେଷ ସପ୍ତାହରେ ଯାତ୍ରୀ ସଂଖ୍ୟା ୩୬% ବୃଦ୍ଧି ଘଟିଛି। ୨୦୨୦ ଅଗଷ୍ଟ ତୁଳନାରେ ୨୦୨୧ ସମାନ ଅବଧିରେ ଯାତ୍ରୀ ସଂଖ୍ୟା ୨ ଗୁଣ ବୃଦ୍ଧି ଘଟିଛି।

### ୟୁକୋ ବ୍ୟାଙ୍କ ଇଡିଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର,୧୯।୯:** ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଇସରାକ ଅଲ୍ଲୀ ଖାଁ ନିକଟରେ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନରଙ୍କୁ ସାକ୍ଷାତ କରିଥିଲେ। ଭୁବନେଶ୍ୱରରେ ବ୍ୟାଙ୍କର ଋଣ ଶିବିର, ଗ୍ରାହକ ସମ୍ମିଳନୀ ଏବଂ ବ୍ୟାଙ୍କ ଶାଖା ମୁଖ୍ୟଙ୍କ ସହ ଏକ ସମୀକ୍ଷା ବୈଠକରେ ମଧ୍ୟ ସେ ଅଂଶ ଗ୍ରହଣ କରିଥିଲେ। ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଅରୂପାନନ୍ଦ ଜେନା, ଉପ ଆଞ୍ଚଳିକ ମୁଖ୍ୟ ଦୀପ୍ତି ସେନାପତିଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ଥିଲେ। ସେହିଭଳି ସେ ବାଲେଶ୍ୱର ଅଞ୍ଚଳ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଛୋଟ କାର୍‌ରେ ୨ ଏୟାର ବ୍ୟାଗ୍ କାହିଁକି

## ଅଟୋମୋବାଇଲ କମ୍ପାନୀଙ୍କୁ ଗଡକରୀଙ୍କ ପ୍ରଶ୍ନ





ନୂଆଦିଲ୍ଲୀ,୧୯।୯

ବଡ କାର୍‌ଗୁଡ଼ିକରେ ୮ ଏୟାରବ୍ୟାଗ୍ ରହିଛି। ମାତ୍ର ଛୋଟ କାରଗୁଡ଼ିକରେ ୨ଟି ଏୟାରବ୍ୟାଗ ଥିବାରୁ ଏହାକୁ ନେଇ କେନ୍ଦ୍ର ସଡକ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ରବିବାର ଅଟୋମୋବାଇଲ କମ୍ପାନୀଗୁଡ଼ିକୁ ପ୍ରଶ୍ନ କରିଛନ୍ତି।

ଗଡକରୀଙ୍କ କହିବା ମୁତାବକ, ଛୋଟ କାରରେ ମଧ୍ୟ ସବୁ ଯାତ୍ରୀଙ୍କ ଲାଗି ଏୟାରବ୍ୟାଗ ରହିବା ଆବଶ୍ୟକ। ଫଳରେ ନିମ୍ନ, ମଧ୍ୟବିତ୍ତ ଏବଂ ଗରିବ ବର୍ଗଙ୍କୁ ମଧ୍ୟ ଯାତ୍ରା ସମୟରେ ସୁରକ୍ଷା ମିଳିପାରିବ। ପିଟିଆଇକୁ ସାକ୍ଷାତକାରରେ ଗଡକରୀ କହିଛନ୍ତି, ଧନୀ ଲୋକ ନେଉଥିବା ବଡ ଯାନଗୁଡ଼ିକରେ କମ୍ପାନୀ ୮ ଏୟାର ବ୍ୟାଗ ଦେଉଛନ୍ତି। ମାତ୍ର ଛୋଟ କାରରେ ଏହା ୨ କିମ୍ବା ୩। ଏଭଳି କାହିଁକି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଦେଶ ମଧ୍ୟରେ ନିମ୍ନ ସେଗ୍‌ମେଣ୍ଟ ଗ୍ରାହକଙ୍କୁ ମଧ୍ୟ ସୁରକ୍ଷା ଦେବା ଜରୁରୀ ବୋଲି ସେ ମତ ରଖିଛନ୍ତି।

ସେ ପୁଣି କହିଛନ୍ତି, ଛୋଟ କାର୍ ସାଧାରଣତଃ ନିମ୍ନ ଏବଂ ମଧ୍ୟବିତ୍ତ ଲୋକ କ୍ରୟ କରିଥାନ୍ତି। ଏହି କାର୍‌ଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଏୟାର ବ୍ୟାଗ ନ ରହିବାକୁ ଦୁର୍ଘଟଣା ସମୟରେ ଅନେକ ଲୋକଙ୍କୁ ଜୀବନ ରକ୍ଷା କରିବାରେ କଷ୍ଟକର ହେଉଛି। ଏଣୁ ପ୍ରତିକାରରେ ଅତି କମ୍‌ରେ ୬ ଏୟାରବ୍ୟାଗ୍ ରଖିବାକୁ ଗଡକରୀ ଯାନ କମ୍ପାନୀଙ୍କୁ ଅପିଲ୍ କରିଛନ୍ତି। ସେ ଏୟା ମଧ୍ୟ ମାନିଛନ୍ତି ଯେ, ଛୋଟ କାରଗୁଡ଼ିକରେ ଏୟାରବ୍ୟାଗ ରଖିଲେ ସେଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ୩ରୁ ୪ ହଜାର ବଢ଼ିଯିବ। ମାତ୍ର ଏହା ଦ୍ୱାରା ଗ୍ରାହକ ଲାଭବାନ ହୋଇପାରିବେ। ଚଳିତ ବର୍ଷ ଏପ୍ରିଲ ପହିଲାରୁ ନୂଆ କାରର ସବୁ ମଡେଲ ଉପରେ ଏୟାରବ୍ୟାଗକୁ ଅନିବାର୍ଯ୍ୟ କରାଯାଇଛି। ସଡ଼କ ସୁରକ୍ଷା ନେଇ ସୁପ୍ରିମକୋର୍ଟ ଗଠନ କରିଥିବା କମିଟି ଆଧାରରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅଧିକ ଟିକସ ଏବଂ ସୁରକ୍ଷା ନିୟମ କାରଣରୁ ଅଟୋମୋବାଇଲ କମ୍ପାନୀଗୁଡ଼ିକୁ ପ୍ରଡକ୍ଟ ମହଙ୍ଗା ହେଉଥିବାରୁ ଏହା ସେମାନଙ୍କ ପାଇଁ ଚିନ୍ତାର କାରଣ ପାଲଟୁଥିବା ଜଣାପଡ଼ିଛି।

# ପିଆଜିଓର ନୂଆ ଶୋ'ରୁମ୍



ଭୁବନେଶ୍ୱର,୧୯।୯

ପିଆଜିଓ ଇଣ୍ଡିଆ ପକ୍ଷରୁ ଶନିବାର ସ୍ଥାନୀୟ ପଟିଆ ବିଗ୍‌ବଜାର ନିକଟରେ ଏହାର ବ୍ରାଣ୍ଡ ନ୍ୟୁ ଡିଲରଶିପ 'ହିନ୍ଦୁସ୍ଥାନ ହ୍ୱିଲ୍ସ'ର ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ହିନ୍ଦୁସ୍ଥାନ ଗ୍ରୁପ୍‌ର ମୁଖ୍ୟ ଯୋଗୀନ୍ଦର ହଂସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କମ୍ପାନୀର ଆଇକନିକ୍ ଭେସ୍‌ପା ଏବଂ ସ୍ପୋର୍ଟି ଆପ୍ରିଲିଆର ବିସ୍ତୃତ ରେଞ୍ଜ୍ ସହ ଭେସ୍‌ପା ଏବଂ ଆପ୍ରିଲିଆ ଏସ୍‌ଏକ୍ସଆର୍, ଏସ୍‌ଆର୍ ଏବଂ ଷ୍ଟର୍ମ ରେଞ୍ଜ୍‌ରେ ବିଭିନ୍ନ ଉତ୍ପାଦ ନୂଆ ଶୋ'ରୁମରେ ଉପଲବ୍ଧ ହେବ ବୋଲି ସେ ସୂଚନା ଦେଇଥିଲେ। ୨୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଶୋ'ରୁମଟି ଖୋଲିଛି। ଏଠାରେ ସେଲ୍ସ ସହ ସର୍ଭିସ ୱାର୍କଶପ ଡିଜାଇନ କରାଯାଇଥିବା ସଂସ୍ଥାର ସ୍ୱତ୍ୱାଧିକାରୀ ଅକ୍ଷୟ ହଂସ କହିଛନ୍ତି। ଏହା ବ୍ରାଣ୍ଡର ଇଟାଲିଆନ୍ ହେରିଟେଜ୍‌କୁ ପ୍ରତିଫଳନ କରୁଛି। ଉତ୍ତମ ଗ୍ରାହକ ସେବା, ଉଚ୍ଚମାନର ଉତ୍ପାଦ ଏବଂ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ ଦ୍ୱାରା ଗ୍ରାହକଙ୍କ ନିକଟତର ହେବାକୁ ଲକ୍ଷ୍ୟ ରଖାଯାଇଛି। ହିନ୍ଦୁସ୍ଥାନ ହ୍ୱିଲ୍ସ ପକ୍ଷରୁ ଆକର୍ଷଣୀୟ ଉଦ୍‌ଘାଟନୀ ଅଫର ମଧ୍ୟ ଦିଆଯାଉଛି। ଚଳିତ ମାସ ପାଇଁ ଗ୍ରାହକ ସମସ୍ତ ମଡେଲରେ ୮୦୦୦ ଟଙ୍କା ପର୍ଯ୍ୟନ୍ତ ମାଗଣା କଷ୍ଟୁମର ବେନିଫିଟ୍ ଲାଭ ପାଇପାରିବେ ବୋଲି ଶୋ'ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି।

# 'ଦୀର୍ଘମିଆଦୀ ଲକ୍ଷ୍ୟ ରଖନ୍ତୁ ଏଫ୍‌ପିଓ'

## ନାବାର୍ଡ ପକ୍ଷରୁ କର୍ମଶାଳା

ଭୁବନେଶ୍ୱର,୧୯।୯(ବ୍ୟୁରୋ)

କୃଷି ଉତ୍ପାଦକ ସଙ୍ଗଠନ(ଏଫ୍‌ପିଓ)ଗୁଡ଼ିକ ଦୀର୍ଘ ମିଆଦୀ ଲକ୍ଷ୍ୟ ରଖି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ସଂସ୍ଥାଗୁଡ଼ିକୁ ସେମାନଙ୍କ ବାଣିଜ୍ୟ କାରବାର ବୃଦ୍ଧି ଏବଂ ନିରନ୍ତର ଭିତ୍ତିରେ ଲାଭ ହାସଲ କରିବା ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ହେବ। ଏଫ୍‌ପିଓଗୁଡ଼ିକୁ ଗଣତାନ୍ତ୍ରିକ ଉପାୟରେ ଚଳାଇବା ସହ ଉନ୍ନତ ଗଭର୍ନାନ୍ସ ପ୍ରାକ୍ଟିସକୁ ମଧ୍ୟ ପ୍ରାଥମିକତା ଦେବାକୁ ପଡ଼ିବ। ଏହା ହେଲେ ଏଫ୍‌ପିଓର ସଦସ୍ୟମାନେ ନିରନ୍ତର ଭିତ୍ତିରେ ଲାଭବାନ ହୋଇପାରିବେ ବୋଲି ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ(ନାବାର୍ଡ)ର ଅଧ୍ୟକ୍ଷ ଡ.ଜି.ଆର୍.ଚିନ୍ତଲା କହିଛନ୍ତି। ନିକଟରେ ଓଡ଼ିଶା ଗସ୍ତ ଅବସରରେ ନାବାର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଏଫ୍‌ପିଓ କନ୍‌କ୍ଲେଭରେ ସେ ଯୋଗ ଦେଇଥିଲେ।

ନାବାର୍ଡ ଆର୍‌ଆଇଡିଏଫ୍ ସହାୟତାରେ ସ୍ଥାପନ ହୋଇଥିବା ଓମ୍‌ଫେଡର ଅଟୋମେଟେଡ ଡାଏରୀ ପ୍ରୋସେସିଂ ପ୍ରକଳ୍ପକୁ ସେ ପରିଦର୍ଶନ କରିଥିଲେ। ଏଫ୍‌ପିଓ ସେମାନଙ୍କ କିଞ୍ଚିତ ସମ୍ବଳକୁ ଠିକ୍ ଭାବେ ବିନିଯୋଗ କରିବା ଉପରେ ନବକିଶାନର ଏମ୍‌ଡି ଏବଂ ସିଇଓ ସୁଶିଳା ଚିନ୍ତଲା ଗୁରୁତ୍ୱାରୋପ କରିଥିଲେ। ନବ୍‌କିଶାନଠାରୁ ପୁଞ୍ଜି ସହାୟତା ନେଇ ସଂସ୍ଥାଗୁଡ଼ିକ ସେମାନଙ୍କ କାରବାରକୁ ବଢ଼ାଇ ଆର୍ଥିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିପାରିବେ ବୋଲି ସେ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ୧୦ ଏଫ୍‌ପିଓକୁ ପରିବହନ ଯାନ ପ୍ରଦାନ କରାଯାଇଥିଲା। ବାଣିଜ୍ୟ ପରିଚାଳନା ଏବଂ ନୂଆ ବଜାରକୁ ପହଞ୍ଚିବା କ୍ଷେତ୍ରରେ ଏହା ବିଶେଷ ଭାବେ ସହାୟକ ହେବ। କାର୍ଯ୍ୟକ୍ରମରେ ବୁଣାକାରମାନେ ସେମାନଙ୍କ ପ୍ରଡକ୍ଟ ପ୍ରଦର୍ଶନ କରାଇଥିଲେ।





୧୦ ଏଫ୍‌ପିଓକୁ ପରିବହନ ଯାନ ଚାବି ପ୍ରଦାନ କରାଯାଉଛି।

# ଜାନୁୟାରୀରୁ କଡ଼ାକଡ଼ି ହେବ ଜିଏସ୍‌ଟି ଫାଇଲିଂ

ନୂଆଦିଲ୍ଲୀ,୧୯।୯

ଆସନ୍ତା ଜାନୁୟାରୀ ମାସରୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଫାଇଲିଂକୁ କଡ଼ାକଡ଼ି କରାଯିବ। ଯେଉଁ ବାଣିଜ୍ୟ ସଂସ୍ଥାଗୁଡ଼ିକ ସମରି ରିଟର୍ନ ଏବଂ ମାସିକ ଜିଏସ୍‌ଟି ରିଟର୍ନ ଫାଇଲିଂ କରିବେନି ପରବର୍ତ୍ତୀ ମାସଗୁଡ଼ିକରେ ଜିଏସ୍‌ଟିଆର୍-୧ ସେଲ୍ସ ରିଟର୍ନ ଭରିବା କଷ୍ଟକର ହୋଇପଡ଼ିବ ବୋଲି ଜଣାପଡ଼ିଛି। ଅନୁପାଳନ ନିୟମକୁ କଡ଼ାକଡ଼ି କରିବା ଲାଗି ନିକଟରେ ଲକ୍ଷ୍ନୌଠାରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିଲାଗି କେନ୍ଦ୍ରୀୟ ଜିଏସ୍‌ଟି ଆଇନରେ ମଧ୍ୟ ସଂଶୋଧନ କରାଯିବ। ପୂର୍ବ ମାସରେ ଜିଏସ୍‌ଟି ଆର୍ ୩ବି ଦାଖଲ କରି ନ ଥିଲେ ଜିଏସ୍‌ଟି ଆର୍ ୧ ଦାଖଲ କରିବାକୁ ଅନୁମତି ମିଳିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ରିଫଣ୍ଡ କ୍ଲେମ୍ କରିବାକୁ ଆଧାର ପ୍ରମାଣନ ମଧ୍ୟ ବାଧ୍ୟତାମୂଳକ ହୋଇଛି। ଜିଏସ୍‌ଟି ଠକେଇ ରୋକିବା ଦିଗରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି।


# ବିଭିନ୍ନ ବ୍ୟାଙ୍କ ପକ୍ଷରୁ ରାଜଭାଷା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯।୯

ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପକ୍ଷରୁ ରାଜଭାଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜଭାଷାରେ ବିଭିନ୍ନ ଦିଗ ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। ପିଏନ୍‌ବି ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳ ପ୍ରବନ୍ଧକ ସଞ୍ଜୀବ ଭରଦ୍ୱାଜ, ଉପ-ଅଞ୍ଚଳ ପ୍ରବନ୍ଧକ ଜନ୍ମେଜୟ ଦୀକ୍ଷିତ, ଉପ ମହାପ୍ରବନ୍ଧକ ଆଦିତ୍ୟ କୁମାର ପାଢୀ, ରାଜଭାଷା ପ୍ରବନ୍ଧକ ଅରୁଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ୟୁକୋ ବ୍ୟାଙ୍କର ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ମୁଖ୍ୟ ଅରୂପାନନ୍ଦ ଜେନା, ବିଜେବି କଲେଜର ପୂର୍ବତନ ରିଡର ଶଙ୍କରଲାଲ ପୁରୋହିତ, ଉପ-ମହାପ୍ରବନ୍ଧକ ଧୀରଜ ପଞ୍ଚବର୍ଦ୍ଧନ, ଏସ୍‌ଏଲ୍‌ବିସିର ସହାୟକ ମହାପ୍ରବନ୍ଧକ ଲିଙ୍ଗରାଜ ନାୟକ ଏବଂ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ଲିଙ୍ଗରାଜ ନାୟକ ଉପସ୍ଥିତ ଥିଲେ। ୟୁନିୟନ୍ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ତଥା କ୍ଷେତ୍ରୀୟ କାର୍ଯ୍ୟାଳୟ କଟକ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଡ଼. ବେଦୁଲା ରାମାଲକ୍ଷ୍ମୀ, କ୍ଷେତ୍ର ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଆଞ୍ଚଳିକ ପ୍ରବନ୍ଧକ ପ୍ରିୟବ୍ରତ ପଟ୍ଟନାୟକ, ଉପ-ଆଞ୍ଚଳିକ ପ୍ରବନ୍ଧକ କେ.ଏଲ୍ ସେଠୀ, ଆର୍.ସି.ଦାସ ଏବଂ ବରିଷ୍ଠ ପ୍ରବନ୍ଧକ ସୋନିଆ ସାୱନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ଫୁର୍‌ସତ୍

# ଡେଙ୍ଗା ବ୍ୟକ୍ତିଙ୍କୁ କ୍ୟାନ୍‌ସର ଆଶଙ୍କା ଅଧିକ



**ନୂଆଦିଲ୍ଲୀ:** ଶରୀରର ଉଚ୍ଚତା ଅନୁସାରେ ବିଭିନ୍ନ ରୋଗ ହୋଇଥାଏ। ଏକଥା ଶୁଣିଲେ ହୁଏତ ଅନେକେ ବିଶ୍ୱାସ କରି ପାରୁନଥିବେ। ବୈଜ୍ଞାନିକଙ୍କ ଗବେଷଣାରୁ ଏପରି କଥା ଜଣାପଡ଼ିଛି। ଜର୍ମାନୀର ବନ୍ ୟୁନିଭର୍ସିଟିର ବୈଜ୍ଞାନିକମାନେ ଗବେଷଣା କରି ଜାଣିପାରିଛନ୍ତି ଯେ, ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଉଚ୍ଚତା ଅନୁସାରେ ଅନେକ ଶାରୀରିକ ସମସ୍ୟା ଦେଖାଦେଇଥାଏ। ଗବେଷଣା ଅନୁସାରେ ଡେଙ୍ଗା ମହିଳାଙ୍କ କ୍ଷେତ୍ରରେ କ୍ୟାନ୍‌ସର ହେବାର ଆଶଙ୍କା ଅଧିକ ରହିଥାଏ। ସେହିପରି କମ୍ ଉଚ୍ଚତା ମହିଳାଙ୍କ କ୍ଷେତ୍ରରେ ପ୍ରି-ମାଚ୍ୟୁଓର ଡେଲିଭରି, ବ୍ଲଡପ୍ରେସର, ମୋଟା ଆଦି ହେବାର ଆଶଙ୍କା ଅଧିକ ରହିଥାଏ। କମ୍ ଉଚ୍ଚତାର ପୁରୁଷଙ୍କ କ୍ଷେତ୍ରରେ ଚନ୍ଦା ହେବାର ସମ୍ଭାବନା ଅଧିକ ରହିଥାଏ ଏବଂ ଡେଙ୍ଗା ବ୍ୟକ୍ତିଙ୍କର ରକ୍ତ ଜମିବା ସମସ୍ୟା ଉପୁଜିବା ଆଶଙ୍କା ବେଶୀ। ୨୦ ହଜାରରୁ ଅଧିକ ପୁରୁଷଙ୍କୁ ନେଇ ହୋଇଥିବା ଗବେଷଣା ପରେ ବୈଜ୍ଞାନିକମାନେ ଏହି ମତ ଦେଇଛନ୍ତି। ଶରୀରର ଉଚ୍ଚତାକୁ ନେଇ ଗବେଷଣା କରିବା ପରେ ଜଣାପଡ଼ିଛି ଯେ, ୫ ଫୁଟ ୯ ଇଞ୍ଚରୁ ଅଧିକ ଉଚ୍ଚତାର ମହିଳାଙ୍କ କ୍ଷେତ୍ରରେ କ୍ୟାନ୍‌ସର ହେବାର ସମ୍ଭାବନା ୩୩% ଅଧିକ। କାରଣ ଡେଙ୍ଗା ହେବା ଫଳରେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ହର୍‌ମୋନ ବୃଦ୍ଧି ହୋଇଥାଏ, ଯାହା ଟ୍ୟୁମରର ଆଶଙ୍କା ବଢ଼ାଇଥାଏ। ୫ ଫୁଟ ୩ ଇଞ୍ଚରୁ କମ୍ ଉଚ୍ଚତାର ମହିଳାଙ୍କ କ୍ଷେତ୍ରରେ ହୃଦ୍‌ରୋଗ ହେବାର ସମ୍ଭାବନା ୫୦% ଅଧିକ ରହିଥାଏ। ୨୦ ବର୍ଷ ଧରି ୨୦୦୦ରୁ ଅଧିକ ପ୍ରକାରର ଗବେଷଣାରୁ ହୃତ୍‌ପିଣ୍ଡ ସମ୍ପର୍କିତ ଏହି ତଥ୍ୟ ଜଣାପଡ଼ିଛି। ବୈଜ୍ଞାନିକଙ୍କ କହିବା ଅନୁସାରେ, ଡେଙ୍ଗୀ ମହିଳାଙ୍କ କ୍ଷେତ୍ରରେ ଗର୍ଭାଶୟ ବଡ଼ ଥିବାରୁ ପ୍ରି-ମାଚ୍ୟୁଓର ଡେଲିଭରି ହେବାର ଆଶଙ୍କା କମ୍ ରହିଥାଏ। କିନ୍ତୁ ଉଚ୍ଚତା କମ୍ ଥିବା ମହିଳାଙ୍କର ଗର୍ଭାଶୟ ଛୋଟ ଥିବାରୁ ପ୍ରସବ ସମସ୍ୟା ଦେଖାଯାଇଥାଏ। ତେଣୁ ଶାରୀରିକ ଗଠନ ଅନୁସାରେ ତଥା ଉଚ୍ଚତା କମ୍ ବେଶୀ କାରଣରୁ ଏଭଳି ସମସ୍ୟା ଉପୁଜିଥାଏ ବୋଲି ଗବେଷଣାରୁ ଜଣାପଡ଼ିଛି।

# ୨ରେ ବିଗ୍‌ବସ୍-୧୫ର ଗ୍ରାଣ୍ଡ ପ୍ରିମିୟର



**ମୁମ୍ବାଇ:** ରିୟାଲିଟି ଶୋ' ବିଗ୍‌ବସ୍ ଓଟିଟି ସିଜନ ଶନିବାର ଶେଷ ହୋଇଥିବା ବେଳେ ବିଗ୍‌ବସ୍-୧୫ର ଗ୍ରାଣ୍ଡପ୍ରିମିୟର ପାଇଁ ତାରିଖ ଘୋଷଣା କରିଛନ୍ତି ହୋଷ୍ଟ ସଲମାନ ଖାନ୍। ଏଥର ବିଗ୍‌ବସ୍-୧୫ରେ କିଛି ନୂଆ ଟୁଇଷ୍ଟ ଦେଖିବାକୁ ମିଳିବ। ପ୍ରତିଯୋଗୀମାନଙ୍କୁ ବିନା ସୁବିଧାରେ ରହିବାକୁ ହେବ। ଯାହା କି ପ୍ରତିଯୋଗୀଙ୍କ ପାଇଁ ବହୁତ ଚ୍ୟାଲେଞ୍ଜିଂ ହେବ। ବିଗ୍‌ବସ୍-୧୫ର ପ୍ରିମିୟର ଗାନ୍ଧୀଜୟନ୍ତୀ ଅର୍ଥାତ ଅକ୍ଟୋବର ୨ରେ ହେବ। କଲର୍ସ ଚ୍ୟାନେଲ ପ୍ରୋମୋ ଶେୟାର କରି ଏହା କହିଛି। ସୋମବାରରୁ ଶୁକ୍ରବାର ରାତି ସାଢ଼େ ୧୦ରେ ଏବଂ ଶନିବାର, ରବିବାର ରାତି ୯ଟାରେ ଏହା ଅନ ଏୟାର ହେବ। ଏହି ଶୋ'ର ହୋଷ୍ଟ କରିବେ ଦବଙ୍ଗ ଖାନ ସଲମାନ। ବିଗ୍‌ବସ୍-୧୫କୁ ନେଇ ପ୍ରତିଯୋଗୀମାନେ ଖୁବ ଉତ୍ସାହିତ ଅଛନ୍ତି। ଏହି ଶୋ' ପାଇଁ ଏବେଠୁ ପ୍ରସ୍ତୁତ ହୁଅ ବୋଲି ସଲମାନ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ପ୍ରଥମ ଥର ପାଇଁ ବିଗ୍‌ବସ୍ ଓଟିଟି ପ୍ଲାଟଫର୍ମରେ ପ୍ରସାରିତ ହୋଇଥିବା ବେଳେ ସଲମାନଙ୍କ ବଦଳରେ ଫିଲ୍ମ ନିର୍ମାତା କରଣ ଜୋହର ଏହାର ଉପସ୍ଥାପନା କରିଥିଲେ। ଶନିବାର 'ଭୁଟ୍'ରେ ଏହାର ଗ୍ରାଣ୍ଡ ଫିନାଲେ ପ୍ରସାରିତ ହୋଇଥିଲା। ଟେଲିଭିଜନ ଅଭିନେତ୍ରୀ ଦିବ୍ୟା ଅଗ୍ରୱାଲ ଏହି ରିୟଲିଟି ଶୋ'ର ବିଜେତା ହୋଇଛନ୍ତି। ନିଶାନ୍ତ ଭଟ୍ଟ ଏବଂ ସମିତା ସେଟ୍ଟୀ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି।


**ଜନ୍ମଦିନ ଶୁଭେଚ୍ଛା**



ପ୍ରାଂଶୁ ଦାଶ (ସାଇ, ସୋନୁ)
ମିଶ୍ରପଡ଼ା, ଅନୁଗୁଳ
ଆଜିର ଏହି ଶୁଭ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା, ତୋର ଭବିଷ୍ୟତ ଜୀବନ ସୁଖମୟ ହେଉ ଓ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ:- ଜେପା, ଜେମାଆ, ଆଇ, ବାପା, ମାମା, ସାନଭାଇ, ପ୍ରନୀଳ, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୬୮୪

**୨୨ତମ ଜନ୍ମଦିନ ଶୁଭେଚ୍ଛା**



ସୋମ୍ୟକାନ୍ତ ସାହାଣୀ
ଗ୍ରାମ: ସାନମଙ୍ଗ, ଭାୟା: ବାଟିପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବନ୍ଧୁ ଓ ପରିବାରବର୍ଗ।
ଧ-୨୧୬୮୫


# ୨୧ ଦିନ ପାଣି ପିଇ ରହିବେ ନର୍ଗିସ



**ମୁମ୍ବାଇ:** ଅଭିନେତ୍ରୀ ନର୍ଗିସ ନିଜ ଫିଟନେସକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାନ୍ତି। ପୁଣି ଠିକ ସେମିତି ଏକ ଖବର ସାମ୍ନାକୁ ଆସିଛି, ଯାହା ସମସ୍ତଙ୍କୁ ଚକିତ କରିଦେଇଛି। ୨୧ ଦିନ କିଛି ନ ଖାଇ କେବଳ ପାଣି ପିଇ ରହିବେ ନର୍ଗିସ। ଏ ନେଇ ନର୍ଗିସ ନିଜେ ତାଙ୍କ ଇନଷ୍ଟାଗ୍ରାମରେ ପୋଷ୍ଟ କରି ସୂଚନା ଦେଇଛନ୍ତି। କିନ୍ତୁ ସେ ଏପରି କରିବାର କାରଣ କିଛି ସ୍ପଷ୍ଟ କରିନାହାନ୍ତି। ତାଙ୍କର ଫିଟନେସକୁ ନେଇ ଏପରି କରୁଥିବା କୁହାଯାଉଛି। ନର୍ଗିସ ଏବେ ଜର୍ମାନରେ ଅଛନ୍ତି। ସେଠାରୁ ସେ କିଛି ଭିଡିଓ ଶେୟାର କରିଛନ୍ତି। ପ୍ରଥମ ଭିଡିଓରେ ସେ ତାଙ୍କର ୨୧ ଦିନ ବ୍ରତ ବିଷୟରେ କହିଥିବା ବେଳେ ଦ୍ୱିତୀୟ ଭିଡିଓରେ ଏହାର ଉପକାର ବିଷୟରେ କହିଛନ୍ତି। ଉପବାସ ଦ୍ୱାରା ଶରୀରକୁ ଲାଭ ମିଳିବା ସହ ଶରୀର ସେଲୁଲାର୍ ସ୍ତରରେ ପୁନର୍ବାର ପ୍ରସ୍ତୁତ ହୁଏ ବୋଲି ସେ କହିଛନ୍ତି। ଏହି ପୋଷ୍ଟ କରିବା ପୂର୍ବରୁ ସେ ତାଙ୍କ ରାତ୍ରି ଭୋଜନର ଏକ ଶେଷ ଫଟୋ ମଧ୍ୟ ଶେୟାର କରିଛନ୍ତି। ଏଥିରେ ନର୍ଗିସ୍ ଲେଖିଛନ୍ତି ଏହା ହେଉଛି ତାଙ୍କ ଶେଷ ଡିନର। ପରେ ତାଙ୍କୁ ଆଉ କିଛି ଖାଇବାକୁ ମିଳିବ ନାହିଁ। ୱାଟର ଫାଷ୍ଟିଂ ଦ୍ୱାରା ଓଜନ ହ୍ରାସ ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିଯିବା, ରକ୍ତଚାପ ସନ୍ତୁଳିତ ରହିବା ଆଦି ଲାଭ ମିଳିଥାଏ।

# ଗୋଟିଏ ଡାଳରେ ୮୩୯ ଟମାଟୋ

## ଡଗ୍ଲସ୍ ସ୍ମିଥଙ୍କ ବିଶ୍ୱ ରେକର୍ଡ



**ଲଣ୍ଡନ:** ବ୍ରିଟେନର ଜଣେ ବ୍ୟକ୍ତି ଗୋଟିଏ ଡାଳରେ ୮୩୯ ଟମାଟୋର ଫଳାଇ ବିଶ୍ୱ ରେକର୍ଡ କରିଛନ୍ତି। ଇଂଲଣ୍ଡର ଷ୍ଟେନଷ୍ଟେଡରେ ରହୁଥିବା ୪୩ ବର୍ଷୀୟ ଡଗ୍ଲସ ସ୍ମିଥ କହିଛନ୍ତି, ମାର୍ଚ୍ଚରେ ସେ ମଞ୍ଜି ଲଗାଇଥିଲେ। ଏହି ମାସରେ ସେ ଗୋଟିଏ ଡାଳରୁ ୮୩୯ ବିଲାତି ତୋଳିଛନ୍ତି। ସ୍ମିଥ ଏପରି ଟମାଟୋ ଉତ୍ପାଦନ କରି ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ତାଙ୍କ ପୂର୍ବରୁ ୨୦୧୦ରେ ଗ୍ରାହମ ଟେଣ୍ଟର ନାମକ ଜଣେ ବ୍ୟକ୍ତି ଗୋଟିଏ ଡାଳରୁ ୪୪୮ ବିଲାତି ଫଳାଇଥିଲେ। ଏହା ପରେ ତାଙ୍କ ନାମ ଗିନିଜ ବୁକ ଅଫ ୱାଲର୍ଡରେ ସ୍ଥାନ ପାଇଥିଲା। ଏବେ ସ୍ମିଥ ସେହି ରେକର୍ଡକୁ ଭାଙ୍ଗିଛନ୍ତି। ସ୍ମିଥ ଜଣେ ଆଇଟି ଇଞ୍ଜିନିୟର। ସେ ନିଜ ପାଇଁ ଏହି ଚ୍ୟାଲେଞ୍ଜ ନେଇଥିଲେ। ଏଥିପାଇଁ ସେ ମାଟି ନମୁନା ନେଇ ଏହାକୁ ବିଶ୍ଳେଷଣ କରିଥିଲେ। ସେ ସିଧାସଳଖ ମଞ୍ଜିରୁ ଟମାଟୋ ଚାରା ପ୍ରସ୍ତୁତ କରିଥିଲେ। ଗୋଟିଏ ଡାଳରୁ ଏକାଥରକେ ବହୁତ ଟମାଟୋ ଫଳିପାରିବା ଲକ୍ଷ୍ୟରେ ସେ ବହୁ ପରିଶ୍ରମ କରିଛନ୍ତି। ବିଲାତି ତୋଳିବା ସମୟରେ ସେ ପୋଲିସକୁ ଡାକିଥିଲେ। ସେ ତାଙ୍କ ଫାର୍ମରେ ଥିବା ଟମାଟୋ ଗଛର ଏକ ଡାଳରୁ ମୋଟ ୮୩୯ ଟମାଟୋ ତୋଳିଥିଲେ। ଏ ନେଇ ସ୍ମିଥ କହିଛନ୍ତି, ଟମାଟୋ ଲଗାଇବା ଏବଂ ତୋଳିବା ସମୟରେ ସେ ଗିନିଜ୍‌ର ସମସ୍ତ ନିୟମ ପାଳନ କରିବା ପାଇଁ ସାବଧାନ ଥିଲେ। ଯେମିତି କି ନିଜ ନାମ ବିଶ୍ୱସ୍ତରରେ ଲୋକେ ଜାଣନ୍ତୁ।


**CLASSIFIED DISPLAY**

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 9432985505
Whatsapp : 9953557897

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mob. 9999268493
Whatsapp: 8902923601

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାରତକୁ ରୌପ୍ୟ ପଦକ

ଭୁବନେଶ୍ୱର, ୧୯।୯(କ୍ରୀଡ଼ା ପ୍ରତିନିଧି)

ଉଜବେକିସ୍ତାନର ତାସକେଣ୍ଟରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ୭ଏସ୍ ଟୁର୍ନାମେଣ୍ଟରେ ଭାରତ ରୌପ୍ୟ ପଦକ ହାସଲ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୧୭-୨୧ ପଏଣ୍ଟରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ନିକଟରୁ ହାରି ଯାଇଛି। ପ୍ରକାଶ ଯୋଗ୍ୟ ଯେ, ଭାରତୀୟ ଦଳରେ ଓଡ଼ିଶାର ୩ ଜଣ ଖେଳାଳି ସ୍ଥାନ ପାଇଥିଲେ। ସେମାନେ ହେଲେ

## ୧୮ ବର୍ଷରୁ କମ୍ ବାଳିକା ରଗ୍‌ବୀ ୭ଏସ୍

କେନ୍ଦୁଝରର ତରୁଲତା ନାଏକ, ମାମା ନାଏକ ଓ ବରଗଡ଼ର ନିର୍ମାଲ୍ୟ ରାଉତ।

ଉଜବେକିସ୍ତାନ ରଗ୍‌ବୀ ଫେଡେରେଶନ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଭାରତ ସମେତ ଉଜବେକିସ୍ତାନ, କାଜାଖସ୍ତାନ, କିର୍ଗିଜସ୍ତାନ ଓ ୟୁନାଇଟେଡ ଆରବ ଏମିରେଟ୍ସ ଭାଗନେଇଥିଲେ। ଫାଇନାଲ ଆରମ୍ଭରୁ ୟୁଏଇ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଏକଦା ଦଳ ୧୪-୦ ପଏଣ୍ଟରେ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ନନ୍ଦିନୀ ଏବଂ ଓଡ଼ିଶାର ତରୁଲତାଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଦଳ ପଏଣ୍ଟ ବ୍ୟବଧାନ ହ୍ରାସ କରିବାରେ ସକ୍ଷମ ହୋଇଥିଲା। ମାତ୍ର ୟୁଏଇ ଆରମ୍ଭରୁ ଯେଉଁ ଫାଇଦା ନେଇଥିଲା ତାହା ଶେଷରେ ଦଳକୁ ଟାଇଟଲ ବିଜୟୀ କରାଇବାରେ ସହାୟକ ହେଲା। ୨ ଦିନିଆ ଖେଳରେ ଆରତି କୁମାରୀ ପ୍ରଭାବୀ ପ୍ରଦର୍ଶନ କରି ଭାରତ ପକ୍ଷରୁ ସର୍ବାଧିକ ୭ ଟ୍ରାଏ (ଗୋଟିଏ ଟ୍ରାଏ ୫ ପଏଣ୍ଟ) କରିଥିଲେ। ଯାହାକି ଟୁର୍ନାମେଣ୍ଟରେ ସର୍ବାଧିକ ଥିଲା। ପୂର୍ବରୁ ରାଉଣ୍ଡ ରବିନ୍ ପର୍ଯ୍ୟାୟରେ ଭାରତ ୧୦-୧୨ରେ କାଜାଖସ୍ତାନଠାରୁ ହାରିଥିଲେ ହେଁ କିର୍ଗିଜସ୍ତାନକୁ ୬୩-୦ ବ୍ୟବଧାନରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଏହାପରେ ଦଳ ଉଜବେକିସ୍ତାନକୁ ୨୦-୫ରେ ହରାଇ ଦେଇଥିଲା। ଶେଷ ଲିଗ୍‌ରେ ଦଳ ୟୁଏଇଠାରୁ ୧୨-୨୯ରେ ପରାସ୍ତ ହୋଇଥିଲା। ଓଭରଅଲ୍ ତୃତୀୟ ସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିରେ ଦଳ କାଜାଖସ୍ତାନକୁ ୨୪-୭ ପଏଣ୍ଟରେ ହରାଇ ଫାଇନାଲରେ ପହଞ୍ଚିଥିଲା।

ସୋସାଇଟି ଜେନେରାଲ (ଫାଇନାନ୍‌ସିଆଲ ପାର୍ଟନର୍ସ ଆଣ୍ଡ ଅଫିସିଆଲ ବ୍ୟାଙ୍କ୍), ଓଡ଼ିଶା ସରକାର ଓ କିଟ୍ (ହାଇ ପରଫରମାନ୍ସ ପାର୍ଟନର୍ସ), ବିଏଲ୍‌କେ (ମ୍ୟାଚ୍ କିଟ୍ ପାର୍ଟନର୍ସ), ଫାଷ୍ଟ ଆଣ୍ଡ ଅପ୍ (ନ୍ୟୁଟ୍ରିଶନ ପାର୍ଟନର), ବ୍ଲେଡ୍ ଇଣ୍ଡିଆ ଏବଂ ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପରଫରମାନ୍ସ (ଏଟିବିଟି) ଆସୋସିଏଟ୍ ପାର୍ଟନର ଭାବେ ଭାରତୀୟ ଜାତୀୟ ୧୮ ବର୍ଷରୁ କମ୍ ବାଳିକା ରଗ୍‌ବୀ ଦଳକୁ ସହଯୋଗ କରିଥିଲେ। ଅଭିନେତା, ନିର୍ଦ୍ଦେଶକ ତଥା ରଗ୍‌ବୀ ଇଣ୍ଡିଆ ସଦସ୍ୟ ରାହୁଲ ବୋଷ କହିଛନ୍ତି ଯେ ‘‘ଭାରତୀୟ ରଗ୍‌ବୀ ପାଇଁ ବହୁତ ଖୁସିର ମୁହୂର୍ତ୍ତ। ଉଭୟ ୟୁଏଇ ଓ ଭାରତ ଫାଇନାଲରେ ୩ଟି ଲେଖାଏ ଟ୍ରାଏ କରିଥିଲେ। ପରାଜୟ ପାଇଁ ଦୁଃଖ ନାହିଁ, କାରଣ ଭାରତୀୟ ଦଳ ଟୁର୍ନାମେଣ୍ଟରେ ଚମତ୍କାର ଖେଳିଥିଲା। ସମସ୍ତେ ୧୫ ବର୍ଷର ହୋଇଥିବାବେଳେ କରୋନା ମହାମାରୀଜନିତ ଅଭ୍ୟାସର ଅଭାବ ମଧ୍ୟ ରହିଥିଲା। ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଖେଳିବା ପୂର୍ବରୁ ସେମାନେ କୌଣସି ଜାତୀୟ ପ୍ରତିଯୋଗିତାରେ ଭାଗନେଇପାରି ନ ଥିଲେ। ଏହା ସତ୍ତ୍ୱେ ସେମାନେ ଦେଶକୁ ଗର୍ବିତ କରିଛନ୍ତି। ସେଥିପାଇଁ କୋଚ୍, ସପୋର୍ଟ ଷ୍ଟାଫ୍, ପ୍ରାୟୋଜକ ଏବଂ ସହଯୋଗୀ ସଦସ୍ୟଙ୍କୁ ଧନ୍ୟବାଦ’’। ରଗ୍‌ବୀ ଇଣ୍ଡିଆ ସଭାପତି ବିକ୍ରମ ଆହୁଜା ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଖେଳାଳିମାନେ ଉତ୍ସାହ, ଦକ୍ଷତା ଏବଂ ମାନସିକ ଦୃଢ଼ତା ଦେଖାଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ରଗ୍‌ବୀ ଲିଜେଣ୍ଡ ତଥା ୪ ଥର ୱାର୍ଲ୍ଡ ରଗ୍‌ବୀ ପ୍ଲେୟର ଅଫ୍ ଦି ଇୟର ହୋଇଥିବା ହେଣ୍ଡ୍ରିକ ‘ନାସ’ ବୋଥାଙ୍କଠାରୁ କୋଚିଂ ନେଇଥିଲେ। ରଗ୍‌ବୀ ସେଭେନ୍ସ ସ୍ପେଶାଲିଷ୍ଟ ଲୁଡ୍‌ୱିଚ୍ ଭାନ୍ ଡେଭେଣ୍ଟର, ଭାରତୀୟ ମହିଳା ରଗ୍‌ବୀ ଦଳ ଅଧିନାୟିକା ଭାବିକ୍ ଭରୁଚା ମେଣ୍ଟର ଏବଂ ଅଫିସିଆଲ ଫିଜିଓଭାବେ ଦଳସହ ରହିଥିଲେ।



ରୌପ୍ୟ ପଦକ ବିଜୟୀ ଭାରତୀୟ ରଗ୍‌ବୀ ଦଳ।

# ଅନାଡକଟ୍ ଚାମ୍ପିୟନ୍

ଭୁବନେଶ୍ୱର, ୧୯।୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଅନୁମୋଦନକ୍ରମେ ପୁରୀ ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୨୬ତମ ମାଖନଲାଲ ହାଲଦାର ମେମୋରିଆଲ ସର୍ବଭାରତୀୟ ଅନ୍‌ଲାଇନ୍ ଓପନ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦.୫ ପଏଣ୍ଟ ପାଇ ଗୁଜରାଟର ଅନାଡକଟ କର୍ତ୍ତବ୍ୟ ଚାମ୍ପିୟନ ହୋଇଛନ୍ତି। ୯.୫ ପଏଣ୍ଟ ଲେଖାଏ ପାଇଥିବା ପଶ୍ଚିମବଙ୍ଗର ଅନ୍ତର୍ଜାତୀୟ ମାଷ୍ଟର ଅର୍ଘ୍ୟଦୀପ ଦାସ ଓ ତାମିଲନାଡୁର ଗ୍ରାଣ୍ଡମାଷ୍ଟର ଆର.ଆର. ଲକ୍ଷ୍ମଣ

## ମାଖନଲାଲ ମେମୋରିଆଲ ସର୍ବଭାରତୀୟ ଚେସ୍

ଯଥାକ୍ରମେ ରନର୍ସଅପ୍ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତାମିଲନାଡୁର ଅଭିଷେକ ଜେ.ଆର., କଟକର ରବୀନ୍ଦ୍ର କୁମାର ଓଝା, ହର୍ଷିତ ରଞ୍ଜନ ସାହୁ (ସମସ୍ତେ ୯ ପଏଣ୍ଟ), ଭୁବନେଶ୍ୱରର ସଞ୍ଜୀବନ ନାୟକ, ଓମ୍ ଆଦିତ୍ୟ ଖାଡ଼ଙ୍ଗା, ପ୍ରଣବ କେ.ପି. ଓ ତାମିଲନାଡୁର ଆଜେଶ ଜେ.ଆର. (ସମସ୍ତେ ୮.୫ ପଏଣ୍ଟ) ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ନାଭିକା ଜୟସ୍ୱାଲ, ନିତ୍ୟ ଭାରତୀ, ସାଇ ଶ୍ରୀହନ, ଶ୍ରୀହନ ସାବତ, ଶ୍ରୀୟାଂଶ ଦାସ, ଆଦିତ୍ୟ ବିକ୍ରମ ମିଶ୍ର, ଆରିନ ଅନ୍ୱେଷ ସ୍ୱାଇଁ, ଶଙ୍ଖଦୀପ ମାଇତି, ଦିବ୍ୟସିଂହ ରାୟ, ଅମିତାଂଶୁ ପ୍ରିୟଦର୍ଶନ, ଜଗଦୀଶ ବାରିକ, ବୈଶାଖ ମିଶ୍ର ସ୍ୱତନ୍ତ୍ର ପୁରସ୍କାର ପାଇଛନ୍ତି। ଲକ୍ଷ୍ମୀର ରୁବି ପଟ୍ଟନାୟକ ଶ୍ରେଷ୍ଠ ମହିଳା ଏବଂ କଟକର ନାରାୟଣ ସ୍ୱାଇଁ ଶ୍ରେଷ୍ଠ ଭେଟେରାନ ଖେଳାଳି ପୁରସ୍କାର ପାଇଛନ୍ତି। ଆୟୋଜକ ଆସୋସିଏଶନ ସଭାପତି କୁମାର ହାଲଦାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଗୁଗୁଲ ମିଟ୍‌ରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉପସଭାପତି ବିମଳ ପ୍ରସାଦ ମହାନ୍ତି, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ସମ୍ପାଦକ ସ୍ମୃତିରଞ୍ଜନ ଦାସ, ପୁରୀ ଜିଲା ଆସୋସିଏଶନ କୋଷାଧ୍ୟକ୍ଷ ଶ୍ୟାମଳ କୁଣ୍ଡୁ, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ସହଯୋଗୀ ଆର୍ବିଟର ଦୀପକ କୁମାର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।



ଅନାଡକଟ୍ କର୍ତ୍ତବ୍ୟ

# ରାଜ୍ୟ କ୍ରୀଡ଼ାମନ୍ତ୍ରୀଙ୍କ ସହ ଠାକୁର ଆଲୋଚନା କରିବେ

ନୂଆଦିଲ୍ଲୀ,୧୯।୯ (ପି.ଟି.)

ଦେଶରେ କ୍ରୀଡ଼ାର ଭବିଷ୍ୟତ ଓ ଗୁରୁତ୍ୱ ନେଇ କେନ୍ଦ୍ର ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଭିବଷ୍ୟତର ରୋଡ ମ୍ୟାପ୍ ପ୍ରସ୍ତୁତ କରିବାକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ନୂଆ ପଦକ୍ଷେପ ନେବାକୁ ଯାଉଛନ୍ତି। ସେ ଏ ନେଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କ୍ରୀଡ଼ମନ୍ତ୍ରୀମାନଙ୍କ ସହ ଆଲୋଚନା

## ଭବିଷ୍ୟତର ରୋଡ ମ୍ୟାପ୍

କରିବେ। ଟୋକିଓ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିବା ପରେ ଠାକୁର ଭର୍ଚୁଆଲ ବୈଠକରେ କ୍ରୀଡ଼ାମନ୍ତ୍ରୀଙ୍କ ସହ ଆଲୋଚନ କରିବେ। ଏହି ଆଲୋଚନାରେ ସରକାରଙ୍କ ଫ୍ଲାଗଶିପ୍ ପ୍ରୋଗ୍ରାମ, ଖେଲୋ ଇଣ୍ଡିଆ ଓ ଫିଟ୍ ଇଣ୍ଡିଆ ସାମିଲ ରହିବ।

ସହର ଓ ଗ୍ରାମାଞ୍ଚଳରେ ଆଥଲେଟ ଓ ପାରା ଆଥଲେଟଙ୍କ ପାଇଁ ବିଭିନ୍ନ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିବାକୁ ଠାକୁର ରାଜ୍ୟଗୁଡ଼ିକୁ ପରାମର୍ଶ ଦେବେ। ତୃଣମୂଳସ୍ତରରେ ପ୍ରତିଭା ଚିହ୍ନଟ ଓ ବିକାଶ ପାଇଁ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେବାକୁ ସେ କ୍ରୀଡ଼ାମନ୍ତ୍ରୀମାନଙ୍କୁ କହିବେ। ଏହି ଆଲୋଚନାରେ ସ୍କୁଲ ଗେମ୍‌କୁ ପ୍ରାଧାନ୍ୟ ଦିଆଯିବ। ସ୍କୁଲ ଗେମ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ)କୁ ସମର୍ଥନ ଓ ସ୍କୁଲ ଗେମ୍ସର ପ୍ରମୋଶନ ନେଇ ସେ ଆଲୋଚନା କରିବେ। ଏଥିସହ ଆଥଲେଟମାନଙ୍କୁ ମୋଟା ଅଙ୍କରେ ପୁରସ୍କୃତ କରାଯିବାକୁ ବ୍ୟବସ୍ଥା କରାଯିବା ଉପରେ ଧ୍ୟାନ ଦିଆଯିବ। ଏଥିପାଇଁ ପାଣ୍ଠି ସୃଷ୍ଟି କରିବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରୟାସ କରିବେ। ଏପର୍ଯ୍ୟନ୍ତ ୨୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ୨୪ଟି ଖେଲୋ ଇଣ୍ଡିଆ ଷ୍ଟେଟ୍ ସେଣ୍ଟର୍ସ ଅଫ୍ ଏକ୍ସିଲେନ୍ସ (କେଆଇଏସ୍‌ସିଇ) ରହିଛି। ସେହିପରି ଦେଶର ବିଭିନ୍ନ ଜିଲାରେ ୩୬୦ଟି ଖେଲୋ ଇଣ୍ଡିଆ ସେଣ୍ଟର (କେଆଇସି) ଖୋଲା ଯାଇଛି। ଦେଶରେ କ୍ରୀଡ଼ା ସଂସ୍କୃତିକୁ ଦୃଢ଼ କରିବା ପାଇଁ କେଆଇଏସ୍‌ସିଇ ଓ କେଆଇସି ସ୍ଥାପନ କରିବା ନେଇ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ଗଠନମୂଳକ ପ୍ରସ୍ତାବ ଦେବାକୁ ମଧ୍ୟ କୁହାଯିବ ବୋଲି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।



ଅନୁରାଗ ଠାକୁର

# ମହାନ୍ ଫୁଟ୍‌ବଲର ଜିମି ଗ୍ରେଭ୍ସଙ୍କ ପରଲୋକ

**ଲଣ୍ଡନ, ୧୯।୯ (ଏପି):** ଇଂଲଣ୍ଡର ଅନ୍ୟତମ ମହାନ୍ ଗୋଲ ସ୍କୋରର ଜିମି ଗ୍ରେଭ୍ସଙ୍କ ପରଲୋକ ଘଟିଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଟୋଟେନହାମ୍, ଚେଲ୍‌ସି ଓ ଏସି ମିଲାନ ତରଫରୁ ମଧ୍ୟ ଖେଳିଥିଲେ। ସେ ୨୭୯ ମ୍ୟାଚ ଖେଳି ୨୬୬ ଗୋଲ ସ୍କୋର କରିଛନ୍ତି। ଗ୍ରିଭ୍ସ ହେଉଛନ୍ତି ଟୋଟେନହାମ୍ ଦଳର ସର୍ବକାଳୀନ ରେକର୍ଡ ଗୋଲ ସ୍କୋରର। ସେ ଜଣେ ଅଲରାଉଣ୍ଡ ଷ୍ଟ୍ରାଇକର ଥିଲେ। ସେ ବଲ୍‌କୁ ଆଗେଇ ନେବାରେ ଉଭୟ ପାଦ ଓ ମୁଣ୍ଡକୁ ସମାନ ଭାବେ ବ୍ୟବହାର କରିବା ପାରଦର୍ଶିତା ଲାଭ କରିଥିଲେ। ସେ ଇଂଲଣ୍ଡ ତରଫରୁ ମାତ୍ର ୫୭ ମ୍ୟାଚ ଖେଳି ୪୪ ଗୋଲ ସ୍କୋର କରିଥିଲେ। ସେ ପ୍ରଥମ ଖେଳାଳି ଭାବେ ଇଂଲଣ୍ଡର ଟପ୍ ଲିଗ୍‌ରେ କ୍ରମାଗତ ୩ ସିଜନ ଧରି ଅଗ୍ରଣୀ ଗୋଲ ସ୍କୋରର ରହିଥିଲେ। ଇଂଲଣ୍ଡ ତରଫରୁ ସେ ୬ଥର ହ୍ୟାଟ୍ରିକ୍ କରି ରେକର୍ଡ ପ୍ରତିଷ୍ଠା କରିଥିଲେ।

# ଭୁବନେଶ୍ୱର ଦଳଗତ ଚାମ୍ପିୟନ

**ଭୁବନେଶ୍ୱର, ୧୯।୯ (ସ୍ପୋର୍ଟ୍ସବ୍ୟୁରୋ):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ୩୩ତମ ରାଜ୍ୟ ସିନିୟର ତଥା ୨୧ ବର୍ଷରୁ କମ୍ ବାଳିକା ଓ ବାଳକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ୧୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭୁବନେଶ୍ୱର ଦଳଗତ ଚାମ୍ପିୟନ ଓ ଓଡ଼ିଶା ପୋଲିସ ରନର୍ସ ଅପ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ‘ମୋ କଲେଜ’ ଅଧ୍ୟକ୍ଷ ତଥା ସିନେତାରକା ଆକାଶ ଦାସ ନାୟକ ଓ ଲିପ୍‌ସା ହଂସ୍ (ଚେୟାରପର୍ସନ, ଲେଡିଜ୍ ସର୍କଲ) ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ହରିପ୍ରସାଦ ପଟ୍ଟନାୟକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଅଫିସିଆଲ ଭାବେ ତାଙ୍କୁ ସେନ୍‌ସେଇ ଖାରବେଳ ମଲିକ, ସେନସେଇ ଜୟଦେବ ପଟ୍ଟନାୟକ, ସେନସେଇ ଏସ୍.ଆର୍. ସାସ୍‌ମଲ, ସନତ ନାୟକ, କାଳିପ୍ରସାଦ ନନ୍ଦ, ସଞ୍ଜୟ ଦାସ, ରାଜୀବ ସିଂ, ଅରବିନ୍ଦ ପଟ୍ଟନାୟକ, ଅବିନାଶ ପୁନ୍ଦିର, , ଆଦିତ୍ୟ ମିଶ୍ର, ସନକ ଦେଓ, ଦୀପକ ସାମନ୍ତରା, ସନ୍ଦୀପ ମହାନ୍ତି, ସୁରେଶ ଜାଲି, ସୌମ୍ୟ ଦାସ, ଗୋପାଳ ଦୀପ, ଗୋପାଳ ସାହୁ, ମହେଶ ବରାଳ, ଦୁର୍ଗା ରଥ, ଏନ୍. ବି ପଟ୍ଟନାୟକ, ଦେବେନ୍ଦ୍ର ରଣା, ଉମାକାନ୍ତ ସମୀର ଦାଲ୍‌ବି, ହିମାଂଶୁ ଦାସ, ମିର୍ ଅହମ୍ମଦ ଅଲି, ସନ୍ଦୀପ ଦାସ ଓ ଦିଲୀପ ଜେନା ପ୍ରମୁଖ ସହାୟତା କରିଥିଲେ।



ରାଜ୍ୟ କରାଟେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଭାରତୀୟ ଟିଟି ଖେଳାଳିଙ୍କ ସଫଳତା

**ନୂଆଦିଲ୍ଲୀ, ୧୯।୯ (ପି.ଟି.):** ଭାରତୀୟ ଯୋଡ଼ି ସିଦ୍ଧେଶ ପାଣ୍ଡେ-ମୁଦିତ ଦାନି ଏବଂ ଫିଡେଲ ଆର. ସ୍ନେହିତ-ସୁଧାଂଶୁ ଗ୍ରୋଭର କାରାଜାଣ୍ଡାରେ ଚାଲିଥିବା ଆଇଟିଟିଏଫ୍ କାଜାଖସ୍ତାନ ଇଣ୍ଟରନ୍ୟାଶନାଲ ଓପନରେ ସେମାନଙ୍କ ପୁରୁଷ ଡବଲ୍ସ ସେମିଫାଇନାଲରେ ପରାଜିତ ହୋଇ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଉଭୟ ଯୋଡ଼ି ଟୁର୍ନାମେଣ୍ଟ ସାରା ଭଲ ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ମହାରାଷ୍ଟ୍ରର ମୁଦିତ ଓ ସିଦ୍ଧେଶ ୦-୩ରେ ସୌଦି

## ଆଇଟିଟିଏଫ୍ କାଜାଖସ୍ତାନ ଇଣ୍ଟରନ୍ୟାଶନାଲ ଓପନ

ଆରବର ଅଲି ଅଲ୍‌ଖାଦ୍ରାୱି ଓ ଅବ୍‌ଦୁଲାଜିଜ୍ ବୁ ସୁଲେବିଙ୍କଠାରୁ ପରାଜିତ ହୋଇଥିବାବେଳେ ସ୍ନେହିତ ଓ ସୁଧାଂଶୁ କାଜାଖସ୍ତାନର ଆଲାନ୍ କୁର୍ମାଙ୍ଗାଲିଏଭ୍ ଓ କ୍ରିଲ୍ ଜେରାସିମେଙ୍କୋଙ୍କଠାରୁ ୨-୩ରେ ପରାସ୍ତ ହୋଇଥିଲେ। ଅନ୍ୟପକ୍ଷରେ ସ୍ନେହିତ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ବେଲାରୁଷର ପାଭେଲ ପ୍ଲାଟୋନୋଭ୍‌ଙ୍କୁ ୪-୧ରେ ହରାଇ ଦେଇଛନ୍ତି। ଅନ୍ୟ ଏକ ସ୍ୱର୍ଣ୍ଣ ପଦକ ମ୍ୟାଚରେ ଭାରତୀୟ ମହିଳା ଡବଲ୍ସ ଯୋଡ଼ି କୌସାନି ନାଥ୍ ଓ ପ୍ରାପତି ସେନ୍ ମଧ୍ୟ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏହି ଯୋଡ଼ି ଉଜବେକିସ୍ତାନର କାମିଲା ଖାଲିକୋଭା ଓ ମେଖ୍ରିନିସୋ ନୋର୍‌କୁଲୋଭାଙ୍କୁ ୩-୧ରେ ପରାସ୍ତ କରିଛନ୍ତି। ଏହି ଯୋଡ଼ି ବର୍ତ୍ତମାନ ଟାଇଟଲ ମୁକାବିଲାରେ ରୁଷିଆର ଭାଲେରିଆ କୋଟ୍‌ସିଉର ଓ ଭାଲେରିଆ ସ୍କେର୍ବାଟିକ୍‌ଙ୍କୁ ଭେଟିବେ।

# ଚେନ୍ନାଇର ସମ୍ମାନ ରଖିଲେ ଋତୁରାଜ

ଦୁବାଇ, ୧୯।୯

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୧ର ଦ୍ୱିତୀୟ ପର୍ଯ୍ୟାୟ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ରବିବାର ଆରମ୍ଭ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଚେନ୍ନାଇ ସୁପରକିଙ୍ଗ୍ସ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାବେଳେ ଦ୍ରୁତ ୮୮ ରନର ଇନିଂସ ଖେଳି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଛନ୍ତି ଯୁବ ଓପନର ଋତୁରାଜ ଗାଏକ୍ୱାଡ। ଚେନ୍ନାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରିଛି।

## ବୁମ୍‌ରାଙ୍କ ୧୦୦ତମ ମ୍ୟାଚ

ଏଠାରେ କ୍ୟାରିୟରର ୧୦୦ତମ ଆଇପିଏଲ ମ୍ୟାଚ ଖେଳିଥିଲେ ମୁମ୍ବାଇର ଯଶପ୍ରୀତ୍ ବୁମ୍‌ରା। ଟ୍ରେଣ୍ଟ ବୋଲ୍ଟ ଏବଂ ଆଡାମ ମିଲ୍‌ନେ ଚେନ୍ନାଇର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସ୍କୋର ମାତ୍ର ୧ ଥିବାବେଳେ ଫାଫ୍ ଡୁପ୍ଲେସି ବୋଲ୍ଟଙ୍କ ବଲ୍‌ରେ ମିଲ୍‌ନେଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ମୋଇନ୍ ଅଲୀଙ୍କୁ ସୌରଭ ତିୱାରୀଙ୍କ ହାତରେ କ୍ୟାଚ କରାଇ ଚେନ୍ନାଇକୁ ଦ୍ୱିତୀୟ ଝଟ୍‌କା ଦେଇଥିଲେ ମିଲ୍‌ନେ। ଉଭୟ ଡୁପ୍ଲେସି ଓ ମୋଇନ ଖାତା ଖୋଲିପାରି ନ ଥିଲେ। ଅମ୍ବାତି ରାୟୁଡୁ ଖାତା ଖୋଲିବା ପୂର୍ବରୁ ରିଟାୟର୍ଡ ହର୍ଟ ହୋଇଥିଲେ। ମିଲ୍‌ନେଙ୍କ ବଲ୍ ରାୟୁଡୁଙ୍କ କହୁଣିରେ ବାଜିଥିଲା। ଫିଜିଓଙ୍କ ସହାୟତାରେ ରାୟୁଡୁ ପଡ଼ିଆ ଛାଡ଼ିଥିଲେ। ପରେ ସୁରେଶ ରାଇନା(୪ ରନ)ଙ୍କୁ ବୋଲ୍ଟ ଏବଂ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ (୩)ଙ୍କୁ ମିଲ୍‌ନେ ଆଉଟ କରି ଚେନ୍ନାଇକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ୨୪ ରନ ମଧ୍ୟରେ ଚେନ୍ନାଇ ୪ଟି ଉଇକେଟ ହରାଇଥିଲା। ଗୋଟିଏ ପଟରେ ଉଇକେଟ ପଡ଼ି ଚାଲିଥିଲେ ହେଁ ଅନ୍ୟ ପଟରେ ରନ ସଂଗ୍ରହ ଧାରା ଜାରି ରଖିଥିଲେ ଋତୁରାଜ। ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ ରବୀନ୍ଦ୍ର ଜାଡେଜା। ଗାଏକ୍ୱାଡ ଓ ଜାଡେଜା ୬ଷ୍ଠ ଉଇକେଟରେ ୬୪ ବଲ୍‌ରୁ ୮୧ ରନ ଯୋଗକରି ଦଳକୁ ଲଜ୍ଜାଜନକ ପରିସ୍ଥିତିରୁ ମୁକୁଳାଇଥିଲେ। ଜାଡେଜା ୩୩ ବଲ୍‌ରୁ ୨୬ ରନ କରି ବୁମ୍‌ରାଙ୍କ ବଲ୍‌ରେ ଆଉଟ ହେବାରୁ ଏହି ଯୋଡ଼ି ଭାଙ୍ଗିଥିଲା। ପରେ ଗାଏକ୍ୱାଡ ଓ ଡ୍ୱେନ ବ୍ରାଭୋ ୭ମ ଉଇକେଟରେ ୧୬ ବଲ୍‌ରୁ ଦ୍ରୁତ ୩୯ ରନ ଯୋଗ କରିବାରୁ ଚେନ୍ନାଇ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ମାତ୍ର ୮ଟି ବଲ୍ ଖେଳିଥିବା ବ୍ରାଭୋ ୩ ଛକା ସହାୟତାରେ ୨୩ ରନ କରି ବୁମ୍‌ରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଗାଏକ୍ୱାଡ କିନ୍ତୁ ଆଇପିଏଲରେ କ୍ୟାରିୟର ଶ୍ରେଷ୍ଠ ଇନିଂସ ଖେଳିଥିଲେ। ସେ ୫୮ ବଲ୍‌ରୁ ୯ ଚୌକା ଓ ୪ ଛକା ସହାୟତାରେ ୮୮ ରନରେ ଅପରାଜିତ ରହିଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ମଧ୍ୟ ଏହାଥିଲା କୌଣସି ଚେନ୍ନାଇ ବ୍ୟାଟ୍ସମ୍ୟାନଙ୍କର ସର୍ବାଧିକ ସ୍କୋର। ପୂର୍ବରୁ ୨୦୧୩ରେ ଦିଲ୍ଲୀଠାରେ ମାଇକେଲ ହସୀ ୮୬ ରନ କରି ରେକର୍ଡର ଅଧିକାରୀ ଥିଲେ। ଏଠାରେ ମୁମ୍ବାଇ ବୋଲରଙ୍କ ମଧ୍ୟରେ ବୋଲ୍ଟ, ମିଲ୍‌ନେ ଓ ବୁମ୍‌ରା ୨ଟି ଲେଖାଏ ଉଇକେଟ ନେଇଥିଲେ। ରୋହିତ୍ ଶର୍ମାଙ୍କ ଅନୁପସ୍ଥିତିରେ ମୁମ୍ବାଇ ଇଣ୍ଡିଆନ୍ସ ଦଳର ନେତୃତ୍ୱ ନେଇଥିଲେ କିରନ ପୋଲାର୍ଡ।



ଜାହିର ଖାଁଙ୍କଠାରୁ ନିଜ ୧୦୦ତମ ମ୍ୟାଚ୍‌ର ଜର୍ସି ଗ୍ରହଣ କରୁଛନ୍ତି ଯଶପ୍ରୀତ୍ ବୁମ୍‌ରା (ବାମ)।

## ଆଇପିଏଲ୍-୨୦୨୧ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ

### ସଂକ୍ଷିପ୍ତ ସ୍କୋର

ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୫୬/୬(ଋତୁରାଜ ଗାଏକ୍ୱାଡ-୮୮*, ରବୀନ୍ଦ୍ର ଜାଡେଜା-୨୬, ଡ୍ୱେନ ବ୍ରାଭୋ-୨୩, ଆଡାମ୍ ମିଲ୍‌ନେ-୨/୨୧, ଟ୍ରେଣ୍ଟ ବୋଲ୍ଟ-୨/୩୫, ଯଶପ୍ରୀତ୍ ବୁମ୍‌ରା-୨/୩୩)।

# ଚମକିବେ ଗିଲ୍, ରାଣା

ଆବୁଧାବି, ୧୯।୯ (ପି.ଟି.)

ଓପନିଂ ଯୋଡ଼ି ଶୁଭମନ ଗିଲ୍ ଓ ନୀତୀଶ ରାଣାଙ୍କ ଉପରେ ଗଭୀର ଆସ୍ଥା ପ୍ରକଟ କରିଛନ୍ତି କୋଲକାତା ନାଇଟ ରାଇଡର୍ସ (କେକେଆର୍) ଚିଫ୍ ମେଣ୍ଟର ଡେଭିଡ୍ ହସି। ସେ କହିଛନ୍ତି, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ରବିବାରଠାରୁ ଆରମ୍ଭ ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅବଶିଷ୍ଟାଂଶର ପ୍ରଥମ ଭାଗରେ ହୁଏତ ଭଲ ପ୍ରଦର୍ଶନ କରି ନ ପାରନ୍ତି। ହେଲେ ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟରେ ଉଭୟେ ଚମକପ୍ରଦ ବ୍ୟାଟିଂ କରିବେ। ଚଳିତବର୍ଷ ଆଇପିଏଲ୍‌ରେ କେକେଆର୍ ତରଫରୁ ୭ଟି ଗେମ୍ ଖେଳି ଗିଲ୍ ମାତ୍ର ୧୩୨ ରନ ସଂଗ୍ରହ କରିଥିବାବେଳେ ରାଣା ୨୦୧ ରନ କରିବାରେ ସମର୍ଥ ହୋଇଛନ୍ତି। ଭାରତରେ ବାୟୋ ବବଲ ଭିତରେ କୋଭିଡ୍ ଦେଖାଦେବା ପରେ ଏପ୍ରିଲରେ ଟୁର୍ନାମେଣ୍ଟ ଅଧାରୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ଗିଲ୍ ଓ ରାଣାଙ୍କୁ ହସୀ ପରବର୍ତ୍ତୀ ପିଢି ଭାରତୀୟ ଖେଳାଳି ଆଖ୍ୟା ପ୍ରଦାନ କରିଛନ୍ତି। ସେମାନେ ହେଉଛନ୍ତି ପ୍ରତିଭାସମ୍ପନ୍ନ ଖେଳାଳି। ଦଳ ପାଇଁ ସବୁବେଳେ ଶ୍ରେଷ୍ଠ ପ୍ରଦର୍ଶନ କରିବା ଲାଗି ଚେଷ୍ଟା କରିଥାନ୍ତି। ହସୀ ଅଧିନାୟକ ଇଅନ ମୋର୍ଗାନଙ୍କଠାରୁ ମଧ୍ୟ ଭଲ ପ୍ରଦର୍ଶନ ଆଶାକରନ୍ତି। କେକେଆର ବର୍ତ୍ତମାନ ପଏଣ୍ଟ ଟେବୁଲର ୭ମ ସ୍ଥାନରେ ରହିଥିଲେ ମଧ୍ୟ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିପାରିବେ ବୋଲି ସେ କହିଛନ୍ତି। ୨୦୧୪ ସଂସ୍କରଣରେ କେକେଆର କ୍ରମାଗତ ୯ଟି ମ୍ୟାଚରେ ବିଜୟ ଲାଭ କରି ଶେଷରେ ଟାଇଟଲ ବିଜୟୀ ହୋଇଥିଲା। କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ଏଥର ମଧ୍ୟ ତାହା କରିଦେଖାଇବାକୁ ବଦ୍ଧପରିକର।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୫୪୭ |
| ଚେନ୍ନାଇ ସୁପରକିଙ୍ଗ୍ସ | ୭ | ୫ | ୨ | ୧୦ | +୧.୨୬୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୫ | ୨ | ୧୦ | -୦.୧୭୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୪ | ୩ | ୮ | +୦.୦୬୨ |
| ରାଜସ୍ଥାନ ରୟାଲ୍ସ | ୭ | ୩ | ୪ | ୬ | -୦.୧୯୦ |
| ପଞ୍ଜାବ କିଙ୍ଗ୍ସ | ୮ | ୩ | ୫ | ୬ | -୦.୩୬୮ |
| ନାଇଟ ରାଇଡର୍ସ | ୭ | ୨ | ୫ | ୪ | -୦.୪୯୪ |
| ସନ୍‌ରାଇଜର୍ସ | ୭ | ୧ | ୬ | ୨ | -୦.୬୨୩ |

## ସୋମବାର ମ୍ୟାଚ

ନାଇଟ ରାଇଡର୍ସ **ବନାମ** ରୟାଲ ଚ୍ୟାଲେଞ୍ଜର୍ସ



ପ୍ରସାରଣ
ସ୍ଥାନ : ଆବୁଧାବି
ସମୟ : ସନ୍ଧ୍ୟା ୭.୩୦
ଷ୍ଟାର ସ୍ପୋର୍ଟ୍ସ

# କୋଲକାତା-ବାଙ୍ଗାଲୋର ମୁକାବିଲା ଆଜି

**ଆବୁଧାବି, ୧୯।୯**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)-୧୪ର ଦ୍ୱିତୀୟ ପର୍ଯ୍ୟାୟ ରବିବାରଠାରୁ ଆରମ୍ଭ ହୋଇଛି। ସୋମବାର ଲିଗ୍‌ର ୩୧ତମ ମୁକାବିଲାରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ଇଅନ ମୋର୍ଗାନଙ୍କ କୋଲକାତା ନାଇଟ ରାଇଡର୍ସ ପରସ୍ପରକୁ ଭେଟିବେ। ପୂର୍ବରୁ ଦୁଇଥର ଆଇପିଏଲ୍ ଟାଇଟଲ ହାସଲ କରିଥିବା କୋଲକାତା ବିଜୟରୁ ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ପ୍ରଥମ ପର୍ଯ୍ୟାୟରେ

**ଆଇପିଏଲ୍-୧୪**

କୋଲକାତା ସେତେଟା ଭଲ ପ୍ରଦର୍ଶନ କରିପାରି ନ ଥିଲା। ୭ଟି ମ୍ୟାଚ୍ ଖେଳି କୋଲକାତା ୨ ବିଜୟ ଓ ୫ ପରାଜୟ ସହ ୪ ପଏଣ୍ଟ ହାସଲ କରି ତାଲିକାର ସପ୍ତମ ସ୍ଥାନରେ ରହିଛି। ଅନ୍ୟପଟେ ବାଙ୍ଗାଲୋର ୭ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୨ ପରାଜୟ ସହ ୧୦ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ୨୦୧୨ ଓ ୨୦୧୪ ଚାମ୍ପିୟନ କୋଲକାତା ଆଶାନୁରୂପ ପ୍ରଦର୍ଶନ କରିପାରି ନାହିଁ।

୨୦୧୪ ସଂସ୍କରଣରେ କୋଲକାତା କ୍ରମାଗତ ୯ଟି ମ୍ୟାଚରେ ବିଜୟୀ ହୋଇଥିଲା ଓ ଟାଇଟଲ ହାସଲ କରିଥିଲା। କୋଲକାତା ମୁଖ୍ୟ ମେଣ୍ଟର ଡେଭିଡ୍ ହସି ଦଳର ପ୍ରତ୍ୟାବର୍ତ୍ତନ ନେଇ ଆଶାବାଦୀ ଅଛନ୍ତି। ପୂର୍ବରୁ ଆମେ ପ୍ରତ୍ୟାବର୍ତ୍ତନ କରି ଭଲ ଖେଳିଛୁ। ପୁଣି ଥରେ ଆମେ ବିଜୟଧାରାକୁ ଫେରିବୁ। ଆମ ଦଳରେ ପ୍ରତିଭାସମ୍ପନ୍ନ ଖେଳାଳିମାନେ ରହିଛନ୍ତି। ତେଣୁ ପ୍ରଥମ ପର୍ଯ୍ୟାୟର ବିଫଳତାକୁ ଆମେ ପଛରେ ପକାଇ ବିଜୟ ହାସଲ କରିବୁ ବୋଲି ହସି କହିଛନ୍ତି।

କୋହଲି ଟି୨୦ ବିଶ୍ୱକପ୍ ପରେ ନେତୃତ୍ୱ ଛାଡିବା ନେଇ ଘୋଷଣା କରିଛନ୍ତି। କୋହଲି ବ୍ୟାଟିଂରେ ପୂର୍ବ ସଫଳତା ଦୋହରାଇବାକୁ ପ୍ରୟାସ କରିବେ। ଏପର୍ଯ୍ୟନ୍ତ ବାଂଗାଲୋର ବିପକ୍ଷରେ କୋଲକାତା ୧୮ଟିରେ ବିଜୟୀ ହୋଇଥିବା ବେଳେ ୧୩ଟି ମୁକାବିଲାରେ ପରାସ୍ତ ହୋଇ ଆଗରେ ରହିଛି। ଚେନ୍ନାଇରେ ପ୍ରଥମ ପର୍ଯ୍ୟାୟରେ ବାଙ୍ଗାଲୋରଠାରୁ କୋଲକାତା ୩୮ ରନରେ ପରାସ୍ତ ହୋଇଥିଲା। ଏହା କୋଲକାତା ଖେଳାଳି ଏବେ ମଧ୍ୟ ଭୁଲି ନ ଥିବେ। ଏପର୍ଯ୍ୟନ୍ତ ସେତେଟା ଭଲ ପ୍ରଦର୍ଶନ କରି ନ ଥିବା ପଞ୍ଜାବ କିଙ୍ଗ୍ସ ଓ ସନ୍ ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ କୋଲକାତା ବିଜୟ ହାସଲ କରିଛି। ବ୍ୟାଟିଂ ସଫଳତା ପାଇଁ କୋଲକାତା ଶୁବମନ ଗିଲ ଓ ନୀତୀଶ ରାଣାଙ୍କ ଉପରେ ନିର୍ଭର କରିବ। ତେବେ ଏହି ଦୁଇ ଖେଳାଳି ଏପର୍ଯ୍ୟନ୍ତ ନିଜର ଦକ୍ଷତା ଅନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ଚଳିତ ଆଇପିଏଲ୍‌ରେ ୭ଟି ମ୍ୟାଚ୍ ଖେଳି ଶୁବମନ ୧୩୨ ଓ ରାଣା ୨୦୧ ରନ ସଂଗ୍ରହ କରିଛନ୍ତି। କୋଭିଡ୍-୧୯ର ଦ୍ୱିତୀୟ ଲହର କାରଣରୁ ଆଇପିଏଲ୍‌କୁ ଏପ୍ରିଲରେ ସ୍ଥଗିତ ରଖାଯାଇଥିଲା। ଆଇପିଏଲ୍ ବାୟୋ ବବଲରେ କେତେଜଣ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ସଂକ୍ରମିତ ହେବା କାରଣରୁ ଆଇପିଏଲ୍‌କୁ ସ୍ଥଗିତ ରଖାଯାଇଥିଲା। ଅଧିନାୟକ ମୋର୍ଗାନଙ୍କୁ ମଧ୍ୟ ବ୍ୟାଟିଂରେ ଦମ୍ ଦେଖାଇବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବାକୁ ହେବ। ପ୍ଲେ-ଅଫ୍‌ରେ ସ୍ଥାନ ହାସଲ କରିବାକୁ ହେଲେ ଦୀନେଶ କାର୍ତ୍ତିକ, ଆନ୍ଦ୍ରେ ରସେଲ, ରାହୁଲ ତ୍ରିପାଠୀଙ୍କୁ ଭଲ ପ୍ରଦର୍ଶନ କରିବାକୁ ହେବ। ପ୍ୟାଟ୍ କୁମିନ୍ସଙ୍କ ବଦଳରେ ଦଳରେ ସ୍ଥାନ ପାଇଥିବ ଅଭିଜ୍ଞ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଟିମ୍ ସୌଦିଙ୍କ ଉପରେ କୋଲକାତା ବୋଲିଂ ନିର୍ଭର କରିବ।

ଅପରପକ୍ଷରେ ସୁବିଧାଜନକ ସ୍ଥିତିରେ ଥିବା ବାଙ୍ଗାଲୋର ତରଫରୁ କୋହଲି ଚାପମୁକ୍ତ ହୋଇ ବଡ଼ ସ୍କୋର ହାସଲ କରିବେ ବୋଲି ଆଶା କରାଯାଉଛି। ଦଳ ତରଫରୁ ୭ଟି ମ୍ୟାଚ୍ ଖେଳି ଗ୍ଲେନ ମ୍ୟାକ୍ସୱେଲ ୨୨୩ ଓ ଅଭିଜ୍ଞ ଏବି ଡିଭିଲର୍ସ ୨୦୭ ରନ ସଂଗ୍ରହ କରି ଆଗରେ ରହିଛନ୍ତି। ବାଙ୍ଗାଲୋରର ବ୍ୟାଟିଂ ମଧ୍ୟ ଆଶାନୁରୂପ ହୋଇପାରି ନାହିଁ। କୋହଲି ଏପର୍ଯ୍ୟନ୍ତ ୧୯୮ ରନ ସଂଗ୍ରହ କରିଛନ୍ତି। ସେହିପରି ଦେବଦତ୍ତ ପଡିକାଲ ୧୯୫ ରନ ସ୍କୋର କରିଛନ୍ତି। ସମସ୍ତେ ଦ୍ୱିତୀୟ ପର୍ଯ୍ୟାୟରେ ସ୍ଥିର ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛନ୍ତି। ବୋଲିଂରେ ମହମ୍ମଦ ସିରାଜ, ନ୍ୟୁଜିଲାଣ୍ଡର କାଏଲ ଜେମିସନ ନେତୃତ୍ୱ ନେବେ। ଦଳରେ ଅବଶ୍ୟ ହର୍ଷାଲ ପଟେଲ, ନାବୀଦପ ସଇନି ଓ ୟୁଜବେନ୍ଦ୍ର ଚହଲଙ୍କ ଭଳି ଦକ୍ଷ ବୋଲର ରହିଛନ୍ତି। ବିଶ୍ୱକପ ଟି୨୦ ଦଳରେ ଏମାନେ ସ୍ଥାନ ପାଇ ନ ଥିବାରୁ ଏମାନେ ନିଜର ଦକ୍ଷତା ପୁଣି ଦେଖାଇବେ ବୋଲି ଆଶା କରାଯାଉଛି। ଦଳରେ ଶ୍ରୀଲଙ୍କାର ୱାନିଣ୍ଡୁ ହସରଙ୍ଗା ଓ ଦୁଷ୍ମନ୍ତ ଚାମିରାଙ୍କୁ ସୁଯୋଗ ମିଳିଛି। ଆଡାମ ଜାମ୍ପା ଓ କେନ ରିଚାର୍ଡସନଙ୍କ ବଦଳରେ ଏହି ଦୁଇ ଖେଳାଳି ସ୍ଥାନ ପାଇଛନ୍ତି। ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**କୋଲକାତା ନାଇଟ ରାଇଡର୍ସ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ଦୀନେଶ କାର୍ତ୍ତିକ, ଗୁରକିରାତ ସିଂ ମାନ, କରୁନ ନାୟାର, ନୀତୀଶ ରାଣା, ରାହୁଲ ତ୍ରିପାଠୀ, ଶୁବମନ ଗିଲ, ହରଭଜନ ସିଂ, କମଲେଶ ନାଗରକୋଟୀ, କୁଲଦୀପ ଯାଦବ, ଲୋକି ଫର୍ଗୁଶନ, ପବନ ନେଗୀ, ଏମ୍. ପ୍ରସିଦ୍ଧ କ୍ରିଷ୍ଣା, ସନ୍ଦୀପ ୱାରିୟର, ଶିବମ ଦୁବେ, ଟିମ୍ ସୌଦି, ବୈଭବ ଆରୋରା, ବରୁଣ ଚକ୍ରବର୍ତ୍ତୀ, ଆନ୍ଦ୍ରେ ରସେଲ, ବେନ୍ କଟିଂ, ଶକିବ ଅଲ୍ ହାସନ, ସୁନୀଲ ନାରିନ, ଭେଙ୍କଟେଶ ଆୟାର, ଶେଲଡନ ଜ୍ୟାକ୍‌ସନ ଓ ଟିମ୍ ସେଇଫର୍ଟ।

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳ:** ବିରାଟ କୋହଲି (ଅଧିନାୟକ), ନବଦୀପ ସଇନି, ଗ୍ଲେନ ମ୍ୟାକ୍ସୱେଲ, ଡାନିଏଲ ଖ୍ରୀଷ୍ଟିଆନ, ରଜତ ପଟିଦାର, ଦୁଷ୍ମନ୍ତ ଚାମିରା, ପବନ ଦେଶପାଣ୍ଡେ, ମହମ୍ମଦ ସିରାଜ, ହର୍ଷାଲ ପଟେଲ, ମହମ୍ମଦ ଆଜାରୁଦ୍ଦିନ, ସଚିନ ବେବି, ୱାନିଣ୍ଡୁ ହସରଙ୍ଗା, ଜର୍ଜ ଗାର୍ଟନ, ୟୁଜବେନ୍ଦ୍ର ଚହଲ, ଶାହାବାଜ ଅହମ୍ମଦ, ଦେବଦତ୍ତ ପଡିକାଲ, କାଏଲ ଜେମିଶନ, ସୁୟାଶ ପ୍ରଭୁଦେଶାଇ, କେ.ଏସ୍. ଭାରତ, ଟିମ୍ ଡେଭିଡ, ଆକାଶ ଦୀପ ଓ ଏବି ଡିଭିଲର୍ସ।



ନାଇଟ ରାଇଡର୍ସ ଅଧିନାୟକ ଇଅନ ମୋର୍ଗାନ ଓ ରୟାଲ ଚ୍ୟାଲେଞ୍ଜର୍ସ ଅଧିନାୟକ ବିରାଟ କୋହଲି



ରୋମ୍ ମାରାଥନ ଜିତିବାପରେ ପଦକ ଓ ଟ୍ରଫି ପ୍ରଦର୍ଶନ କରୁଛନ୍ତି କେନିୟାର କ୍ଲିମେଣ୍ଟ ଲାଙ୍ଗାଟ କିପରୋନୋ। ନିକଟରେ ଅଛନ୍ତି ରୋମ୍ ମେୟର ଭିର୍ଜିନିଆ ରାଗି।

# ଫାଇନାଲରେ ବିଜୟ ୱାରିୟାର ବିଜୟୀ

**ଏମ୍‌ଭି ୭୯,୧୯।୯(ଡି.ଏନ.ଏ.)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୮୮ ଗ୍ରାମରେ ଚାଲିଥିବା ଅନ୍ତରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ମ୍ୟାଚରେ ବିଜୟୱାରିୟାର ସହ ଏମଭି-୯୬ ପରସ୍ପରକୁ ଭେଟିଥିଲେ। ବିଜୟ ୱାରିୟାର ୨/୦ ଗୋଲରେ ବିଜୟୀ ହୋଇଥିଲା। କାଳୀମାତା ଯୁବଗୋଷ୍ଠୀ ପକ୍ଷରୁ ହୋଇଥିବା ଏହି ଟୁର୍ନାମେଣ୍ଟ ଏମଭି-୮୮ ଗ୍ରାମର ମିନି ଷ୍ଟାଡିୟମରେ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମାଲା ମାଢ଼ି, ସମ୍ମାନିତ ଅତିଥି ଭାବେ ଆଡ଼ମା ରାବା,ବିଶ୍ୱନାଥ ରେଡ଼ି, ଜୟା ଉଇକା, ନିତାଇ ଦେ, ବଲାଇ ନାଥ, ଲିଙ୍ଗା ଦାରା, ଆନନ୍ଦ ଢାଲି, କମଳ ମଣ୍ଡଳ, ଉତ୍ତମ ସାହା ପ୍ରମୁଖ ଉପସ୍ଥିତ ଥିଲେ। ବିଜୟୀ ଦଳକୁ ୨୫ହଜାର ଓ ରନର୍ସଅପ୍ ଦଳକୁ ୨୦ ହଜାର ଟଙ୍କା ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ଡାକ୍ତର ଟୁଡୁ ରେଫରି ଭାବରେ ଟୁର୍ନାମେଣ୍ଟ କରିଥିଲେ ।



ଅତିଥିମାନେ ବିଜୟୀ ଦଳକୁ ପୁରସ୍କୃତ କରୁଛନ୍ତି।

Relief from
ACIDITY
INDIGESTION
CONSTIPATION
ଗ୍ୟାସ୍, ଏସିଡିଟି, ବଦହଜମି, କୋଷ୍ଠକାଠିନ୍ୟ ଓ ଅଜୀର୍ଣ୍ଣ ଦୂର କରି ଆଶ୍ଚର୍ଯ୍ୟ ଭାବରେ ହଜମ ଶକ୍ତି ବଢ଼ାଏ ।


ଶିବାଷ୍ଟକ ଚୂର୍ଣ୍ଣ®
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
ଓଡ଼ିଶା ଆୟୁର୍ବେଦ ଭବନ, କଲେଜ ଛକ, କଟକ
Contact : 9437883226
Available on Odisha Drugs Distributer (ODD)

TVS Racing
TVS
UPGRADE TO TRUE RACE PERFORMANCE
TVS Apache RTR 160 4V and RTR 200 4V.

Low Rate of Interest @
7.99%*
Saving on Finance Up to @
₹10 800*
CASH BENEFIT ON 4V SERIES **
Apache
RTR SERIES
RACING DNA UNLEASHED
www.tvsmotor.com/tvs-apache | For further details please give a missed call to 18003157227. *T&C apply. **Applicable for RTR 4V Series only. Valid till 30th Sep '21.
TVS CREDIT | L&T Financial Services Two-wheeler Finance | HDFC BANK We understand your world | IDFC FIRST Bank ALWAYS YOU FIRST
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: RAYAGADA: Shanti TVS, Ph: 8260963439. JEYPORE: Hindustan TVS, Ph: 8260935284. Authorised Dealers: Nabarangpur, Ph: 9437182369, 9437490666; Umerkote, Ph: 7077712111/ 9556668853; Malkangiri, Ph: 9438433427/9437215287; Kotpad, Ph: 8018213272; 9938039248; Raighar, Ph: 9437094445/ 9777377773; Balimela, Ph: 9438814181; Govindpally, Ph: 9439182323; Borigumma, Ph: 9937314983, 9438813786; Kalimela, Ph: 8763471200/ 06850-272114; Similiguda: Ph: 9437025384; Papadahandi, Ph: 9777522522; Padampur, Ph: 8018066999, 06857-266066; Jharigoan, Ph: 7326992266, 9777655520.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ